R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୪
ତିଥି : ଅଷ୍ଟମୀ
୧୭ ଫେବୃଆରୀ ୨୦୨୪, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 134
17 Feb 2024, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ୟୁନିଫର୍ମ ଲାଗି ହଜାରେ ଟଙ୍କା

ଭୁବନେଶ୍ୱର, ୧୬।୨ (ସବ୍ୟୁ) : ରାଜ୍ୟର ୭୦ ଲକ୍ଷ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟ ୟୁନିଫର୍ମ ପାଇଁ ହଜାରେ ଟଙ୍କା ଲେଖାଏଁ ସହାୟତା ପାଇବେ । ସେହିଭଳି ୧.୫ ଲକ୍ଷ କାର୍ଯ୍ୟନିର୍ବାହୀ କମିଟି, ପରିଚାଳନା କମିଟି ସଦସ୍ୟଙ୍କ ପାଇଁ ମନପସନ୍ଦର ବ୍ଲେଜର କିଣିବା ପାଇଁ ପ୍ରତ୍ୟେକ ସଦସ୍ୟାଙ୍କୁ ୨ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ସ୍ୱୟଂସହାୟକ ଗୋଷ୍ଠୀମାନେ ନିଜ ପସନ୍ଦର ୟୁନିଫର୍ମ ଚୟନ କରିପାରିବେ । ଏଥିଲାଗି ମିଶନଶକ୍ତି ବିଭାଗକୁ ରାଜ୍ୟ ସରକାର ୭୩୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି । ଉପରୋକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟ୍‌ରେ ୧୦ ବିଭାଗର ୧୨ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍, ମୁଖ୍ୟ ସଚିବ ପ୍ରଦୀପ ଜେନା ସୂଚନା ଦେଇଥିଲେ । ସେମାନେ କହିଥିଲେ ଯେ ୫-ଟି ଶାସନ ଅଧିନରେ ଓଡ଼ିଶା ହେଉଛି ମହିଳା ସଶକ୍ତିକରଣର ଏକ ଅନନ୍ୟ ମଡେଲ । ମିଶନଶକ୍ତି ମହିଳାଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିବଦ୍ଧ । ସେମାନଙ୍କ ପାଇଁ କ୍ୟାବିନେଟ୍‌ରେ ଆଜି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି । ଏହାଛଡା ସରକାରୀ କାର୍ଯ୍ୟ ନିର୍ବାହର ଉନ୍ନତ ଫଳପ୍ରଦ ଓ ସମୟାନୁବର୍ତ୍ତିତା ନିୟନ୍ତ୍ରଣ, ସଠିକ୍ ମାର୍ଗ ଦର୍ଶନ, ଡକ୍ୟୁମେଣ୍ଟେସନ୍‌ର ସୁବିଧା ନିମନ୍ତେ ପଞ୍ଚାୟତ ସମିତି, ଜିଲ୍ଲା ଓ ପଞ୍ଚାୟତରେ ଆକାଉଣ୍ଟାଣ୍ଟ କମ୍ ଡାଟାଏଣ୍ଟ୍ରି ଅପରେଟର ନିଯୁକ୍ତି ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିଲାଗି ୭୧୪୨ ପଦବୀ ସୃଷ୍ଟି କରାଯାଇଛି । ଗ୍ରାମ ରୋଜଗାର ସେବକଙ୍କ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଆକାଉଣ୍ଟାଣ୍ଟ କମ୍ ଡାଟାଏଣ୍ଟ୍ରି ଅପରେଟରରେ ୩୦% ପଦବୀରେ ତାଙ୍କୁ ମନୋନୀତ କରାଯିବ । ଅବଶିଷ୍ଟ ୭୦% ପଦବୀ ଏକ ସ୍ୱାଧୀନତ ସଂସ୍ଥା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ମାଧ୍ୟମରେ ପ୍ରତ୍ୟେକ୍ଷ ନିଯୁକ୍ତି ଦ୍ୱାରା ପୂରଣ କରାଯିବ । ଯେଉଁ ଗ୍ରାମ ରୋଜଗାର ସେବକମାନେ କ୍ରମାଗତ ୫ ବର୍ଷ କାମ କରିଥିବେ ଓ ଅନ୍ୟାନ୍ୟ ଯୋଗ୍ୟତା ପୂରଣ କରିଥିଲେ ସେମାନଙ୍କୁ ଖାଲି ପଦବୀରେ ନିଯୁକ୍ତି ଦିଆଯିବ ।

ଏହାଛଡା କ୍ୟାବିନେଟ୍ ମଧ୍ୟ ନୂଆ-ଓ ଛାତ୍ରବୃତ୍ତିକୁ ଅନୁମୋଦନ କରିଛନ୍ତି । ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ପାଉଥିବା ଛାତ୍ରଛାତ୍ରୀ ଏବଂ ନିର୍ମାଣ ଶ୍ରମିକଙ୍କ ପୁଅ-ଝିଅ ମଧ୍ୟ ଏହି ବୃତ୍ତି ପାଇଁ ଆବେଦନ କରିପାରିବେ । କାଳିଆ ବୃତ୍ତି ପାଉଥିଲେ ଏହି ଯୋଜନାରୁ ଲାଭ ପାଇପାରିବେ ନାହିଁ । ଡିବିଟି ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ବୃତ୍ତି ଅର୍ଥ ପଠାଯିବ । ପ୍ରତିବର୍ଷ ୫ ଲକ୍ଷ ୮୦ ହଜାର ପିଲା ଏହାର ଲାଭାର୍ଥି ହେବେ । ୨୦୨୩-୨୪ ଆର୍ଥିକ ବର୍ଷରୁ ୨୦୨୭-୨୮ ମଧ୍ୟରେ ୩୨୦୧.୦୮ କୋଟି ଟଙ୍କା ବ୍ୟୟ କରାଯିବ । ସେହିଭଳି ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନାକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି ଯୋଜନାରେ ୫୦ ରୁ ୮୦ ବର୍ଷ ମଧ୍ୟରେ ବୁଣାକାରମାନଙ୍କୁ ୨୦୦୦ ଟଙ୍କା ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ୨୫୦୦ ଟଙ୍କା ସହାୟତା ଦିଆଯିବ । ତେବେ ପରିବାରର (୯ ପୃଷ୍ଠାରେ)

- ୧.୫ ଲକ୍ଷ କାର୍ଯ୍ୟନିର୍ବାହୀ କମିଟି ଓ ପରିଚାଳନା କମିଟି ସଦସ୍ୟାଙ୍କ ବ୍ଲେଜର ଲାଗି ୨୦୦୦ ଟଙ୍କା
- ମୋଟ୍ ବ୍ୟୟ ହେବ ୭୩୦ କୋଟି ଟଙ୍କା
- କ୍ୟାବିନେଟ୍‌ରେ ୧୨ ପ୍ରସ୍ତାବକୁ ଅନୁମୋଦନ
- ପ୍ରତି ପଞ୍ଚାୟତରେ ରହିବେ ଆକାଉଣ୍ଟାଣ୍ଟ କମ୍ ଡାଟାଏଣ୍ଟ୍ରି ଅପରେଟର
- ସମୁଦାୟ ୭୧୪୨ ପଦବୀ ସୃଷ୍ଟି କରାଗଲା
- ଜିଆର୍‌ଏସ୍‌ମାନଙ୍କ ଲାଗି ୩୦% ସଂରକ୍ଷଣ
- ନୂଆ-ଓ ବୃତ୍ତିକୁ ଅନୁମୋଦନ
- କୁଳତା ସମାଜକୁ ପୁରୀରେ ଧର୍ମଶାଳା ଲାଗି ୧ ଏକର ଜମି
- ମୁଖ୍ୟମନ୍ତ୍ରୀ ବୁଣାକାର ଓ କାରିଗର ସହାୟତା ଯୋଜନାକୁ ଅନୁମୋଦନ

### ୬ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ

# ଜୀବନଯାତ୍ରାକୁ ସହଜ କରିବ, ସମୃଦ୍ଧି ଆଣିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୨ (ସବ୍ୟୁ) : ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସିଂ ଜରିଆରେ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର ଓ ନୟାଗଡ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ । ଲକ୍ଷ୍ମୀ ବସ୍ ଆମର ଜୀବନ ଯାତ୍ରାକୁ ସହଜ କରିବ, ଘରେ ଘରେ ସମୃଦ୍ଧି ଆଣିବ ।



ମୋ ସରକାର ହେଉଛି ଲୋକଙ୍କ ସରକାର । ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଓଡିଶା ସରକାର ଯୋଜନା କରନ୍ତି । ୫-ଟି ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ ଏବଂ ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଆଜିର ଶୁଭାରମ୍ଭ ପରେ ୬ଟି ଜିଲ୍ଲାର ୧୩୬୩ଟି ପଞ୍ଚାୟତରେ ୧୯୮ଟି ବସ୍ ଚାଲିଲା । ଏହା ଦ୍ୱାରା ୭୫ ଲକ୍ଷରୁ ଅଧିକ ଲୋକ ଉପକାର ପାଇଲେ । ଖୋର୍ଦ୍ଧାର ୧୫୪ଟି ପଞ୍ଚାୟତରେ ୨୨ଟି ବସ୍ ଚାଲିଲା ଏବଂ, ୧୫.୫୦ଲକ୍ଷ ଲୋକ ଉପକୃତ ହେଲେ । ପୁରୀର ୨୬୮ଟି ପଞ୍ଚାୟତରେ ୪୪ଟି ବସ୍ ଚାଲିଲା ଏବଂ ୧୪ ଲକ୍ଷ ୬୦ ହଜାର ଲୋକ ଉପକୃତ ହେଲେ । (୯ ପୃଷ୍ଠାରେ)

- ଲକ୍ଷ୍ମୀ ବସ୍ ସାରା ରାଜ୍ୟର ସମ୍ପତ୍ତି, ନିଜ ସମ୍ପତ୍ତି ଭାବି ରକ୍ଷଣାବେକ୍ଷଣ କରନ୍ତୁ : ୫-ଟି ଅଧ୍ୟକ୍ଷ
- ୬ ଜିଲ୍ଲାର ୧୩୬୩ ପଞ୍ଚାୟତରେ ୧୯୮ ବସ୍ ଚାଲିବ
- ୭୫ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ

# ଆନ୍ଦୋଳନକୁ ଜୋରଦାର କରିବ ସଂଯୁକ୍ତ କିଷାନ ମୋର୍ଚ୍ଚା

ନୂଆଦିଲ୍ଲୀ, ୧୬।୨ : କୃଷକମାନଙ୍କ ପକ୍ଷରୁ ଆଜି ଦିଆଯାଇଥିବା ବନ୍ଦ ଡାକରା ସମୟରେ ପୋଲିସ ପକ୍ଷରୁ ଟିୟର ଗ୍ୟାସ ମାଡ କରାଯାଇଛି । ଶମ୍ଭୁ ସୀମାରେ ଜଣେ ୬୩ବର୍ଷୀୟ କୃଷକ ହୃଦଘାତରେ ପ୍ରାଣ ହରାଇଥିବା ଜଣାପଡିଛି । ହରିଆଣା ସୀମାରେ ଶମ୍ଭୁ ନିକଟରେ ଅମ୍ବଲା ଦେଇ ଯାତ୍ରା ପାସ୍ କଲାବେଳେ ସଂଯୁକ୍ତ କୃଷକ ଜ୍ଞାନ ସିଂ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ତୁରନ୍ତର ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା ଓ ସେଠରେ ତାଙ୍କର ମୃତ୍ୟୁ ହୋଇଛି ।



କୃଷକଙ୍କ ପକ୍ଷରୁ ଦିଲ୍ଲୀ ଚଲୋ ଡାକରା ଦିଆଯାଇଛି । ଫେବୃଆରୀ ୧୩ରୁ ଏହା ଆରମ୍ଭ ହୋଇଛି । ଆଜି କୃଷକମାନଙ୍କ ପକ୍ଷରୁ ଗ୍ରାମୀଣ ଭାରତ ବନ୍ଦ ଡାକରା ଦିଆଯାଇଥିଲା । ପଞ୍ଜାବ ଓ ହରିଆଣାର ଶମ୍ଭୁ ଓ ଖନୁଓ୍ୱାରୀ ସୀମାରେ କୃଷକମାନେ ପ୍ରତିବାଦ କରୁଛନ୍ତି । ଏଠାରେ ସେମାନଙ୍କ ଉପରକୁ ଟିୟର ଗ୍ୟାସ ମାଡ କରାଯାଉଛି । ଭାରତ କିଷାନ ୟୁନିୟନ ନେତା ପବନ ଖଟନା କହିଛନ୍ତି ଯେ ଆମେ ଗୋଟିଏ ଦିନ କାର୍ଯ୍ୟ ବନ୍ଦ କରି ସରକାରଙ୍କ ଉପରେ ଚାପ ପକାଇବା (୯ ପୃଷ୍ଠାରେ)

- ଭାରତବନ୍ଦ ଆନ୍ଦୋଳନବେଳେ ହୃଦ୍‌ଘାତରେ ଚାଷୀଙ୍କ ମୃତ୍ୟୁ

## ୧୨ କୋଟି ଠକେଇ, ଆରମଦା ବଜାର ମାଲିକ ଗିରଫ

ଭୁବନେଶ୍ୱର, ୧୬।୨ (ସବ୍ୟୁ): ଠକେଇ ଅଭିଯୋଗରେ ଏମ୍/ଏସ୍ ଆରମଦା ବଜାର ପିଭିଟି/ଏଲ୍‌ଟିଡର ମାଲିକ ପର୍ଶୁରାମ ରାଜନେତ୍ ଭାଇପାଲକୁ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରି ଟ୍ରାଞ୍ଜିଟ ରିମାଣ୍ଡରେ ଆଣିଛି । ରତୁରାଜ ମହାନ୍ତି ଇଓଡବ୍ଲ୍ୟୁରେ ଏତଲା କରିବା ପରେ ପଙ୍କଜ କୁମାର ପରିଡା ନାମକ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ସେ ଜେଲରେ ଥିବାବେଳେ ମାଲିକ ପାଲକୁ ଗିରଫ କରିଛି ଇଓଡବ୍ଲ୍ୟୁ । ରତୁରାଜ ମହାନ୍ତି ୧.୨୬କୋଟି ଟଙ୍କାର ଠକେଇର ଶୀକାର ହୋଇଥିବା (୯ ପୃଷ୍ଠାରେ)

## ଜ୍ୱେଲରୀ ସୋ'ରୁମ ମାଲିକଙ୍କୁ ଗୁଳିମାଡ଼

ସମ୍ବଲପୁର, ୧୬।୨ (ସବ୍ୟୁ) : ଶୁକ୍ରବାର ଦିନ ଦ୍ୱିପ୍ରହରରେ ସମ୍ବଲପୁର ସହର ଧନୁପାଲି ଥାନା ଅନ୍ତର୍ଗତ ଗୋବିନ୍ଦତୋଲା-ଧନୁପାଲି ମୁଖ୍ୟରାସ୍ତାରେ ଥିବା ଏକ ଜ୍ୱେଲରୀ ସୋ'ରୁମ୍‌ର ମାଲିକଙ୍କୁ ଦୁର୍ବୃର୍ତମାନେ ଗୁଳିମାଡ଼ କରିଛନ୍ତି। ତାଙ୍କ ନାମ ସୁଜିତ ସ୍ୱର୍ଣ୍ଣକାର । ସୂଚନା ଅନୁସାରେ ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ'ନ୍ୟୁ ପାୟଲ ଜ୍ୱେଲର୍ସ'ରେ କିଛି ଦୁର୍ବୃତ୍ତ ବାଇକରେ ଆସି ପହଞ୍ଚି ଥିଲେ। ସେହି ସମୟରେ ଗହଣା ଦୋକାନରେ ମାଲିକ ସୁଜିତ ସୋନାରଙ୍କ ସହିତ କିଛି କର୍ମଚାରୀ ଓ ଗ୍ରାହକ ମଧ୍ୟ ଥିଲେ। ଦୁର୍ବୃତ୍ତମାନେ (୯ ପୃଷ୍ଠାରେ)

# କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କଲା ଆଇଟି

ନୂଆଦିଲ୍ଲୀ, ୧୬।୨ କଂଗ୍ରେସର ବ୍ୟାଙ୍କ ଖାତାକୁ ଆୟକର ବିଭାଗ ପକ୍ଷରୁ ଅଚଳ କରିଦଆଯାଇଛି । କଂଗ୍ରେସ ନୁହେଁ ଯୁବ କଂଗ୍ରେସର ମୁଖ୍ୟ ବ୍ୟାଙ୍କ ଖାତାକୁ ମଧ୍ୟ ବନ୍ଦ କରିଦିଆଯାଇଛି । ଫଳରେ ଦଳ ଏବେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛି । ଏହି ନିଷ୍ପତ୍ତି ବିରୋଧରେ ଦଳ ପକ୍ଷରୁ ଆୟକର ବିଭାଗ ଅପୋଲେଟ ଟ୍ରବ୍ୟୁନାଲରେ ଆବେଦନ କଲାପରେ ଆକାଉଣ୍ଟକୁ ଖୋଲାଯାଇଛି ଓ ଆସନ୍ତା ସପ୍ତାହରେ ଶୁଣାଣି ହେବ ।



କଂଗ୍ରେସ ପକ୍ଷରୁ କହାଯାଇଛି ଯେ, ଦଳ ଖାତାରେ ୧୧୫କୋଟି ଟଙ୍କା ରହିଛି । ଦଳର କୋଷାଧ୍ୟକ୍ଷ ଅଜୟ ମାର୍କେଣ୍ଡ କହିଛନ୍ତି ଯେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଦଳ ଚାନ୍ଦା ସଂଗ୍ରହ କରିଥିଲା । ଏହା ଲୋକଙ୍କ ଠାରୁ ଅଣାଯାଇଥିଲା । ଆୟକର ବିଭାଗ ପକ୍ଷରୁ ୨୧୦ କୋଟି ଟଙ୍କା ଦାବି କରାଯାଇଛି । ଏଭଳି ପଦକ୍ଷେପ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଓ ଦଳର ନିର୍ବାଚନ ପ୍ରସ୍ତୁତିକୁ ବାଧା ଦେବାପାଇଁ ଉଦ୍ଦିଷ୍ଟ । ବର୍ତ୍ତମାନ କଣ ଦେଶରେ ,ଗୋଟିଏ ଦଳ ଶାସନ କଲାଭଳି ପରିସ୍ଥିତି ସୃଷ୍ଟି ହୋଇଛି । ବିଚାରବିଭାଗ ପ୍ରକ୍ରିୟା ଓ ଲୋକଙ୍କଠାରୁ ଆମେ ନ୍ୟାୟ ଚାହୁଁଛୁ । ଏ ଘଟଣାରେ ମଧ୍ୟ ଆମେ ଆଇନଗତ ପଦକ୍ଷେପ ନେବୁ । ଦଳ ପକ୍ଷରୁ କହାଯାଛି ଯେ ଗତ କାଲି ଆକାଉଣ୍ଟକୁ ଅଚଳ କରିଦିଆଯାଇଥିଲା । ଦଳ ପକ୍ଷରୁ ଦିଆଯାଉଥିବା କୌଣସି ଚେକ୍‌କୁ ଗ୍ରହଣ କରାଯାଉ ନାହିଁ । ୨୦୧୮ -୧୯ରେ ନିର୍ବାଚନ ବର୍ଷରେ ଦଳ ପକ୍ଷରୁ ୪୫ଦିନ ପୂର୍ବରୁ ସବୁ ତଥ୍ୟ ଦିଆଯାଇଥିଲା । । ହେଲେ ଆକାଉଣ୍ଟକୁ ମଧ୍ୟ ଅଚଳ କରି ଦିଆଯାଇଥିଲା । (୯ ପୃଷ୍ଠାରେ)

- ଟ୍ରିବ୍ୟୁନାଲର ହସ୍ତକ୍ଷେପ ପରେ କାର୍ଯ୍ୟକାରୀ
- ଏଭଳି ପଦକ୍ଷେପ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ : କଂଗ୍ରେସ





# ଖାଇବା ସମୟରେ ଦେଖନ୍ତୁନି ଟିଭି

ସାଧାରଣତଃ ପିଲାମାନେ ଖାଇବା ସମୟରେ ଟିଭି ଦେଖିବାର ଅଭ୍ୟାସ ରହିଥାଏ । ଏଭଳି ଅଭ୍ୟାସ ପ୍ରାୟତଃ ପିଲାଙ୍କ ନିକଟରେ ଦେଖିବାକୁ ମିଳିଥାଏ, କିନ୍ତୁ ଏଭଳି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ବର୍ତ୍ତମାନ ବିଶେଷଜ୍ଞମାନେ ମତ ଦେଇଛନ୍ତି । ଛୋଟ ଶିଶୁଠାରୁ ଆରମ୍ଭ କରି ସ୍କୁଲ ଯାଉଥିବା ପିଲା ସମସ୍ତଙ୍କ ନିକଟରେ ଏହି ଲକ୍ଷଣ ଦେଖିବାକୁ ମିଳିଥାଏ । ସାଧାରଣତଃ ଖାଇବା ବେଳେ ଟିଭି କିମ୍ବା ମୋବାଇଲ ଦେଖିବା ଦ୍ୱାରା ସେମାନଙ୍କର ଧ୍ୟାନ ଖାଦ୍ୟ ଛଡା ଅନ୍ୟ ଦିଗପ୍ରତି ଯାଇଥାଏ । ସେମାନେ ନିଜର ଭୋକକୁ ଭୁଲି ମୋବାଇଲ କିମ୍ବା ଟିଭିରେ ଦେଉଥିବା କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦେଇଥାଆନ୍ତି । ତେଣୁ ଏପରି ପରିସ୍ଥିତିରେ ପିଲାମାନେ ଆବଶ୍ୟକତାଠାରୁ କମ ଖାଦ୍ୟ ଖାଇଥାଆନ୍ତି ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ସେହିଭଳି କେତେକଙ୍କ କ୍ଷେତ୍ରରେ ଏହା ଓଲଟା କାମ କରିଥାଏ, ଟିଭି କିମ୍ବା ମୋବାଇଲ ଦେଖି ସେମାନେ ଅଧିକ ଖାଇଦେଇଥାଆନ୍ତି । ଯାହା ଫଳରେ ବିଭିନ୍ନ ପେଟ ସମସ୍ୟା ହେବାର ଆଶଙ୍କା ରହିଥାଏ । ତେଣୁ ଖାଇବା ସମୟରେ ମୋବାଇଲ ଓ ଟିଭିକୁ ଅଲଗା କରିବା ଦ୍ୱାରା ଆମେ ସେମାନଙ୍କର ଏକ ହେଲ୍‌ଦି ଆଟିଚୁଡ୍ ଡେଭଲପ୍ କରିଥାଉ । ତେଣୁ ପିଲାଙ୍କୁ ଖାଇବାକୁ ଦେବା ସମୟରେ ଯଥା ସମ୍ଭବ ଚେଷ୍ଟା କରନ୍ତୁ ସେମାନଙ୍କ ପାଖରୁ ଡିଜିଟାଲ ସ୍କ୍ରିନ୍‌କୁ ଦୂରେଇ ରଖିବେ । ଯଥା ସମ୍ଭବ ଚେଷ୍ଟା କରନ୍ତୁ ଖାଇବା ସମୟରେ ନିଜେ ଟିଭି ଦେଖିବେନି କି ପିଲାଙ୍କୁ ମଧ ଟିଭି ଦେଖିବାକୁ ଦେବେ ନାହିଁ ।



# ୧୬ ବର୍ଷ ଧରି ଟାଇପ୍



ରେକର୍ଡ ଆଶାରେ ସମସ୍ତେ ବିଭିନ୍ନ କାର୍ଯ୍ୟ କରିଥାଆନ୍ତି । ଅନେକ ସମୟରେ ବିଭିନ୍ନ ଅଜବ ରେକର୍ଡ ସୋସିଆଲ ମିଡିଆରେ ଭାଇରାଲ ହୋଇଥାଏ । ବର୍ତ୍ତମାନ ସେହିଭଳି ଏକ ରେକର୍ଡ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଅଷ୍ଟ୍ରେଲିଆର ଲେସ୍ ଷ୍ଟେୱାର୍ଟ ସେହିଭଳି ଏକ ଅଜବ ରେକର୍ଡ ନିଜ ନାଁରେ ସାମିଲ କରିଛନ୍ତି । ସେ ଏକରୁ ମିଲିଅନ୍ ପର୍ଯ୍ୟନ୍ତ ସଂଖ୍ୟାକୁ ଶବ୍ଦରେ ଟାଇପ୍ କରି ରେକର୍ଡ କରିଛନ୍ତି । ଏହି କାର୍ଯ୍ୟ କରିବାକୁ ତାଙ୍କୁ ପାଖାପାଖି ୧୬ ବର୍ଷ ଲାଗିଲା । ସେ ଏହି ରେକର୍ଡ ୧୯୮୨ ମସିହାରେ ଆରମ୍ଭ କରି ୧୯୯୮ ମସିହାରେ ସାରିଥିଲେ । ସେ ଏହି ଟାଇପ୍‌କୁ ଟାଇପ୍ ରାଇଟର ସହାୟତାରେ କରିଛନ୍ତି, ଯେଉଁଥିରେ ସେ ୧୯,୯୯୦ଟି ଏଫୋର୍ ସାଇଜ୍ କାଗଜ ବ୍ୟବହାର କରିଛନ୍ତି । କେବଳ ଏତିକି କାଗଜ ନୁହେଁ ସେ ଏଥିପାଇଁ ଏକ ହଜାର ଇଙ୍କ୍ ରିବନ୍ ବ୍ୟବହାର କରିଛନ୍ତି । ଗିନିଜ୍ ୱାର୍ଲ୍ଡ ରେକର୍ଡର ଅଫିସିଆଲି ୱେବ୍‌ସାଇଟ୍ ପକ୍ଷରୁ ଏନେଇ ସୋସିଆଲ ସାଇଟ୍ ଏକ୍ସ ଯୋଗେ ସୂଚନା ଦିଆଯାଇଛି । ଲୋକମାନେ ତାଙ୍କର ଧର୍ଯ୍ୟକୁ ବେଶ୍ ପ୍ରଶଂସା କରିଛନ୍ତି ।


Continued/ Page 18,490.

nine hundred and twenty-nine thousand, nine hundred and fifty-one.
nine hundred and twenty-nine thousand, nine hundred and fifty-two.
nine hundred and twenty-nine thousand, nine hundred and fifty-three.
nine hundred and twenty-nine thousand, nine hundred and fifty-four.
nine hundred and twenty-nine thousand, nine hundred and fifty-five.
nine hundred and twenty-nine thousand, nine hundred and fifty-six.
nine hundred and twenty-nine thousand, nine hundred and fifty-seven.
nine hundred and twenty-nine thousand, nine hundred and fifty-eight.
nine hundred and twenty-nine thousand, nine hundred and fifty-nine.
nine hundred and twenty-nine thousand, nine hundred and sixty.
nine hundred and twenty-nine thousand, nine hundred and sixty-one.
nine hundred and twenty-nine thousand, nine hundred and sixty-two.
nine hundred and twenty-nine thousand, nine hundred and sixty-three.
nine hundred and twenty-nine thousand, nine hundred and sixty-four.
nine hundred and twenty-nine thousand, nine hundred and sixty-five.
nine hundred and twenty-nine thousand, nine hundred and sixty-six.
nine hundred and twenty-nine thousand, nine hundred and sixty-seven.
nine hundred and twenty-nine thousand, nine hundred and sixty-eight.
nine hundred and twenty-nine thousand, nine hundred and sixty-nine.
nine hundred and twenty-nine thousand, nine hundred and seventy.
nine hundred and twenty-nine thousand, nine hundred and seventy-one.
nine hundred and twenty-nine thousand, nine hundred and seventy-two.
nine hundred and twenty-nine thousand, nine hundred and seventy-three.
nine hundred and twenty-nine thousand, nine hundred and seventy-four.
nine hundred and twenty-nine thousand, nine hundred and seventy-five.
nine hundred and twenty-nine thousand, nine hundred and seventy-six.
nine hundred and twenty-nine thousand, nine hundred and seventy-seven.
nine hundred and twenty-nine thousand, nine hundred and seventy-eight.
nine hundred and twenty-nine thousand, nine hundred and seventy-nine.

## ଇତିହାସ

୧୮୭୮– ସାନ୍ ଫ୍ରାନ୍‌ସିସ୍କୋରେ ପ୍ରଥମ ଥର ପାଇଁ ଟେଲିଫୋନ୍ ଏକ୍ସଚେଞ୍ଜ୍ ଖୋଲାଗଲା ।

୧୮୮୨– ସିଡ୍‌ନୀ କ୍ରିକେଟ୍ ଗ୍ରାଉଣ୍ଡ୍‌ରେ ପ୍ରଥମ ଟେଷ୍ଟମ୍ୟାଚ୍ ଖେଳାଗଲା ।

୧୯୧୫– ଜାତିର ପିତା ମହାତ୍ମା ଗାନ୍ଧୀ ପ୍ରଥମ ଥର ପାଇଁ ଶାନ୍ତିନିକେତନ ଯାତ୍ରା କରିଥିଲେ ।

୧୯୩୩– ଆମେରିକାର ସାପ୍ତାହିକ ପତ୍ରିକା ନ୍ୟୁଜ୍‌ୱିକ୍ ପ୍ରକାଶିତ ହେଲା ।

୧୯୩୪– ପର୍ବତାରୋହଣ ସମୟରେ ବେଲଜିଅମ୍ ରାଜା ଆଲବର୍ଟ ପ୍ରଥମଙ୍କ ଦେହାନ୍ତ ।

୧୯୪୭– ସୋଭିଏତ ସଙ୍ଘରେ ଭଏସ୍ ଅଫ୍ ଆମେରିକାର ପ୍ରସାରଣ ଆରମ୍ଭ କରାଗଲା ।

୨୦୦୪– ଫୁଲନଦେବୀ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସମଶେର ସିଂହ ରାଣା ତିହାର ଜେଲ୍‌ରୁ ଫେରାର୍ ହୋଇଗଲେ ।

୨୦୦୫– ପ୍ରସିଦ୍ଧ ସାହିତ୍ୟିକ ତଥା ପତ୍ରକାର ପଣ୍ଡିତ ସୀତାରାମ ଚତୁର୍ବେଦୀଙ୍କ ପରଲୋକ ।

୨୦୦୭– ଆମେରିକାର ତତ୍କାଳୀନ ବିଦେଶ ମନ୍ତ୍ରୀ ହିଲାରୀ କ୍ଲିଣ୍ଟନ୍ ଇରାକରୁ ସୈନିକଙ୍କ ଫେରିଆସିବା ନେଇ ଘୋଷଣା କଲେ ।

## ସୋସିଆଲ କୋଟ୍ସ



ଲାଇଫ୍‌ରେ ଯାହା କିଛି ବି ଚାଲିଲେ ମଧ ମୋ ଝିଅଙ୍କ ପାଇଁ ମୋ ଭଲ ପାଇବା କେବେ ବି କମିବନି । ଏମାନଙ୍କ ପାଇଁ ମୁଁ କିଛି ବି କରିବି । ମୋର ସମସ୍ତ ପରିଶ୍ରମ କେବଳ ସେମାନଙ୍କ ଖୁସି ପାଇଁ ।

**ନୱାଜୁଦିନ୍ ସିଦ୍ଦିକି, ଅଭିନେତା**



ସ୍ଲମ୍‌ଡଗ୍ ମିଲେନିଅରରେ ହୋଷ୍ଟ ଚରିତ୍ର ଖୁବ ବେଇମାନ ଥିଲା । ବଡ ପ୍ରୋଜେକ୍ଟ ହେଲେ ମଧ ଏଭଳି ମତଲବି ଓ ଧୋକା ଦେବା ଭଳି ଚରିତ୍ର କରିବାକୁ ଚାହୁଁନଥିଲି ।

**ଶାହରୁଖ ଖାନ, ଅଭିନେତା**



ମୋତେ ଅନେକ ସମୟରେ ଦର୍ଶକ ଫିଲ୍ମରେ ଡ୍ୟାନ୍ସ କରୁଥିବାର ଦେଖିଥିଲେ । ହେଲେ କେବେ ବି ମୋତେ ଲିଡ୍ ରୋଲ ଅଫର ହୋଇନଥିଲା । ମୁଁ ସବୁବେଳେ ମୋ ଆଖପାଖ ଲୋକଙ୍କୁ କୁହେ କି ଏଭଳି ଦିନ ଆସିବ ଯେତେବେଳେ କୌଣସି ନିର୍ଦ୍ଦେଶକ ମୋତେ ଲିଡ୍ ନେବାର ରିସ୍କ ନେବେ ।

**ନୋରା ଫତେହି, ଅଭିନେତ୍ରୀ**

# ଏଆଇ ହୋଲୋଗ୍ରାମ ସହ ବିବାହ



ଅବିଶ୍ୱସନୀୟ ହେଲେ ବି ସତ । ସ୍ପେନ୍‌ର ଜଣେ ଆର୍ଟିଷ୍ଟ ଏଆଇ ହୋଲୋଗ୍ରାମ୍ ସହିତ ଖୁବ୍‌ଶୀଘ୍ର ବିବାହ କରିବେ ବୋଲି ଜଣାପଡ଼ିଛି । ଇତିହାସରେ ପ୍ରଥମ ଥର ପାଇଁ ଏଭଳି ଏକ ବିରଳ ଘଟଣା ଘଟିବାକୁ ଯାଉଛି । ରିଲ୍ ଲାଇଫ୍‌ରେ ଏଭଳି ଅନେକ କାହାଣୀ ଦେଖିବାକୁ ମିଳୁଥିବାବେଳେ ରିଅଲ୍ ଲାଇଫ୍‌ରେ ବି ଅବିକଳ ଏମିତି ଏକ କାହାଣୀ ନିକଟ ଭବିଷ୍ୟତରେ ଦେଖିବାକୁ ମିଳିବ । ଅଲିସିଆ ଫ୍ରେମିସ୍ ନାମ୍ନୀ ସ୍ପେନ୍‌ର ଜଣେ ପର୍ଫର୍ମିଂ ଆର୍ଟିଷ୍ଟ ଏଆଇ ଦ୍ୱାରା ନିର୍ମିତ ଏକ ହୋଲୋଗ୍ରାମ୍ ସହିତ ଖୁବ୍‌ଶୀଘ୍ର ବିବାହ କରିବେ । ଏହି ହୋଲୋଗ୍ରାମ୍‌କୁ ଏକପ୍ରକାରର ରୋବଟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ ଏହି ବିବାହ ସମ୍ପନ୍ନ ହେବା ପରେ ସେ କୌଣସି ଏଆଇ ହୋଲୋଗ୍ରାମ୍ ସହିତ ବିବାହ ବନ୍ଧନରେ ବାନ୍ଧିହୋଇଥିବା ପ୍ରଥମ ମହିଳା ରୂପେ ପରିଗଣିତ ହେବେ । ରିପୋର୍ଟ ମୁତାବକ, ଅଲିସିଆ ଏହି ବିବାହ ପାଇଁ ଭେନ୍ୟୁ ମଧ ବୁକ୍ କରିସାରିଛନ୍ତି । ତେବେ ଏହି ବିବାହ ରୋଟରଡ୍ୟାମ୍‌ର ଏକ ମ୍ୟୁଜିୟମ୍‌ରେ ହେବ ବୋଲି ଜଣାପଡ଼ିଛି । ସେ ତାଙ୍କ ଭର୍ଚୁଆଲ୍ ପାର୍ଟନରଙ୍କ ନାଁ ଦେଇଛନ୍ତି ଆଲେକ୍ସ, ଯାହାକୁ ସେ ନିଜେ ହିଁ ଡିଜାଇନ୍ କରିଛନ୍ତି । ଆଲେକ୍ସ ଯେମିତି ତାଙ୍କର ପ୍ରତିଟି ଇମୋସନାଲ୍ ନିଡ୍‌କୁ ପୂରା କରିବ, ତାହାକୁ ଦୃଷ୍ଟିରେ ରଖି ମହିଳାଜଣକ ଏହାକୁ ଡିଜାଇନ୍ କରିଛନ୍ତି । ଏହି ହୋଲୋଗ୍ରାମ୍‌କୁ ସେ ଜଣେ ମଧବୟସ୍କ ବ୍ୟକ୍ତି ଭଳି ଡିଜାଇନ୍ କରିଛନ୍ତି । ତେବେ ଏହା କୌଣସି ରୋମାଣ୍ଟିକ୍ ମ୍ୟାରେଜ୍ ହେବ ନାହିଁ, ବରଂ ଏହା ଅଲିସିଆଙ୍କ ଏକ ନୂତନ ପ୍ରୋଜକ୍ଟର ଅଂଶ ହେବ । ଯାହାକୁ ସେ ହାଇବ୍ରିଡ୍ କପଲ୍ ନାଁ ଦେଇଛନ୍ତି ବୋଲି ସୂଚନା ଦିଆଯାଇଛି ।





# ନିଆରା ପ୍ରେମ ବାର୍ତ୍ତା

ଭାଲେଣ୍ଟାଇନ୍ ଡେ'ରେ ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥାଏ । ଲୋକମାନେ ଅନେକ ମାଧ୍ୟମକୁ ବ୍ୟବହାର କରି ନିଜର ଭଲପାଇବାକୁ ପ୍ରକାଶ କରିଥାଆନ୍ତି । ସେହିଭଳି ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ହେଲେ ଏହି ଭିଡିଓକୁ ମିଶ୍ର ପ୍ରତିକ୍ରିୟା ମିଳିଛି । ଭିଡିଓରେ ଗୋଟିଏ ଗାଇକୁ ରଙ୍ଗ କରାଯାଇ ବୁଲା ଯାଉଛି । ଗାଇଟି ଉପରେ ବିଭିନ୍ନ ରଙ୍ଗ ବ୍ୟବହାର କରି ଗୋଟିଏ ପୁଅ ଓ ଝିଅଙ୍କର ଚିତ୍ର ଅଙ୍କା ଯାଇଛି । ଯେଉଁଥିରେ ପୁଅଟି ଝିଅକୁ ଫୁଲ ଦେଉଛି । ତେବେ ଏହି ଭଡିଓରେ ଅଙ୍କା ଯାଇଥିବା ଆର୍ଟର ସମସ୍ତେ ପ୍ରଶଂସା କରୁଛନ୍ତି । ହେଲେ ଗାଇଟି ଉପରେ କାଳେ ଏହି ରଙ୍ଗର କୌଣସି ସ୍ୱାସ୍ଥ୍ୟଗତ ଖରାପ ପ୍ରଭାବ ପଡିବ ସେନେଇ କେତେ ୟୁଜର୍ସ ଚିନ୍ତା ମଧ ପ୍ରକଟ କରିଛନ୍ତି । ସେହିଭଳି କେତେ ୟୁଜର୍ସ ଏଭଳି କ୍ରିଏଟିଭିଟିକୁ ପସନ୍ଦ କରିଛନ୍ତି । ଡିଜିଟାଲ ଦୁନିଆରେ ଏଭଳି ଆଟିଷ୍ଟିକ୍ ଉଇସ୍‌କୁ ସମସ୍ତେ ପସନ୍ଦ କରିବାରେ ଲାଗିଛନ୍ତି ।



# ଗିନିଜ୍ ବୁକ୍‌ରେ ଅଜବ ରେକର୍ଡ

ବିଭିନ୍ନ ସମୟରେ ଲୋକେ ଅନେକ ଅଜବ କର୍ତ୍ତୃତ୍ୱ ଦେଖାଇଥାଆନ୍ତି, ଯାହାକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗିଥାଏ । ସେହିଭଳି ବର୍ତ୍ତମାନ ଅନ୍ୟ ଏକ ଅଜବ ରେକର୍ଡ ବିଷୟରେ ଜଣାପଡ଼ିଛି । ଜଣେ ବ୍ୟକ୍ତି ଅଣ୍ଡରୱିଅର୍ ବା କଚ୍ଛା ପିନ୍ଧି ଗିନିଜ୍ ବିଶ୍ୱ ରେକର୍ଡରେ ନିଜକୁ ସାମିଲ କରିଛନ୍ତି । ଅଷ୍ଟ୍ରେଲିଆର ନିବାସୀ ନିକୋଲସ୍ ମାନିଙ୍ଗ୍ ୧୩.୦୩ ସେକେଣ୍ଡ୍‌ରେ ୧୦ ଯୋଡ଼ା କଚ୍ଛା ପିନ୍ଧି ଏହି ରେକର୍ଡ କରିଛନ୍ତି । ଗିନିଜ୍ ୱାର୍ଲ୍ଡ ରେକର୍ଡ ପକ୍ଷରୁ ଇନ୍‌ଷ୍ଟାଗ୍ରାମ୍‌ରେ ଏହି ସମୟର ଏକ ଭିଡିଓକୁ ମଧ ଅପଲୋଡ୍ କରାଯାଇଛି । ଯାହାକୁ ଦେଖି ୟୁଜର୍‌ମାନେ ମଜାଳିଆ କମେଣ୍ଟ ଦେଇଛନ୍ତି । ସେହିପରି ଏହି ଭିଡିଓଟି ବେଶ୍ ଭାଇରାଲ୍ ହେବାରେ ଲାଗିଛି । ବର୍ତ୍ତମାନ ସୁଦ୍ଧା ଏହାକୁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଦେଖିସାରିଥିବାବେଳେ ପ୍ରାୟ ୬ ଲକ୍ଷ ଲୋକ ଲାଇକ୍ କରିଛନ୍ତି ।



# ମିଳୁନି ସ୍କ୍ରିପ୍ଟ

୨୦୨୨ରେ ରିଲିଜ୍ ହୋଇଥିଲା ଫିଲ୍ମ 'ଭୁଲ ଭୁଲେୟାଁ –୨', ଯେଉଁଥିରେ ଲିଡ୍‌ରେ ନଜର ଆସିଥିଲେ କାର୍ତ୍ତିକ ଆରିୟନ । ଫିଲ୍ମ ରିଲିଜ୍ ପୂର୍ବରୁ ଫ୍ୟାନମାନେ ଅକ୍ଷୟ କୁମାରଙ୍କୁ ମିସ୍ କରିଥିଲେ । ଅନେକ ଅକ୍ଷୟଙ୍କୁ ଏଥିରେ ଲିଡ୍‌ର ଆଣିବାକୁ ପରାମର୍ଶ ମଧ ଦେଇଥିଲେ । ହେଲେ ରିଲିଜ୍ ପରେ ସମସ୍ତେ ଫିଲ୍ମଙ୍କୁ ପସନ୍ଦ କରିବା ସହିତ କାର୍ତ୍ତିକଙ୍କର ଅଭିନୟର ମଧ ପ୍ରଶଂସା କରିଥିଲେ । ସୂଚନା ଅନୁସାରେ ବର୍ତ୍ତମାନ ଏହାର ତୃତୀୟ ଭାଗ ପରଦାକୁ ଆସିବାକୁ ଯାଉଛି । ଏଥିରେ ମଧ କାର୍ତ୍ତିକ ଆରିୟନ ଲିଡ୍‌ରେ ନଜର ଆସିବେ । ତେବେ ଅକ୍ଷୟ କୁମାରଙ୍କୁ ନେଇ ଫିଲ୍ମର ନିର୍ଦ୍ଦେଶକ ଅନୀସ ବଜ୍‌ମିଙ୍କ ମତ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ସେ ଅକ୍ଷୟ କୁମାରଙ୍କ ସହିତ କାମ କରିବାକୁ ଚାହୁଁଛନ୍ତି , ହେଲେ ତାଙ୍କ ପାଇଁ ସ୍କ୍ରିପ୍ଟ ପ୍ରସ୍ତୁତ କରିପାରୁନଥିବା ନେଇ ପ୍ରକାଶ କରିଛନ୍ତି । ଭବିଷ୍ୟତରେ ସେ ଏଭଳି ସ୍କ୍ରିପ୍ଟକୁ ନେଇ ଫିଲ୍ମ ନିର୍ମାଣ କରିବେ ଯାହାକୁ ଅକ୍ଷୟ କୁମାର ନା କରିପାରିବେ ନାହିଁ ବୋଲି ସେ ମତ ଦେଇଛନ୍ତି । ତେବେ ଅକ୍ଷୟଙ୍କ ବିନା 'ଭୁଲ ଭୁଲେୟାଁ –୩'କୁ ଦର୍ଶକ କେତେ ଭଲ ପାଇବା ଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

# କେରଳ ଚିଲି ମଟନ

**ସାମଗ୍ରୀ–** ମଟନ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, ଲେମ୍ବୁ ରସ, ରସୁଣ, ପିଆଜ, କଞ୍ଚାଲଙ୍କା, ଟମାଟୋ, ଗରମ ମସଲା, ଗୋଲମରିଚ ଗୁଣ୍ଡ,ଅଦା ରସୁଣ ପେଷ୍ଟ ଭୃସଙ୍ଗପତ୍ର ଅଳ୍ପ ।

**ପ୍ରଣାଳୀ–** ପ୍ରଥମେ ପ୍ୟାନରେ କିଛି ନଡିଆ ତେଲ ପକାନ୍ତୁ ପରେ ଏଥିରେ କଟା ହୋଇଥିବା କଞ୍ଚା ଲଙ୍କା, ଅଦାରସୁଣ ପେଷ୍ଟ, ଲେମ୍ବୁ ରସ ଓ ମଟନ ପକାଇ କୁକର୍‌ରେ ମଟନକୁ ସିଝାନ୍ତୁ । ଏହାପରେ ମଟନକୁ କାଢି ପୁଣି ସେହି କୁକର୍‌ରେ ତେଲ ପକାଇ ସମସ୍ତ କଟା ମସଲା ଯେପରି ଭୃସଙ୍ଗ ପତ୍ର, ପିଆଜ ଆଦି ପକାଇ ଭାଜନ୍ତୁ । ଏଥିରେ ସମସ୍ତ ଗୁଣ୍ଡ ମସଲା ପକାଇ ଭଲକରି ଗୋଳାନ୍ତୁ । ଏହାପରେ ଏଥିରେ ଟମାଟୋ ବଟା ଦେଇ ଭାଜନ୍ତୁ । ଭାଜିହେବା ପରେ ଏଥିରେ ସିଝା ହୋଇ ରହିଥିବା ମଟନ ପକାଇ ଗୋଳାନ୍ତୁ । ଅଳ୍ପ ସମୟ ଫୁଟିବା ପରେ ଏଥିରେ ଧନିଆ ପତ୍ର ପକାଇ ପରଷନ୍ତୁ କେରଳ ଚିଲି ମଟନ ।





ରିପବ୍ଲିକ ଅଫ୍ ଗୁଟେମାଲାର ପୂର୍ବତନ ଉପରାଷ୍ଟ୍ରପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି







ପାରାଦୀପରେ ଜେଏସ୍‌ଡବ୍ଲ୍ୟୁର ଇସ୍ପାତ ପ୍ରକଳ୍ପ ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

### ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ ଉଦ୍‌ଘାଟିତ

# ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟ ଓ ପ୍ରାଣୀପାଳନ ବିଷୟରେ ଅବଗତ ହୋଇ ଉପଯୋଗ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର, (ସବ୍ୟୁ) :ରାଜ୍ୟସ୍ତରରେ ଆୟୋଜିତ ତିନିଦିନିଆ ମତ୍ସ୍ୟ-ପ୍ରାଣୀ ସମାବେଶ ଶୁକ୍ରବାର ଅପରାହ୍ଣରେ ଜନତା ମଇଦାନରେ ଉଦଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଭିଡ଼ିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାରେ ପ୍ରଥମ ଥର ଏହି ସମାବେଶ ଆୟୋଜନ କରିଥିବାରୁ 'ମତ୍ସ୍ୟ ଓ ପ୍ରାଣୀସମ୍ପଦ' ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି ।



ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଛି । ସରକାର ରାଜ୍ୟର ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ନୂତନ ଭାବେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏଥିରେ ୧୧ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୫୦ ହଜାର ମତ୍ସ୍ୟଜୀବୀ ସିଧାସଳଖ ଉପକୃତ ହେବେ । ରାଜ୍ୟର ପ୍ରାଣିପାଳକମାନଙ୍କୁ ଉନ୍ନତ ମାନର ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ୧୮୧ ନୂତନ ମୋବାଇଲ୍ ଭେଟେରିନାରୀ ୟୁନିଟ୍ ଭ୍ୟାନ୍‌ର ବ୍ୟବସ୍ଥା କରାଯାଇଛି ଏବଂ ଖୁବ ଶୀଘ୍ର ଆଉ ୧୩୧ ମୋବାଇଲ୍ ଭେଟେରିନାରୀ ୟୁନିଟ୍ ଭ୍ୟାନ୍ ରାଜ୍ୟରେ ସେବା ଯୋଗାଇଦେବ । ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ 'ମତ୍ସ୍ୟ ଓ ପ୍ରାଣିସମ୍ପଦ' ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ୫-'ଟି' କାର୍ଯ୍ୟକ୍ରମ ଅଧୀନରେ ବୈଜ୍ଞାନିକ ପଦ୍ଧତିରେ ଫାର୍ମିଂ ପାଇଁ ନୂଆ ଜ୍ଞାନକୌଶଳର ବ୍ୟବହାର କରାଯାଉଛି । ବାୟୋ-ଫ୍ଲକ୍, କେଜ୍ କଲଚର ମାଛଚାଷ, ସେକ୍ସ ସର୍ଟେଡ୍ ସିମେନ୍ ପଦ୍ଧତି ପରି ନୂଆ ଜ୍ଞାନକୌଶଳ ବ୍ୟବହାର କରି ରାଜ୍ୟ ଚାଷୀମାନଙ୍କ ଆୟ ବହୁଗୁଣିତ କରିବା ଦିଗରେ ପଦକ୍ଷେପ ନିଆଯାଉଛି । ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪' ରେ ସାରା ରାଜ୍ୟରୁ ପ୍ରାୟ ୬୦୦୦ ଚାଷୀ ଭାଇ ଓ ଭଉଣୀମାନେ ଯୋଗ ଦେଉଛନ୍ତି । ଏଥିରେ ଚାଷୀ-ବୈଜ୍ଞାନିକ ଭାବବିନିମୟ, ଲାଇଭ୍ ଆନିମଲ ଓ ଫିସ୍ ଡେମୋନ୍‌ଷ୍ଟ୍ରେସନ୍, ଆଧୁନିକ ଫାର୍ମିଂ ପଦ୍ଧତିର ପ୍ରଦର୍ଶନୀ, ଶ୍ରେଷ୍ଠ ଚାଷୀଙ୍କୁ ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ରଖାଯାଇଛି ବୋଲି ଉଲ୍ଲେଖ କରିବା ସହ ମୁଖ୍ୟମନ୍ତ୍ରୀ ଏହି ସମାବେଶରେ ଯୋଗଦେଇ ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟ ଓ ପ୍ରାଣୀପାଳନ ବିଷୟରେ ଅବଗତ ହୋଇ ତା'ର ଉପଯୋଗ କରିବାକୁ ପରାମର୍ଶ ଦେଇଛନ୍ତି ।

ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ । ମୁଖ୍ୟବକ୍ତା ଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ କହିଲେ ଯେ ରାଜ୍ୟ ସରକାରଙ୍କ ଫ୍ଲାଗ୍‌ସିପ୍ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା ମତ୍ସ୍ୟଚାଷୀ ଓ ପ୍ରାଣିପାଳକଙ୍କ ଜୀବନଧାରଣରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିପାରିଛି । ସମ୍ମାନିତ ଅତିଥି ଭାବେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଲେ ଯେ କୃଷିଭିତ୍ତିକ ଅର୍ଥନୀତିରେ ଆୟବୃଦ୍ଧି ନିମନ୍ତେ ଫସଲ ଚାଷ ସହିତ ପ୍ରାଣିପାଳନ ଓ ମତ୍ସ୍ୟଚାଷ ଏକାନ୍ତ ଅପରିହାର୍ଯ୍ୟ । ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଯୋଗ ଦେଇଥିଲେ । ସମାବେଶରେ ପଦ୍ମଶ୍ରୀ ବିଜେତା ମତ୍ସ୍ୟଚାଷୀ ବଟକୃଷ୍ଣ ସାହୁଙ୍କ ସମେତ ମତ୍ସ୍ୟଚାଷ ଓ ପ୍ରାଣିପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ପାଇଥିବା ୫ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୩୦ଟି ଜିଲ୍ଲାର ଚମ୍ପିଅନ୍ ଚାଷୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଏଥି ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ହିତାଧିକାରୀଙ୍କୁ ସ୍ଥାୟୀ ପୁଂଜିନିବେଶ ଉପରେ ସବ୍‌ସିଡି ରାଶିର ଚେକ୍ ପ୍ରଦାନ କରାଯାଇଥିଲା । ମହିଳା ଚାଷୀ ନମିତା ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମହିଳା ଚାଷୀ ମମତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସେସାର ରେୟେସ ଓ ଗୋବିନ୍ଦ ଭାଇ ଢୋଲକିଆଙ୍କୁ କିସ୍ ଜୀବନବ୍ୟାପୀ ସାଧନା ସମ୍ମାନ

ଭୁବନେଶ୍ୱର (ସବ୍ୟୁ): କିଟ୍ ବିଶ୍ୱବିଦ୍ୟାଳୟର ୨୦ତମ ପ୍ରତିଷ୍ଠା ଦିବସ ଅବସରରେ ଗୁଏତମାଲାର ପୂର୍ବତନ ଉପରାଷ୍ଟ୍ରପତି ସେସାର ଗୁଲେରମୋ କାସିଲେ ରେୟେସ ଓ ଶ୍ରୀ ରାମକ୍ରିଷ୍ଣ ଏକ୍ସପର୍ଟ ପ୍ରାଇଭେଟ୍ ଲିମିଟେଡ୍ର ପ୍ରତିଷ୍ଠାତା ଅଧ୍ୟକ୍ଷ ଗୋବିନ୍ଦ ଭାଇ ଲାଲ୍ଜୀ ଭାଇ ଢୋଲକିଆଙ୍କୁ କିସ୍ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଛି । କିସ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଓ କୁଳପତି ପ୍ରଫେସର ଦୀପକ ବେହେରାଙ୍କ ଉପସ୍ଥିତିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ସମ୍ମାନ ପ୍ରଦାନ କରିଥିଲେ । ଏହି ଅବସରରେ କିସ୍ ଛାତ୍ରଛାତ୍ରୀଙ୍କୁ ଉଦ୍ବୋଧନ ଦେଇ ଶ୍ରୀ ଢୋଲକିଆ କହିଲେ, ପୂର୍ବରୁ ସେ କେବେ ବି ଏତେ ବଡ଼ ଅନୁଷ୍ଠାନ ଓ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଏକାଠି ଦେଖି ନଥିଲେ । ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଗୋଟିଏ ସ୍ଥାନରେ ଏକାଠି ଦେଖିବା ତାଙ୍କ ଜୀବନରେ ପ୍ରଥମ ବୋଲି ସେ କହିଥିଲେ । କିସ୍‌ର ଛାତ୍ରଛାତ୍ରୀମାନେ ଭାଗ୍ୟବାନ ହୋଇଥିବାରୁ ଏଠାରେ ପାଠ ପିବାର ସୁଯୋଗ ପାଇଛନ୍ତି । ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଆଜି ସେ ଜଣେ ଦ୍ୱିତୀୟ ମହାପୁରୁଷଙ୍କ ସାକ୍ଷାତ ପାଇଲେ ବୋଲି ଶ୍ରୀ ଢୋଲକିଆ କହିଥିଲେ । ସେହିପରି ରେୟେସ ତାଙ୍କ ବକ୍ତବ୍ୟରେ ଅଚ୍ୟୁତ ସାମନ୍ତଙ୍କ ଭଳି ବ୍ୟକ୍ତିତ୍ୱ ଆମେ ଆମ ଦେଶରେ ଆବଶ୍ୟକ କରୁଛୁ ବୋଲି କହିଥିଲେ ।



ତାଙ୍କ ଭଳି ଜଣେ ବ୍ୟକ୍ତି ପାଇଲେ ଆମେ କିସ୍ ଭଳି ଏକ ଅନୁଷ୍ଠାନ ତିଆରି କରିପାରିବୁ ଓ ତୁମମାନଙ୍କ ଭଳି ଆମ ଦେଶର ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦାନ କରିପାରିବୁ । ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇ ସେ କହିଲେ ଛାତ୍ରଛାତ୍ରୀମାନେ ଭଲ ସ୍ୱପ୍ନ ଦେଖନ୍ତୁ ଓ ସେଗୁଡ଼ିକୁ ସାକାର କରନ୍ତୁ । ନିଜକୁ ଜଣେ ଜଣେ ଭଲ ନାଗରିକଭାବେ ଗଢ଼ିତୋଳି ପିତାମାତା,ସମାଜ ଓ ଦେଶର ଗୌରବ ବୃଦ୍ଧି କରନ୍ତୁ ବୋଲି ସେସାର ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍ ଡି. ଦେବେଗୌଡ଼ା ମଧ୍ୟ ଏଥିରେ ଯୋଗଦେବା ସ୍ଥିର ହୋଇଥିଲେ ମଧ୍ୟ ଶାରୀରିକ ଅସୁସ୍ଥତା ହେତୁ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରିନଥିଲେ । ତେବେ ସେ ଏକ ବାର୍ତ୍ତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ସୋଆ ଛାତ୍ରଛାତ୍ରୀମାନଙ୍କୁ ସୈନ୍ୟ ରଣନୀତିକାରଙ୍କ ଉପଦେଶ

ଭୁବନେଶ୍ୱର (ସବ୍ୟୁ): ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧର ସେନାନୀ ତଥା ଜଣେ ସେନା ରଣନୀତିକାର ମେଜର ଜେନେରାଲ ଏସ୍.ଭି.ପି ସିଂ ଗୁରୁବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଦର୍ଶନରେ ଆସିଥିଲେ।

ଦୀର୍ଘ ୫ ଦଶନ୍ଧି ଧରି ଭାରତୀୟ ସେନାରେ ନେତୃତ୍ୱ ଦେଇଥିବା ମେଜର ଜେନେରାଲ ସିଂ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ରେ 'ସମସ୍ୟାର ସମ୍ମୁଖୀନ ହେବା ଓ ନେତୃତ୍ୱ ନିମନ୍ତେ ଦକ୍ଷତା ବୃଦ୍ଧି' ଶୀର୍ଷକକୁ ନେଇ ସେନାରେ ତାଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ମୁଁ ଏକ ସେନା ପରିବାରରୁ ଆସିଛି ଏବଂ ସବୁବେଳେ ସେନାବାହିନୀରେ କାର୍ଯ୍ୟ କରିବା ପାଇଁ ଚାହୁଁଥିଲି। ମୁଁ ନ୍ୟାସନାଲ୍ ଡିଫେନ୍ସ ଏକାଡେମୀର ରାଷ୍ଟ୍ରୀୟ ଇଣ୍ଡିଆନ୍ ମିଲିଟାରୀ କଲେଜରେ ଯୋଗ ଦେଇଥିଲି। ୯ ବର୍ଷର ପ୍ରଶିକ୍ଷଣ ପରେ ଅଫିସର ପଦବୀ ପାଇଥିଲି ବୋଲି ସେ କହିଥିଲେ।

ମେଜର ଜେନେରାଲ ସିଂ ଛାତ୍ରଛାତ୍ରୀମାନଙ୍କୁ ଅନ୍ୟମାନଙ୍କ ନିକଟରେ ଉଦାହରଣ ହେବା ସହ ନେତୃତ୍ୱ ନେବା ନିମନ୍ତେ ଦକ୍ଷତା ବୃଦ୍ଧି କରିବାକୁ ଉପଦେଶ ଦେଇଥିଲେ। ନିଜର ଅନୁଭୂତି ବଖାଣି ସେ କହିଥିଲେ ଯେ ସେନାରେ ନେତୃତ୍ୱ ନେଇଥିବା ବ୍ୟକ୍ତିମାନେ ଅଧିକାଂଶ ସମୟରେ କଷ୍ଟକର ସମସ୍ୟାକୁ ସାମ୍ନା କରିଥାନ୍ତି । ସେ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ ଯେ ଜଟିଳ ସମସ୍ୟାଗୁଡ଼ିର ମୁକାବିଲା କରିବା ସହ ସେମାନେ ସବୁବେଳେ ସତ୍ୟ ପଥରେ ଚାଲିବା ଆବଶ୍ୟକ। ମେଜର ଜେନେରାଲ ସିଂ ସୋଆ ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଂଜନ ନାୟକଙ୍କ ସହ ସାକ୍ଷାତ କରିବା ସହିତ ଅନେକ ବିଷୟରେ ଆଲୋଚନା କରିଥିଲେ।



ମେଜର ଜେନେରାଲ ସିଂ ୨୦୦୧ ମସିହାରେ ରାଜସ୍ଥାନର ପୋଖରାନ ଠାରେ ବାୟୁସେନା ସମେତ ଆର୍ଟିଲିରି, ମେକାନାଇଜଡ୍ ଫୋର୍ସ, ଇନ୍‌ଫାନ୍‌ଟ୍ରି ଏବଂ ଆଟାକ୍ ହେଲିକପ୍ଟର ସମେତ ସେନାର ସାମଗ୍ରିକ କମାଣ୍ଡର ଭାବରେ ଭାରତୀୟ ସେନାବାହିନୀର ସର୍ବ ବୃହତ ଯୁଦ୍ଧ ଅଭ୍ୟାସ ପ୍ରଦର୍ଶନକୁ କାର୍ଯ୍ୟକାରୀ କରିଥିଲେ। ସେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଫେନ୍ସ ଷ୍ଟଡିଜ୍ ଆଣ୍ଡ ଆନାଲିସିସ୍ (ଆଇଡିଏସ୍‌ଏ) ଏବଂ ୟୁନାଇଟେଡ୍ ସର୍ଭିସ୍ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଣ୍ଡିଆ (ୟୁଏସ୍‌ଆଇ)ର ସଦସ୍ୟ। ଆଇଟିଇଆର୍‌ରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଇଟିଇଆର୍‌ର ଡିନ୍ ପ୍ରଫେସର ପି.କେ.ସାହୁ ଓ ଆଡିସ୍‌ନାଲ୍ ଡିନ୍ (ପ୍ଲେସ୍‌ମେଂଟ) ଡକ୍ଟର ରାଜକୁମାର ହୋତା ଉପସ୍ଥିତ ଥିଲେ।

## ନାବାଳିକାକୁ ଦୁଷ୍କର୍ମ: ଥାନାରେ ଏତଲା

କଟକ (ସବ୍ୟୁ): ମଧୁପାଟଣା ଥାନା ଅନ୍ତର୍ଗତ ବାଲିସାହି ବସ୍ତିର ଜଣେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ନାବାଳିକାଟିର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାକୁ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି । ଝିଅଟିର ବାପା ଓ ମା ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତକୁ ଗିରଫ କରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଛି ବୋଲି ମଧୁପାଟଣା ଥାନା ଆଇଆଇସି ଚିରଂଜନ ରାଉତ ସୂଚନା ଦେଇଛନ୍ତି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ସରସ୍ୱତୀ ପୂଜା ଦିନ ନାବାଳିକା ଜଣକ କିଛି କିଣିବାକୁ ବଜାରକୁ ଯାଇଥିଲା ବେଳେ ସନ୍ଧ୍ୟା ୭ଟା ଯାଏ ଝିଅ ଘରକୁ ନ ଫେରିବାରୁ ବାପା/ମା ସ୍ଥାନୀୟ ଅଂଚଳରେ ଖୋଜାଖୋଜି କରିଥିଲେ । ତେବେ ନାବାଳିକାଟି ଯେଉଁ ଝିଅ ସହିତ ବଜାରକୁ ଯାଇଥିଲା ସେହି ଝିଅ ଘରୁ ନାବାଳିକାକୁ ପାଇଥିଲେ । ହେଲେ ରାତିରେ ରକ୍ତସ୍ରାବ ହେବାରୁ ଝିଅକୁ ବାପା ଓ ମା ଏସସିବିକୁ ନେଇଥିଲେ । ଝିଅକୁ ଦୁଷ୍କର୍ମ ହୋଇଥିବା ଜଣାପଡିବା ପରେ ସେମାନେ ଥାନାରେ ଏତଲା ଦେଇଥିଲେ । ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ଅନୁସନ୍ଧାନ ଜାରି ରଖିଛି ।

# ମୁଖ୍ୟ ନିର୍ବାଚନ କମିଶନରଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକ

ଭୁବନେଶ୍ୱର,(ସବ୍ୟୁ): ଭାରତ ନିର୍ବାଚନ ଆୟୋଗଙ୍କ ଓଡ଼ିଶା ଗସ୍ତର ପ୍ରଥମ ଦିନରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ କରାଇଥିଲେ । ପ୍ରାରମ୍ଭରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ସମସ୍ତ ପ୍ରକାରର ପ୍ରସ୍ତୁତି ସଂପର୍କରେ ଆୟୋଗଙ୍କୁ ଅବଗତ କରାଇଥିଲେ । ପରେ ମୁଖ୍ୟ ନିର୍ବାଚନ କମିଶନର ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକମାନଙ୍କ ନିର୍ବାଚନ ପ୍ରସ୍ତୁତି ସଂପର୍କରେ ଜିଲ୍ଲାୱାରୀ ସମୀକ୍ଷା କରିଥିଲେ । ହେବାକୁ ଥିବା ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ମୁଖ୍ୟ ନିର୍ବାଚନ କମିଶନର ସଂପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏତଦ୍‌ବ୍ୟତୀତ ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ କୁମାର ସ୍ୱୀକୃତିପ୍ରାପ୍ତ ଜାତୀୟ, ରାଜ୍ୟ ଓ ଆଞ୍ଚଳିକ ରାଜନୈତିକ ଦଳର




କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ରାଜ୍ୟରେ ହେବାକୁ ଥିବା ସାଧାରଣ ନିର୍ବାଚନ ଯେପରି ଅବାଧ, ମୁକ୍ତ, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରାଯାଇପାରିବ, ସେଥି ନିମନ୍ତେ ସମସ୍ତ ରାଜନୈତିକ ଦଳମାନଙ୍କର ସହଯୋଗ ଏକାନ୍ତ କାମ୍ୟ ବୋଲି ମୁଖ୍ୟ ନିର୍ବାଚନ କମିଶନର ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ସମୀକ୍ଷା ବୈଠକରେ ଭାରତର ନିର୍ବାଚନ ଆୟୁକ୍ତ ଅରୁଣ ଗୋଏଲ, ବରିଷ୍ଠ ଉପ ନିର୍ବାଚନ ଆୟୁକ୍ତ ଧର୍ମେନ୍ଦ୍ର ଶର୍ମା ଓ ନିତେଶ ବ୍ୟାସ, ଉପ ନିର୍ବାଚନ ଆୟୁକ୍ତ ମନୋଜ କୁମାର ସାହୁ, ଭାରତର ନିର୍ବାଚନ ଆୟୋଗଙ୍କ ଗଣମାଧ୍ୟମ ମହାନିର୍ଦ୍ଦେଶକ ବି. ନାରାୟଣନ ଏବଂ ଆୟୋଗର ଅର୍ଥନୈତିକ ନିର୍ଦ୍ଦେଶକ ପଙ୍କଜ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ । ସମୀକ୍ଷା ବୈଠକରେ ଉପସ୍ଥିତ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡା. ଏନ. ତିରୁମାଲା ନାୟକଙ୍କ ସମେତ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ, ଆରକ୍ଷୀ ଅଧୀକ୍ଷକ, ରାଜସ୍ୱ ଆୟୁକ୍ତ, ଆରକ୍ଷୀ ମହାନିରୀକ୍ଷକ, ପୋଲିସ କମିଶନର ମାନନୀୟ ନିର୍ବାଚନ ଆୟୋଗଙ୍କ ନିକଟରେ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ ।

# ଉସ୍‌ମାନ ଫେରାଇଲେ ଭ୍ୟାନିଟି ବ୍ୟାଗ୍

ଜଟଣୀ(ସ.ବ୍ୟୁ): ଦୈନିକ ଜରି,କାର୍ଟୁନ୍ ସଂଗ୍ରହ କରି ସ୍ୱଳ୍ପ ରୋଜଗାରରେ ପରିବାର ପ୍ରତିପୋଷଣ କରୁଥିବା ଜଟଣୀ ରଥିପୁର ଗ୍ରାମର ଉସ୍‌ମାନ ସରିଫଙ୍କ ବଦାନ୍ୟତା ଆଜି ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ସ୍ଥାନୀୟ ରେଡଙ୍ଗ କଲୋନୀସ୍ଥିତ ଏନ୍‌ଡିଆର୍‌ସି ଉଚ୍ଚବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରନ୍ତି ୱାଇ ରାଧିକା । ବାଲିଛକ ସାହି ଘରୁ ବାହାରି ସ୍କୁଟରରେ ସ୍କୁଲକୁ ଯାଉଥିବା ବେଳେ ତାଙ୍କର ଭ୍ୟାନିଟି ବ୍ୟାଗଟି ଖସି ପଡ଼ିଥିଲା । ଏହି ବ୍ୟାଗ ମଧ୍ୟରେ ୨ ହଜାର ଟଙ୍କା, ମୋବାଇଲ ଫୋନ୍, ଏଟିଏମ୍ କାର୍ଡ, ବ୍ୟାଙ୍କ ପାସ୍‌ବୁକ, ସ୍କୁଲର ଜରୁରୀ କାଗଜପତ୍ର ରହିଥିଲା । ସ୍କୁଲରେ ପହଂଚିବା ପରେ ବ୍ୟାଗଟି କେଉଁଠାରେ ପଡ଼ିଯାଇଥିବା ଜାଣିବାପରେ ରାଧିକା ବ୍ୟସ୍ତ ହୋଇପଡିଥିଲେ । କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଜରି କାର୍ଟୁନ୍ ଗୋଟାଉଥିବା ଉସ୍‌ମାନ ସରିଫ୍‌ଙ୍କ ପଡିଥିବା ଭ୍ୟାନିଟି ବ୍ୟାଗ ଉପରେ ନଜର ପଡ଼ିଥିଲା । ତାକୁ ଉଠାଇ ପ୍ରଥମେ ଆଖପାଖ ଲୋକଙ୍କୁ ପଚାରିଥିଲେ । ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିବା ପରେ ଅନ୍ୟ ଏକ ମୋବାଇଲରୁ ବ୍ୟାଗ ମଧ୍ୟରେ ଥିବା ତାଙ୍କ ମୋବାଇଲ ନଂକୁ ରାଧିକା ଫୋନ୍ କରିଥିଲେ । ଉସ୍‌ମାନ୍ ଫୋନ୍ ଉଠାଇ ସେ ବ୍ୟାଗଟିକୁ ପାଇଥିବା ଓ ଆସି ନେଇଯିବାକୁ କହିଥିଲେ । ପରେ ଶିକ୍ଷୟିତ୍ରୀ ରାଧିକା ପହଂଚି ତାଙ୍କ ଭ୍ୟାନିଟ୍ ବ୍ୟାଗଟିକୁ ଉସ୍‌ମାନଙ୍କ ଠାରୁ ଗ୍ରହଣ କରିଥିଲେ । ଏଥିପାଇଁ ସେ ଉସ୍‌ମାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ । ଉସ୍‌ମାନ୍ ଗରିବ ହୋଇଥିଲେ ମଧ୍ୟ ତାଙ୍କ ଠାରେ ଥିବା ସଚ୍ଚୋଟ ପଣିଆ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ବୋଲି କହିଥିଲେ ।



## ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଓ ସଂଯୁକ୍ତ କିଷାନ ମୋର୍ଚ୍ଚାର ଧର୍ମଘଟ

କଟକ,( ସବ୍ୟୁ) : ବିଜେପି ପରିଚାଳିତ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ନୀତି ବିରୁଦ୍ଧରେ ଦଶଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଙ୍କ ମିଳିତ ମଞ୍ଚ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରାରେ ଦେଶବ୍ୟାପୀ ଶ୍ରମିକ ଧର୍ମଘଟ ଓ ଗ୍ରାମିଣ ବନ୍ଦ ପରିପ୍ରେକ୍ଷୀରେ କଟକ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ସମାବେଶ ଓ ଧର୍ମଘଟ ହୋଇଥିଲା । ଏହି ଧର୍ମଘଟ ରେ ଏଆଇଟିୟୁସି, ସିଆଇଟିୟୁ, ଏଆଇୟୁଟିୟୁସି, ଏନ୍ ଏଫ୍ ଟି ୟୁ, ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ବିଭିନ୍ନ କର୍ମଚାରୀ ଫେଡେରେସନ ଭାଗ ନେଇଥିଲେ । ଦିଲ୍ଲୀ ସିମାରେ ଆନ୍ଦୋଳନକାରି କୃଷକମାନଙ୍କ ଉପରେ ହଉଥିବା ଦମନ ବନ୍ଦ କରିବା, ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ କରିବା, ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଗ୍ୟାରେଣ୍ଟି ପାଇଁ ଆଇନରେ ପରିଣତ କରିବା, ପେଟ୍ରୋଲ, ଡିଜେଲ ଓ ନିତ୍ୟ ପ୍ରୟୋଜନ ଜିନିଷର ମୂଲ୍ୟ ହ୍ରାସ କରିବା, ରାଷ୍ଟ୍ରାୟତ ଉଦ୍ୟୋଗ ରୁ ପୁଞ୍ଜି ପ୍ରତ୍ୟାହାର ଓ ଘରୋଇକରଣ ବନ୍ଦ କରିବା, ମାସିକ ସର୍ବନିମ୍ନ ମଜୁରୀ ୨୬ ହଜାର କରିବା ଓ ନୂତନ ନିଯୁକ୍ତି ଉପରେ ନିଷେଧାଦେଶ କୁ ପ୍ରତ୍ୟାହାର କରିବା ପ୍ରମୁଖ ଦାବିରେ ଧର୍ମଘଟ ଅନୁଷ୍ଠିତ ହୋଇଥିଲା । ଏହି ଧର୍ମଘଟ ରେ ଶ୍ରମିକ ନେତା ଓ କୃଷକ ନେତା କିଶୋର ଜେନା, ରବିନାରାୟଣ ମଲ୍ଲିକ, ରାଜକିଶୋର ମଲ୍ଲିକ, ଖଗେଶ୍ୱର ସେଠୀ, ରବିନ୍ଦ୍ର ଧଳ, ବିନୋଦ ବେହେରା, ବଦ୍ରିନାରାୟଣ ଦାସ, ସୁଶାନ୍ତ ସାମଲ, ଅଭୟ ସ୍ୱାଇଁ, ସୌଭାଗ୍ୟ ସାମଲ, ଉଜ୍ଜୟିନୀ ଦୀକ୍ଷିତ, ଭାଗ୍ୟଧର ବ୍ରହ୍ମା, ବସନ୍ତ ନାୟକ, ପ୍ରତାପ ମହାପାତ୍ର, ଅକ୍ଷୟ ରାଉଳ, ସୁଶାନ୍ତ ମହାପାତ୍ର, ଚନ୍ଦ୍ରକାନ୍ତ ବେହେରା, ହରିହର ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ନିର୍ବାଚନ ପ୍ରସ୍ତୁତି ବୈଠକରେ ଓଡିଶା ପୋଲିସ ସହ ନିର୍ବାଚନ କମିଶନର

ଭୁବନେଶ୍ୱର, (ସବ୍ୟୁ): ଆଗାମୀ ଦିନରେ ସାରା ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ପକ୍ଷରୁ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରସ୍ଥିତ ପୋଲିସଭବନ ଠାରେ ସାଧାରଣ ନିର୍ବାଚନ ପରିଚାଳନାରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଭୂମିକା ସମ୍ପର୍କିତ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ଯୋଗଦେଇ ସାଧାରଣ ନିର୍ବାଚନ ପ୍ରକ୍ରିୟାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାସହ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଯାଉଥିବା ନିର୍ବାଚନକୁ ଶାନ୍ତିଶୃଙ୍ଖଳା, ସ୍ୱଚ୍ଛତା, ଅପରାଧ ମୁକ୍ତ ସହ ସମାପ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିନିମନ୍ତେ ପୋଲିସ ପ୍ରଶାସନର ସହଯୋଗ ସଂକ୍ରାନ୍ତରେ ମତବ୍ୟକ୍ତ କରିଥିଲେ । ରାଜ୍ୟରେ ବେଆଇନ ଅର୍ଥ, ଚୋରା ମଦ କାରବାର, ଗଞ୍ଜେଇ, ଅଫିମ ଭଳି ନିଶା କାରବାରକୁ ଦମନ କରାଯିବା ସମ୍ପର୍କରେ ଶ୍ରୀ ଧଳ କହିଥିଲେ । ଗଣତନ୍ତ୍ର ବ୍ୟବସ୍ଥାକୁ ମଜଭୁତ କରିବାକୁ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ଚଳିତ ବର୍ଷ ଶୂନ୍ୟ ପୁନଃ ମତଦାନ ଉପରେ ଆୟୋଗ ଗୁରୁତ୍ୱ ପ୍ରଦାନ କରିଛନ୍ତି ବୋଲି ସେ କହିଥିଲେ । ଚଳିତବର୍ଷ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ପୋଲିସ ଅଧିକାରୀ ଏବଂ ପୋଲିଂ କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ ମତବ୍ୟକ୍ତ କରିଥିଲେ । ୮୦ ବର୍ଷରୁ ଉର୍ଦ୍ଧ୍ୱ ତଥା ୪୦% ରୁ ଅଧିକ ଭିନ୍ନକ୍ଷମ ଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉଛି ଏବଂ ଚଳିତ ବର୍ଷ ପୋଷ୍ଟାଲ ବାଲଟ ସଂଖ୍ୟା ବୃଦ୍ଧି ସଂକ୍ରାନ୍ତରେ ମଧ୍ୟ ସେ ମତବ୍ୟକ୍ତ କରିଥିଲେ । ଚଳିତ ବର୍ଷ ୬୦% ରୁ ୭୦% ବୁଥରେ କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଉଥିବାବେଳେ ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ଡ୍ରୋନ ଯୋଗେ ମନିଟରିଂ କରାଯିବ ବୋଲି ସେ ସୂଚନା ଦେଇଥିଲେ। ପରସ୍ପର ପ୍ରତି ସହଯୋଗ ଏବଂ ମିଳିମିଶି କାମ କଲେ ନିର୍ବାଚନ ପ୍ରକ୍ରିୟା ସୁରୁଖୁରୁରେ ସମାପ୍ତ ହେବ । ଏହି ଅବସରରେ ଅତିରିକ୍ତ ନିର୍ବାଚନ ଅଧିକାରୀ ଏନ. ଥିରୁମାଲା ନାୟକ ଯୋଗଦେଇ ବିଗତ ବର୍ଷରେ ଅନୁଷ୍ଠିତ ହୋଇଥିବା ନିର୍ବାଚନ ଅପେକ୍ଷା ଚଳିତ ବର୍ଷର ନିର୍ବାଚନ ସମ୍ପୂର୍ଣ୍ଣ ଭିନ୍ନ ହେବାକୁ ଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ନିର୍ବାଚନ ସମୟରେ ଖର୍ଚ୍ଚର ପରିଚାଳନା, ଆଚରଣ ବିଧି ଲାଗୁ ଏବଂ ଭୋଟ ଆରମ୍ଭ ପୂର୍ବର ଗୁରୁତ୍ୱପୂର୍ଣ୍ଣ ୭୨ ଘଣ୍ଟା ସମ୍ପର୍କରେ ସେ ସୂଚନା ଦେଇଥିଲେ । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚଆରପିସି), ଲଳିତ ଦାସ, ନିର୍ବାଚନ ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବେ ସମାପ୍ତ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଟ୍ୱିନସିଟି ପୋଲିସ କମିଶନର (ଭୁବନେଶ୍ୱର-କଟକ) ସଞ୍ଜୀବ ପଣ୍ଡା, ନିର୍ବାଚନ ସମୟରେ ସୁରକ୍ଷା ବ୍ୟବସ୍ଥା ପରିଚାଳନା, ଭିଆଇପିଙ୍କ ସୁରକ୍ଷା ଏବଂ ଆଚରଣ ବିଧି ଲାଗୁ ସମୟରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଅପରେସନ) ଏସ. ଦେବଦତ୍ତ ସିଂ, ନିର୍ବାଚନ ପ୍ରକ୍ରିୟାରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ବିଶେଷ କରି ନକ୍ସଲ ପ୍ରଭାବିତ ଅଞ୍ଚଳରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି କହିଥିଲେ । ଏହି ପୋଲିସ ବାହିନୀଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି କହିଥିଲେ । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ଅରୁଣ ବୋଥ୍ରା, (କ୍ରାଇମବ୍ରାଞ୍ଚ) ସଫିନ ଅହମ୍ମଦ କେ, ଆଇପିଏସ ସୋସିଆଲ ମିଡିଆର ପରିଚାଳନା, ସାଇବର ସୁରକ୍ଷା ଏବଂ ସୋସିଆଲ ମିଡିଆରେ ନିର୍ବାଚନ ସମ୍ପର୍କିତ ଅପରାଧ ସଠିକ ତଦନ୍ତ ସମ୍ପର୍କରେ ଆଲୋକପାତ କରିଥିଲେ ।

## ବିଶ୍ୱର ଅନ୍ୟତମ ବୃହତ ଷ୍ଟିଲ କାରଖାନାର ଶିଳାନ୍ୟାସ

# ପାରାଦୀପ ପୂର୍ବ ଭାରତରେ ଏକ ପ୍ରମୁଖ ପୁଞ୍ଜି ନିବେଶ ସ୍ଥଳୀ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର/ଜଗତସିଂହପୁର/ପାରାଦୀପ (ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଗତସିଂହପୁର ଜିଲ୍ଲା ଗସ୍ତରେ ଯାଇ ପାରାଦୀପର ଢିଙ୍କିଆଠାରେ ବିଶ୍ୱର ଅନ୍ୟତମ ବୃହତ ଷ୍ଟିଲ କାରଖାନାର ଭିତ୍ତିପ୍ରସ୍ତର ଦେଇଛନ୍ତି । ଏହି ପ୍ରକଳ୍ପ ହେଉଛି ଜେଏସ୍ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ୍ । ୬୫ ହଜାର କୋଟି ଟଙ୍କା ପୁଞ୍ଜି ନିବେଶରେ ୧୩.୨ ମିଲିୟନ ଟନ୍ ଇଣ୍ଟିଗ୍ରେଟେଡ ଷ୍ଟିଲ କାରଖାନା । ଏହା ମାଧ୍ୟମରେ ପ୍ରାୟ ୩୦,୦୦୦ ଯୁବ ବର୍ଗଙ୍କୁ କର୍ମନିଯୁକ୍ତି ମିଳିବ ।

ଏଥି ସହିତ ରିନ୍ୟୁ-ଇ- ଫୁଏଲ୍ସ ପ୍ରାଇଭେଟ୍ ଲିମିଡ୍‌ର ୨୨ ହଜାର କୋଟି ଟଙ୍କା ପୁଞ୍ଜି ନିବେଶରେ ୧.୨୦ ଏମ୍‌ପିଟିଏ ଗ୍ରୀନ ଆମୋନିଆ କାରଖାନା, ସିଲକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ୫୦୦ କୋଟି ଟଙ୍କା ପୁଞ୍ଜି ନିବେଶରେ ୨୫ ହଜାର ଏମ୍‌ପିଟିଏ ଅତ୍ୟାଧୁନିକ ରସାୟନିକ କାରଖାନା ପାଇଁ ମଧ୍ୟ ଭିତ୍ତି ଦିଆଗଲା । ଏହି ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଭିତ୍ତି ପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପାରାଦୀପ ଆସିଲେ ମୋର ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସ୍ମୃତି ମନକୁ ଆସେ । ୬୦ ଦଶକର ପ୍ରାରମ୍ଭରେ ବିଜୁ ବାବୁ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ନେଇ ପାରାଦୀପ ବନ୍ଦର ସ୍ଥାପନ କରିଥିଲେ । ଓଡିଶା ବିକାଶରେ ଏହା ମାଇଲଷ୍ଟୋନ ଥିଲା । ଆଜି ପାରାଦୀପ ସାରା ପୂର୍ବ ଭାରତରେ ଏକ ପ୍ରମୁଖ ପୁଞ୍ଜି ନିବେଶ ସ୍ଥଳୀ ହୋଇ ପାରିଛି । ଏକ ବନ୍ଦର ନଗରୀ ଭାବେ ପାରାଦୀପର ସୁନାମ ମଧ୍ୟ ବୃଦ୍ଧି ପାଇଛି । ଖୁସିର କଥା ଆଜି ଏଠାରେ ଜେଏସ୍ଡବ୍ଲ୍ୟୁର ମେଗା ଇସ୍ପାତ କାରଖାନା ପାଇଁ ଭିତ୍ତି ଦିଆଗଲା । ଏଥି ସହିତ ଗ୍ରୀନ ଆମୋନିଆ କାରଖାନା ଓ ଅତ୍ୟାଧୁନିକ ରସାୟନିକ କାରଖାନା ପାଇଁ ମଧ୍ୟ ଭିତ୍ତି ଦିଆଗଲା । ଏ ସବୁ ଶିଳ୍ପାନୁଷ୍ଠାନ ଓଡିଶା ପାଇଁ ପ୍ରାୟ ୯୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ଆଣିଛି । ତା ସହିତ ଏ ସବୁ ପ୍ରକଳ୍ପ ମାଧ୍ୟମରେ ୩୫ ହଜାର ନିଯୁକ୍ତି ସୃଷ୍ଟି ହେବ । ମୁଖ୍ୟମନ୍ତ୍ରୀ ଏ ସବୁ ପୁଞ୍ଜି ନିବେଶ କରୁଥିବା ଶିଳ୍ପପତିମାନଙ୍କୁ ଏଥି ପାଇଁ ଧନ୍ୟବାଦ ଦେଇଥିଲେ । ଓଡିଶାରେ ଶିଳ୍ପ ଅଭିବୃଦ୍ଧି ପାଇଁ ଜିନ୍ଦଲ ଗ୍ରୁପର ସହଯୋଗ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଧନ୍ୟବାଦ ଦେଇ କହିଥିଲେ ଯେ ଓଡିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପାଞ୍ଚଳରେ ପରିଣତ କରିବା ପାଇଁ ଆମର ଯାତ୍ରାରେ ଜିନ୍ଦଲ ଗ୍ରୁପର ମହତ୍ୱପୂର୍ଣ୍ଣ ସହଭାଗିତା ରହିଛି । ଏଥି ସହିତ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମକୁ ଆଗକୁ ନେଉଛନ୍ତି । ପାରାଦୀପର ଶିଳ୍ପ ବିକାଶ ପାଇଁ ପାରାଦୀପ ଓ ଜଗତସିଂହପୁର ଜିଲ୍ଲାର ଲୋକମାନଙ୍କ ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ ଦେଇ ଏହି ଶିଳ୍ପାନୁଷ୍ଠାନ ଦ୍ୱାରା ଅଞ୍ଚଳର ସବୁ ପରିବାର ଉପକାର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

କାର୍ଯ୍ୟକ୍ରମରେ ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଏବଂ ସାଂସଦ ଡ. ରାଜଶ୍ରୀ ମଲ୍ଲିକ ଯୋଗ ଦେଇ ଏହି ସବୁ ପ୍ରକଳ୍ପ ସମଗ୍ର ଜଗତସିଂହପୁର ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇ ଜିଲ୍ଲାକୁ ସମୃଦ୍ଧ କରିବ ଏବଂ ରାଜ୍ୟ ଯୁବଗୋଷ୍ଠୀ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ଆଣିବ ବୋଲି କହିବା ସହିତ ପାରାଦୀପ ତଥା ସମଗ୍ର ଓଡିଶାର ରୂପାନ୍ତର ପାଇଁ ସାରା ଭାରତ ବର୍ଷର ବିକାଶ ପୁରୁଷ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସବୁଦିନ ମନେ ରଖିବ ସମଗ୍ର ଦେଶ ବୋଲି ସେମାନେ କହିଥିଲେ । ଅନ୍ୟତମ ଅତିଥି ଭାବେ ଜେଏସ୍ଡବ୍ଲ୍ୟୁର ମୁଖ୍ୟ ସଜ୍ଜନ ଜିନ୍ଦଲ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ ବହୁ ବର୍ଷ ପୂର୍ବେ ରାଷ୍ଟ୍ର ନାୟକ ବିଜୁ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ଯୋଜନା କରିଥିଲେ । ପ୍ରକୃତରେ ଏହା ଥିଲା ବିଜୁବାବୁଙ୍କ ସ୍ୱପ୍ନ । ଆଜି ତାଙ୍କ ସୁପୁତ୍ରଙ୍କ ଦ୍ୱାରା ଏହି ସ୍ୱପ୍ନ ସାକାର ହୋଇଥିବା ଦେଖି ସେ ଖୁସି ଅନୁଭବ କରୁଥିବେ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶାରେ ଆଜି ପ୍ରକୃତ ବିକାଶ ଘଟିଛି ଏବଂ ଓଡିଶାରେ ଶିଳ୍ପାୟନ ପ୍ରକ୍ରିୟା ଦ୍ରୁତ ହୋଇଛି ବୋଲି କହି ଜେଏସ୍ଡବ୍ଲ୍ୟୁ ପାଇଁ ଓଡିଶା ହେଉଛି ପ୍ରମୁଖ ନିବେଶ ସ୍ଥଳୀ । ଓଡିଶାର ଅର୍ଥନୈତିକ ଅଭିବୃଦ୍ଧିରେ ଆମେ ସବୁଦିନ ସହଯୋଗ କରିବୁ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ଏହି ଅବସରରେ ଜିନ୍ଦଲ ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ ଭି. କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ । ୫-ଟି ଓ ନବୀନ ଓଡିଶା ର ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ ଏହି ଆଇକନିକ୍ ପ୍ରକଳ୍ପ ତ୍ୱରିତ କାର୍ଯ୍ୟକାରିତା ପାଇଁ ପ୍ରତି ପନ୍ଦର ଦିନରେ ଥରେ ସମୀକ୍ଷା କରୁଥିଲେ । ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

> **୩୫,୦୦୦ ନିଯୁକ୍ତି ସୁଯୋଗ**
> **ଅଞ୍ଚଳର ସବୁ ପରିବାର ଉପକାର ପାଇବେ**
> **ଓଡିଶା ପୁଞ୍ଜି ନିବେଶର ପ୍ରମୁଖ ରାଜ୍ୟ ହୋଇଛି : ସଜ୍ଜନ ଜିନ୍ଦଲ**

କହିଥିଲେ ଯେ ବିକାଶ ଆଜି ଓଡିଶାର ପରିଚୟ ହୋଇଛି । ଶିଳ୍ପ, ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହୋଇଛି । ୫-ଟି ଉପକ୍ରମରେ ଓଡିଶାର ବିକାଶ ଧାରା ଆହୁରି ଉଜ୍ଜ୍ୱଳ ହୋଇଛି । ସାଧାରଣ ଲୋକ, ଚାଷୀ, ମା'ମାନେ, ଯୁବକ ମାନେ ଆମ ବିକାଶର ପାର୍ଟନର ହୋଇଛନ୍ତି । ନୂଆ ଓଡିଶା ଗଠନ ପାଇଁ ଆମ

## କୂଅରେ ପଡ଼ି ଛାତ୍ରଙ୍କ ମୃତ୍ୟୁ

ଦଶପଲ୍ଲା , (ସବ୍ୟୁ) : ଦଶପଲ୍ଲା ମଧଖଣ୍ଡ ପଞ୍ଚାୟତ ତେନ୍ତୁଲିଆ ପଲ୍ଲୀ ନିକଟରେ ଏକ କୁଆରେ ପଡି ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି । ମୃତକ ଛାତ୍ର ଙ୍କ ନାଁ ସ୍ମୃତି ରଞ୍ଜନ ମହାରଣା (୬) ଓ ତାଙ୍କ ଘର ସ୍ଥାନୀୟ ଘୋଳାହାଣ୍ଡି ପଞ୍ଚାୟତ ମୁଣ୍ଡା ସାହି ଗ୍ରାମରେ। ସେ ପ୍ରଥମ ଶ୍ରେଣୀର ଛାତ୍ର । ସବୁଦିନ ପରି ସନ୍ତୋଷ କୁମାର ମହାରଣା ଙ୍କ ପୁଅ ସ୍ମୃତି ରଞ୍ଜନ ମହାରଣା ତେନ୍ତୁଲିଆପଲ୍ଲୀ ପ୍ରାଥମିକ ବିଦ୍ୟାଳୟ କୁ ପାଠ ପଢିବାକୁ ଆସିଥାଏ । ଶୁକ୍ରବାର ଦିନ ସ୍ମୃତି ରଞ୍ଜନ ସ୍କୁଲ୍‌କୁ ଯାଇ ଅପରାହ୍ନ ୪ଟା ବେଳେ ସାଙ୍ଗ ମାନଙ୍କ ସହ ଘରକୁ ଫେରୁଥିଲା । ଏହି ସମୟରେ ସ୍ମୃତି ରଞ୍ଜନ ସ୍କୁଲ୍ ଠାରୁ କିଛି ଦୂରରେ ରାସ୍ତା କଡରେ ଥିବା ଏକ ମୁକୁଳା କୂଅକୁ ଦେଖିବା ପାଇଁ ସାଙ୍ଗ ମାନଙ୍କ ସହ ଯାଇଥିଲା । ସାଙ୍ଗ ମାନଙ୍କ ସହ କୂଅ ଦେଖିବା ସମୟ ରେସ୍ମୃତି ରଞ୍ଜନ କୂଅ ମଧ୍ୟରେ ଖସି ପଡ଼ିଥିଲେ । ପରେ ସ୍ମୃତିଙ୍କ ସାଙ୍ଗ ମାନେ ପାଟି କରିବାରୁ ସ୍ଥାନୀୟ ଲୋକ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି କୂଅ ଭିତରୁ ଛାତ୍ର ଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଦଶପଲ୍ଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଛାତ୍ରଙ୍କ ଶବ ଜବତ କରିଛି ।

## ହତ୍ୟା ମାମଲା : ୩ କୋର୍ଟ ଚାଲାଣ

ଆଠଗଡ଼ , (ସବ୍ୟୁ) : ଗତ ବୁଧବାର ଦିନ ପୂର୍ବ ଶତ୍ରୁତା କୁ କେନ୍ଦ୍ର କରି ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧା କୃଷ୍ଣ ପୁର ( ଅଡାଳ) ଗ୍ରାମ ରେ ଟ୍ରାକ୍ଟର ଚଢାଇ ଜଣେ ଯୁବକଙ୍କୁ ହତ୍ୟା ମାମଲାରେ ଖୁଣ୍ଟୁଣୀ ପୋଲିସ ଅଟକ ଥିବା ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନିରାକାର ସ୍ୱାଇଁ ଙ୍କ ସହିତ ଅରବିନ୍ଦ ସ୍ୱାଇଁ ଏବଂ ଶ୍ରୀନିବାସ ସ୍ୱାଇଁ।ଅନ୍ୟ ଜଣେ ଯୁବକ ଶିଶିର ନାୟକ ଙ୍କୁ ପୋଲିସ ପଚରାଉଚରା କରି ଛାଡ଼ି ଦେଇଥିବା ଜଣାପଡିଛି। ଏହି ମାମଲାରେ ସଂପୃକ୍ତ ଥିବା ଅନ୍ୟ ୧୫ ଜଣଙ୍କୁ ଗିରଫ ପାଇଁ ପୋଲିସ ପକ୍ଷରୁ ଚଢାଉ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ଗ୍ରାମ ରେ ଉତ୍ତେଜନା ଲାଗି ରହିଥିବା ଯୋଗୁଁ ସେଠାରେ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି ଜଣାପଡିଛି। ଗତ ବୁଧବାର ସନ୍ଧ୍ୟାରେ ଏ ନିର୍ବନ୍ଧ ଭୋଜି ଖାଇ ଫେରୁଥିବା ମୃତ ସୁଶାନ୍ତଙ୍କୁ ତାଙ୍କ ଗ୍ରାମ ର ୧୫ ରୁ ଉର୍ଦ୍ଧ୍ୱ ଲୋକ ଆକ୍ରମଣ କରିବା ସହିତ ଟ୍ରାକ୍ଟର ଚଢାଇ ମାରି ଦେଇଥିବା ସୁଶାନ୍ତଙ୍କ ପୁଅ ରଞ୍ଜନ କୁମାର ରଣା ଖୁଣ୍ଟୁଣୀ ଥାନା ରେ ଅଭିଯୋଗ କରିଥିଲେ।ପାଲିସ ଏ ବାବଦରେ ଏକ ମାମଲା ୩୭/୨୪ ରୁଜୁ କରି ଗୁରୁବାର ଦିନ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିଲା। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନିରାକାର ସ୍ୱାଇଁ ଆତ୍ମସମର୍ପଣ କରିବା ପରେ ୩ଜଣ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରା ଯାଇଥିବା ବେଳେ ଅନ୍ୟ ଜଣଙ୍କୁ ଛାଡି ଦିଆଯାଇଥିବା ଜଣାପଡିଛି।

## ବିଜେଡ଼ିରେ ମିଶିଲେ ଡାକ୍ତର ଅବିନାଶ ସାମଲ



ଭୁବନେଶ୍ୱର (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଖଡ଼ଗପ୍ରସାଦର ଡାକ୍ତର ଅବିନାଶ ସାମଲ ଶୁକ୍ରବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଓ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ଅବିନାଶ ସାମଲଙ୍କୁ ଉପଢୌକନ ଦେଇ ଶ୍ରୀ ମଙ୍ଗରାଜ ଓ ଶ୍ରୀ ସାମଲ ଦଳକୁ ସ୍ୱାଗତ କରିଥିଲେ ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ଅବିନାଶ ସାମଲ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲି । ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ମଙ୍ଗରାଜ ଏବଂ ସମସ୍ତନେତୃବୃନ୍ଦଙ୍କୁ କୃତଜ୍ଞତାଜ୍ଞାପନ କରୁଛି । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଜନନ କ୍ଷମତାର ସଂରକ୍ଷଣ ପାଇଁ ଏକ ଗେମ୍-ଚେର ହୋଇଛି ଏଗ୍ ଫ୍ରିଜିଙ୍ଗ୍

ଭୁବନେଶ୍ୱର (ସବ୍ୟୁ): ଏଗ୍ ଫ୍ରିଜିଙ୍ଗର ପ୍ରକ୍ରିୟା କ୍ଷେତ୍ରରେ ଘଟିଥିବା ସଦ୍ୟତମ ବିକାଶଗୁଡିକ ନିର୍ଦ୍ଦିଷ୍ଟ ଡାକ୍ତରୀ ଚିକିତ୍ସାର ସମ୍ମୁଖୀନ ହେଉଥିବା ମହିଳାଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିଛି, ଯିଏ ନିଜର ବୃତିଗତ ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରି ମାତୃତ୍ୱ ଲାଭ କରିବାକୁ ଚାହୁଁଛନ୍ତି । ଏହି ପରିପ୍ରେକ୍ଷୀରେ ଏଗ୍ ଫ୍ରିଜିଂ ଏବଂ କେତେ ସଂଖ୍ୟକ ମହିଳା ଏହାକୁ ଗ୍ରହଣ କରୁଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଛନ୍ତି ଭୁବନେଶ୍ୱର ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫ୍ କନ୍‌ସଲ୍‌ଟାଂଟ୍ ଡା ଲିପ୍‌ସା ମିଶ୍ର । ଏଗ୍ ଫ୍ରିଜିଂ ପାଇଁ ବୈଜ୍ଞାନିକ ନାମ ହେଉଛି ଓସାଇଟ କ୍ରାୟୋପ୍ରିଜର୍ଭେଶନ, ଏକ ପ୍ରକ୍ରିୟା ଯାହା ମହିଳାମାନଙ୍କୁ ପରବର୍ତୀ ସମୟରେ ବ୍ୟବହାର ପାଇଁ ନିଜର ଏଗ୍ ବା ଡିମ୍ବାଣୁକୁ ସଂରକ୍ଷିତ ରଖିବା ପାଇଁ ସକ୍ଷମ କରିଥାଏ ।

## ଡାମନ ଏବଂ ଡିଉ ଗସ୍ତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# କେନ୍ଦ୍ର ଶାସିତ ଅଞ୍ଚଳରେ ସ୍କୁଲ ଶିକ୍ଷା ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହୋଇଛି




ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍କୁଲ ଶିକ୍ଷା ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହୋଇଛି । ଏହି ଶିକ୍ଷାନୁଷ୍ଠାନ ଗୁଡିକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ଦିଗରେ ଯୁବଶକ୍ତିଙ୍କ ଉର୍ଜା ଓ ପ୍ରତିଭାକୁ ପ୍ରସ୍ଫୁଟିତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶୁକ୍ରବାର କେନ୍ଦ୍ର ଶାସିତ ଅଞ୍ଚଳ ଡାମନ ଏବଂ ଡିଉର ଡାମନ ସହରରେ ଥିବା ବିଭିନ୍ନ ସ୍କୁଲ ଓ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଭେଟିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆଜି ଡାମନ ସ୍ଥିତ ମହର୍ଷି ବାଲ୍ମିକୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟୋକରଖାଡାକୁ ଉଦଘାଟନ କରିଥିଲେ । ସେହିପରି ପଞ୍ଚରାପୋଲ ଏବଂ ସାଉଦ୍ୱାଦୀ ଠାରେ ଡାମନ - ଡିଉ, ଦାଦ୍ରା ନଗର ହାବେଲିରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଲାପଟପ୍ ଏବଂ ସାଇକେଲ ବଣ୍ଟନ କରିଥିଲେ । ଡିଉ'ର ଭନକବରାରେ ଉଚ୍ଚ ମାଧ୍ୟମିକ ଓ ପ୍ରାଥମିକ ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସ୍କିଭାସା ସ୍ଥିତ ନମୋ ମେଡିକାଲ ଏଜ୍ୟୁକେସନ ଏବଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ, ସରକାରୀ ଇଞ୍ଜିନିୟରିଂ କଲେଜ, ରିଙ୍ଗନୱାଡା ସ୍ଥିତ ସରକାରୀ ପ୍ରାଥମିକ ସ୍କୁଲ ପରିଦର୍ଶନ କରିଥିଲେ ।

ଏହି ଅବସରରେ ସେ କହିଥିଲେ ଉଦଘାଟିତ ମହର୍ଷି ବାଲ୍ମିକୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟୋକରଖାଡା ସ୍ଥାନୀୟ ଅଞ୍ଚଳରେ ଶିକ୍ଷା ପ୍ରଦାନ କରିବାରେ ନିଜର ଗୁରୁ ଦାୟିତ୍ୱ ତୁଲାଇବ । ଆଜିର ଏହି ଶିକ୍ଷାମୂଳକ ପଦକ୍ଷେପ ଗୁଡିକ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍କୁଲସ୍ତରୀୟ ଶିକ୍ଷାକୁ ସୁଦୃଢ଼ କରିବା ସହ ନୂଆ ସୁଯୋଗ ସୃଷ୍ଟି କରିବ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଅନାବରଣ ହୋଇଥିବା ଜାତୀୟ ଶିକ୍ଷା ନୀତି ଆତ୍ମନିର୍ଭର ଏବଂ ବିକଶିତ ଭାରତ ପାଇଁ ଦୃଢ ମୂଳଦୁଆ ପକାଇଛି । ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ବିକଶିତ ଭାରତର ଲକ୍ଷ୍ୟକୁ ବାସ୍ତବର ରୂପ ଦେବ । ଡାମନ ସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜ ଗସ୍ତ କରି ଶିକ୍ଷା ପ୍ରଦାନ କରିବାରେ ଏହି ବହୁମୁଖୀ ଏକାଡେମିକ୍ ଇନଷ୍ଟ୍ୟୁଚେସନ ବିଶେଷ ଗୁରୁତ୍ୱ ଦେବା ପ୍ରଶଂସନୀୟ । ଏହାର ଶିକ୍ଷା ଭିତ୍ତିଭୂମିରେ ଅତ୍ୟାଧୁନିକ ଭିତ୍ତିଭୂମି ଗୁଡିକ ଶୈକ୍ଷିକ ପରିବେଶ ଓ ଛାତ୍ରଛାତ୍ରୀଙ୍କ ଅଭିଜ୍ଞତାକୁ ଆଗକୁ ନେଉଛି । ସେହିପରି ଡାମନର ବରକୁଣ୍ଡ ଗ୍ରାମ ପଞ୍ଚାୟତ ଗସ୍ତ କରିବା ସହ ଡେଭକା ସମୁଦ୍ରକୂଳର ନମୋ ପଥ ବୁଲି ଦେଖିଥିଲେ । ଏହି ଗସ୍ତ କାଳରେ ଡାମନରେ ରହୁଥିବା ପ୍ରବାସୀ ଓଡ଼ିଆ ମାନଙ୍କୁ ଭେଟି ଖୁସି ପ୍ରକାଶ କରିଥିଲେ ।

## ଟ୍ରକ୍ ଚଢ଼ିଗଲା ବାଇକ୍ ଚାଳକଙ୍କ ମୁଣ୍ଡ ଉପରେ

ଜଟଣୀ(ସ.ବ୍ୟୁ): ଜଟଣୀକୁ ସଂପର୍କୀୟଙ୍କ ବାହାଘର ଭୋଜିରେ ଯୋଗ ଦେବାକୁ ପତ୍ନୀଙ୍କୁ ପଛରେ ବସାଇ ବାଇକ୍‌ରେ ଆସୁଥିବା ବେଳେ ଦୁର୍ଘଟଣା ଘଟି ସ୍ୱାମୀଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ଅରୁଣ ନାହାକ(୪୫) । ନୟାଗଡ଼ ଜିଲ୍ଲା ରଣପୁର ହାଟସାହିରେ ତାଙ୍କ ଘର । ଆଜି ଅପରାହ୍ନ ପ୍ରାୟ ୫ଟାରେ ଜଟଣୀ ହରିଭାଇନା ଛକରେ ଏହି ଦୁର୍ଘଟଣା ଘଟିଥିଲା । ଅରୁଣ ବାଇକ୍ ଚଳାଇ ରଣପୁରରୁ ସ୍ଥାନୀୟ ଲୋକୋ କଲୋନୀ ଅଭିମୁଖେ ଯାଉଥିବା ବେଳେ ଜଟଣୀ ମୁଖ୍ୟ ରାସ୍ତାର ହରିଭାଇନା ଛକସ୍ଥିତ ଡିଭାଇଡରରେ ତାଙ୍କ ବାଇକ୍ ପିଟି ହୋଇଯାଇଥିଲା । ଫଳରେ ଅରୁଣ ଛିଟିକି ସେ ଆସୁଥିବା ରାସ୍ତାର ଅପରପାର୍ଶ୍ୱରେ ପଡିଥିଲେ । ଏହି ସମୟରେ ଆସୁଥିବା ଏକ ଟ୍ରକ୍ ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା । ତୁରନ୍ତ ତାଙ୍କୁ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭର୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ବାଇକ୍ ପଛରେ ବସିଥିବା ପତ୍ନୀ ଛିଟିକି କିଛି ଦୂରରେ ପଡିଥିଲେ ମଧ୍ୟ ସୌଭାଗ୍ୟକୁ ତାଙ୍କର କିଛି ହୋଇନଥିଲା । ଏହି ଘଟଣା ପରେ ମୃତକଙ୍କ ପରିବାର ଲୋକ ପହଂଚିବା ପରେ ଦୁର୍ଘଟଣା ସ୍ଥଳ ଓ ମେଡିକାଲରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ପୁଲିସ ଟ୍ରକକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ତଦନ୍ତ କରୁଛି ।

## ଗ୍ରାମାଞ୍ଚଳ ବିକାଶର ସାରଥୀ ସାଜିବ ଲକ୍ଷ୍ମୀ ବସ୍ ସେବା

# ଗାଁ ରୁ ସହରକୁ ଗମନାଗମନ ସୁବିଧା

ଖୋର୍ଦ୍ଧା (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲାରେ ଗଡିଲା ଲକ୍ଷ୍ମୀ ବସ୍ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ଼ରେ ଏହାକୁ ଉଦଘାଟନ କରିଛନ୍ତି। ଗ୍ରାମାଂଚଳର ବିକାଶ ସମୃଦ୍ଧିର ସାରଥୀ ସାଜିବ ଲକ୍ଷ୍ମୀ ବସ୍ ସେବା । ଯଦ୍ୱାରା ଗ୍ରାମାଂଚଳରେ ଗମନାଗମନ ସୁଗମ ହେବା ସହିତ ଲୋକେ ନିଜର କାର୍ଯ୍ୟସ୍ଥଳରେ ଠିକ୍ ସମୟରେ ପହଁଚିପାରିବେ। ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସହ ଯୋଡ଼ି ହୋଇପାରୁଛନ୍ତି । ବିଶେଷ କରି ମହିଳାମାନେ ଏହି ସେବା ମାଧ୍ୟମରେ ବେଶ୍ ଉପକୃତ ହେଉଛନ୍ତି । ମାତ୍ର ୫ ଟଙ୍କାରେ ମହିଳା ଓ ଛାତ୍ରଛାତ୍ରୀ ଯାତ୍ରା କରିପାରିବେ । ଖୋର୍ଦ୍ଧା ଜିଲ୍ଲାର ୧୦ବ୍ଲକ ରୁ ୬ଟି ବ୍ଲକ ରେ ମୋଟ ୨୨ଟି ବସ୍ ଚଳାଚଳ କରିବ। ପ୍ରଥମ ପର୍ଯ୍ୟାୟରେ ଆଜି ଠାରୁ ୧୨ଟି ରୁଟରେ ଲକ୍ଷ୍ମୀ ବସ ଚଳାଚଳ କରିଛି । ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ଯୋଗେ ଆଜି ଶୁଭାରମ୍ଭ କରିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ଅଧ୍ୟକ୍ଷ କାର୍ତିକ ପାଣ୍ଡିଆନ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଗ୍ରାମାଂଚଳ ଲୋକ ତଥା ମା ମାନଙ୍କର ଗମନାଗମନ ସୁବିଧା ଲାଗି ଲକ୍ଷ୍ମୀ ବସ୍ ଯୋଜନା କାର୍ଯ୍ୟକାରୀ କରିଛନ୍ତି ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, ଲକ୍ଷ୍ମୀ ଯୋଜନାରେ ପଂଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲକ୍ଷ୍ମୀ ବସ୍ ଆମ ଜୀବନକୁ ସହଜ କରିଛି। ଗାଁର ଅର୍ଥନୀତିକୁ ମଜଭୁତ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ପଂଚାୟତକୁ ବିକାଶର କେନ୍ଦ୍ର କରିବା ଆମର ଲକ୍ଷ୍ୟ ବୋଲି କହିଥିଲେ । ଲକ୍ଷ୍ମୀ ବସ୍ ଶୁଭାରମ୍ଭ ସମୟରେ ସ୍ଥାନୀୟ ହାବେଳୀ ପଡିଆସ୍ଥିତ ମଂଚରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଉତର ବିଧାୟକ ସୁଶାନ୍ତ ରାଉତ, ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଆମ ଓଡିଶା ନବୀନ ଓଡିଶା ର ଜିଲ୍ଲା ସଂଯୋଜକ ଶ୍ରୀମୟୀ ସ୍ୱେତା ସ୍ନିଗ୍ଧା ମିଶ୍ର ପ୍ରମୁଖ ମଂଚାସୀନ ଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୬ଟି ବ୍ଲକରେ ୧୨ଟି ରୁଟ ରେ ୧୨ବସ ଚାଲିଛି । ଏହି ଅବସରରେ ସଭା ମଂଚ ନିକଟରୁ ୨ଟି ବସ୍ ଖୋର୍ଦ୍ଧା ବ୍ଲକ ନନ୍ଦପୁର ପଂଚାୟତ ଅଭିମୁଖେ ଯାଇଥିଲା । ଗୋଟିଏ ବସ୍ ରେ ମିଶନଶକ୍ତି ଓ ଏସଏଚଜି ମହିଳା ମାନେ ଯାଇଥିବାବେଳେ ଅନ୍ୟଟିରେ ନେତା , ପ୍ରଶାସନିକ ଅଧିକାରୀମାନେ ବସି ଯାଇଥିଲେ । କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ମହିଳା ଓ ପୁରୁଷମାନେ ଯୋଗଦେଇଥିଲେ ।




## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ଚକ୍ଷୁଦାନ କଲେ ପରିବାରବର୍ଗ

ଖଣ୍ଡପଡା,(ସବ୍ୟୁ): ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅଧିନ ସିଧାମୂଳା ଗ୍ରାମ ପାଟଣାସାହିର କୁତାର୍ଥ ବାରିକଙ୍କ ଜ୍ୟେଷ୍ଠ ପୁତ୍ର ସଚିନ(୨୪) ଭୁବନେଶ୍ୱର ଠାରେ ମାମୁଁଙ୍କ ଘରେ ରହି ଏକ ସେଲୁନରେ କାର୍ଯ୍ୟ କରୁଥିଲେ । ଗତ ମଙ୍ଗଳବାର ଅପରାହ୍ନରେ ସଚିନ୍ ସେଲୁନ୍‌କୁ କାର୍ଯ୍ୟକରିବାକୁ ଯାଇ ଆଉ ଘରକୁ ନଫେରିବାରୁ

ପରିବାରବର୍ଗ ଚିନ୍ତାରେ ପଡ଼ିଯାଇଥିଲେ। ଏପରିକି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ ସଚିନ୍‌ଙ୍କର କୌଣସି ସନ୍ଧାନ ମିଳିନଥିବା ବେଳେ ପରବର୍ତୀ ସମୟରେ ଜଣେ ଅଚିହ୍ନା ଯୁବକର ଶବ ମଂଚେଶ୍ୱର ରେଳ ଲାଇନ ପାର୍ଶ୍ୱରେ ପଡିଥିବା ନେଇ ରେଳବାଇ ପୋଲିସ୍ ପକ୍ଷରୁ ସୂଚନା ମିଳିଥିଲା।ଖବର ପାଇ ସଚିନର ମାମୁଁ ଓ ସଂପର୍କୀୟ ମାନେ ଘଟଣା ସ୍ଥଳରେ ପହଂଚି ଶବକୁ ଚିହ୍ନଟ କରିବା ପରେ ପୋଲିସ୍ ସହାୟତାରେ ଘଟଣାସ୍ଥଳରୁ ଶବ ଜବତ କରାଯାଇ ବ୍ୟବଚ୍ଛେଦ ନିମନ୍ତେ ୬ନଂ ଡ଼ାକ୍ତରଖାନାରେ ଭର୍ତୀ କରାଯାଇଥିଲା ।

## ଜାଁଲାସ୍ଥିତ ମିଶନ ଆଶ୍ରା କେନ୍ଦ୍ରରେ ସମ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ଆନୁକୂଲ୍ୟରେ ଜାଙ୍କାସ୍ଥିତ 'ଆଶ୍ରା' ନିରାଶ୍ରୟ ଓ ମାନସିକ ବିକାରଗ୍ରସ୍ତ ଲୋକଙ୍କ ଥଇଥାନ କେନ୍ଦ୍ରରେ ଏକ ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ସମ୍ ର ଏକ ସାତ ଜଣିଆ ଚିକିତ୍ସା ବିଶେଷଜ୍ଞ ଦଳ ଏହି ଶିବିରରେ ଚିକିତ୍ସା ପ୍ରଦାନ କରିଥିଲେ। ଗାଇନୋକୋଲୋଜି ବିଭାଗର ଡାକ୍ତର ଅଲ୍ପନା ବେହେରା, ସ୍କିନ ଓ ଭିଡି ବିଭାଗର ଡାକ୍ତର କଲ୍ଲୋଳିନି ସାମଲ , ସାଇକ୍ରିଆଟିକ୍ ବିଭାଗର ଡାକ୍ତର ସ୍ନେହଲତା ଚୌଧୁରୀ , ଡେଂଟାଲ ବିଭାଗର ଡାକ୍ତର ସ୍ୱାତି ପଟ୍ଟନାୟକ ଓ ଡାକ୍ତର ନିକିତା ମହାନ୍ତି ପ୍ରମୁଖ ଉକ୍ତ କେନ୍ଦ୍ରର ସମସ୍ତ ଅନ୍ତେବାସୀଙ୍କୁ ଚିକିତ୍ସା, ସଚେତନତା ଓ ପରୀକ୍ଷା ସହିତ ସେମାନଙ୍କୁ ମାଗଣା ଔଷଧ ବିତରଣ କରିଥିଲେ । ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଜିଲ୍ଲା ଓ ପ୍ରଶାସନ ସହଯୋଗରେ ପିପୁଲସ୍ ଫୋରମ୍ ଦ୍ୱାରା ପରିଚାଳିତ ଏହି କେନ୍ଦ୍ରର ସମସ୍ତ କର୍ମଚାରୀ ଏହି ଶିବିରକୁ ପୂର୍ଣ୍ଣ ସହଯୋଗ କରିଥିଲେ। ଆଇଏମ୍‌ଏସ୍ ଓ ସମ୍ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଏହା ଆୟୋଜନ କରାଯାଇଥିଲା।

## ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ୨ୟ ସଂସ୍କରଣର ଘୋଷଣା

ଭୁବନେଶ୍ୱର (ସବ୍ୟୁ): 'ଲିଭିଙ୍ଗ ଇଟ୍ ଲାର୍ଜ'ର ଉତ୍ସାହକୁ ପାଳନ କରି ରୟାଲ ଷ୍ଟାଗ୍ ପକ୍ଷରୁ ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ୨ୟ ସଂସ୍କରଣର ଉପସ୍ଥାପନ କରାଯାଇଛି ଯାହା ହେଉଛି ଏକ ପ୍ରଥମ ଧରଣର ସଙ୍ଗୀତ ମହୋତ୍ସବ ଯେଉଁଠାରେ ବଲିଉଡର ସବୁଠାରୁ ଲୋକପ୍ରିୟ ସଙ୍ଗୀତଗୁଡିକ ହିପ୍‌ହପ୍‌ର ଉତ୍ସାହଜନକ ବିଟ୍‌କୁ ଭେଟିଥାଏ। ମୁମ୍ବାଇରେ ଫେବୃଆରୀ ୭ ତାରିଖ ୨୦୨୪ରେ ଏକ ସ୍ୱତନ୍ତ୍ର ପ୍ରିଭ୍ୟୁରେ ବ୍ରାଣ୍ଡ ପକ୍ଷରୁ ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ୨ୟ ସଂସ୍କରଣରେ କ'ଣ ଉପାଦାନ ସବୁ ରହିଛି ତାହାର ଉନ୍ମୋଚନ କରାଯାଇଥିଲା। ଏହା ଦୁଇଟି ସ୍ୱତନ୍ତ୍ର ନିୟୋଜିତ ଫର୍ମାଟ୍‌ରେ ନିଜକୁ ପରିପ୍ରକାଶ କରୁଛି । ଅନ୍-ଗ୍ରାଉଣ୍ଡ ଫର୍ମାଟ୍: ଏହି ଫର୍ମାଟ୍ ଭାରତର ୪ଟି ସବୁଠାରୁ ବଡ ୟୁଥ୍ ହବ୍- ଭୁବନେଶ୍ୱର, ଇନ୍ଦୋର, ଜୟପୁର ଓ ପୁନେକୁ ଯାତ୍ରା କରିବ, ଯେଉଁଠାରେ ଏହା ଇନ୍‌ଷ୍ଟା-ଲାଇଭ ସେଶନ, ଆର୍ଟ ପ୍ରଦର୍ଶନୀ, ଏଆର୍/ଭିଆର୍ ଇନ୍‌ଷ୍ଟଲେଶନ, ଏଆଇ-ଆଧାରିତ ଯୋଗଦାନ, ସେଲ୍‌ଫି-ବୁଥ୍ ଭଳି ଇଂଟରାକ୍ଟିଭ ଫିଜିଟାଲ ଆକ୍ଟିଭେଶନ ସହ ବିଶାଳ ସଙ୍ଗୀତ ପ୍ରଦର୍ଶନ ପ୍ରଦାନ କରିବ। ଇନ୍-ଷ୍ଟୁଡିଓ ଫର୍ମାଟ୍: ୩ଟି ମୂଳ ସଙ୍ଗୀତ ହିପ୍‌ହପ ମ୍ୟୁଜିକ୍ ଟ୍ରାକ ସାମିଲ ଥିବା ଏକ ସ୍ୱତନ୍ତ୍ର ସଙ୍ଗୀତ ବିଷୟବସ୍ତୁ ଯାହାକୁ ବିଭିନ୍ନ ପ୍ଲାଟଫର୍ମରେ ସିଙ୍ଗଲ୍ ଓ ଭିଡିଓ ଭାବେ ରିଲିଜ କରାଯିବ ।

## ସତୀଚଉରା ଶ୍ମଶାନ ନିର୍ମାଣ କାର୍ଯ୍ୟ, କମ୍ପୋଷ୍ଟ ପ୍ଲା ଓ କୃଷକ ବଜାର ପାଠାଗାର ତଦାରଖ କଲେ ମେୟର ଓ କମିଶନର

କଟକ (ସବ୍ୟୁ): କଟକ ମହାନଗର ନିଗମ(ସିଏମସି) ମେୟର ସୁବାସ ସିଂହ ଓ କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଜି ସତୀଚଉରା ଶ୍ମଶାନ, କୃଷକବଜାରସ୍ଥିତ ପାଠାଗାର ଓ ନିକଟସ୍ଥ କମ୍ପୋଷ୍ଟ ପ୍ଲା କାର୍ଯ୍ୟ ତଦାରଖ କରିଛନ୍ତି । ଉଭୟେ ପ୍ରଥମେ ସତୀଚଉରା ଶ୍ମଶାନର ନବୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅନୁଧାନ କରିବା ସହିତ ନବନିର୍ମିତ ଗ୍ୟାସ ଶବଦାହ ପିଣ୍ଡି କାର୍ଯ୍ୟ ବୁଲି ଦେଖିଥିଲେ । ସେଠାରେ ଉପସ୍ଥିତ ଅଧିକାରୀମାନଙ୍କୁ ଯଥାଶୀଘ୍ର କାର୍ଯ୍ୟ ସାରିବାକୁ ତାଗିଦ କରିଥିଲେ । ପରେ ନିକଟସ୍ଥ କମ୍ପୋଷ୍ଟ ପ୍ଲା ଅନୁଧାନ କରି କିପରି କ୍ଷମତା ବୃଦ୍ଧି କରାଯାଇପାରିବ ସେଥିପାଇଁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ କୃଷକବଜାରସ୍ଥିତ ନବନିର୍ମିତ ପାଠାଗାର ପରିଦର୍ଶନ କରି ସେଠାରେ ପଢୁଥିବା ପିଲାମାନଙ୍କୁ ପାଠପଢା ବିଷୟରେ ପଚାରି ବୁଝିଥିଲେ । ଏହି କାର୍ଯ୍ୟକ୍ରମରେ ମେୟର ଓ କମିଶନରଙ୍କ ସମେତ ସ୍ଥାନୀୟ କର୍ପୋରେଟର ରିତାଞ୍ଜଳି ବେହେରା, ସିଏମସି ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଦନ୍ତା ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ବାରିପଦା, (ସବ୍ୟୁ) : ପୁଣି ଦନ୍ତା ନେଲା ଆଉ ଏକ ଜୀବନ। ମୟୂରଭଞ୍ଜ ଜିଲ୍ଲାର ବେତନଟୀ ରେଞ୍ଜ ଅଧିନ ଜୁଆଲିଭଙ୍ଗା ଗ୍ରାମ ପଞ୍ଚାୟତ କାଳିଆନାଳ ଗ୍ରାମରେ ଦନ୍ତା ହାତୀର ଆକ୍ରମଣରେ ଯୁବକଙ୍କ ମୃତ୍ୟ ଘଟିଛି। ଗୁରୁବାର ବିଳମ୍ବିତ ରାତିରେ ତିନୋଟି ଦନ୍ତା ହାତୀ ଗାଁ ଭିତରକୁ ପଶି ଉତ୍ପାତ କରିଥିଲେ। ତେବେ ଦନ୍ତା ହାତୀର ଆକ୍ରମଣରେ ଶିକାର ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ମୋରଡ଼ା ଥାନା ଅନ୍ତର୍ଗତ କାଳିଆନାଳ ଗ୍ରାମର ପୁଇନା ଦେହୁରୀ। ସୂଚନା ମୁତାବକ, ପୁଇନା ଦେହୁରୀ ତାଙ୍କର ଦୁଇ ଝିଅ ସହିତ ଘରେ ଶୋଇଥିବା ବେଳେ ହଠାତ ତିନୋଟି ହାତୀ ଆସି ଉତ୍ପାତ କରିଥିଲେ, ହାତୀ ଆସିବାର ଜାଣିପାରି ଦୁଇ ଝିଅ ଏଣେ ତେଣେ ଦୌଡ଼ି ପଳାଇଥିବା ବେଳେ ପୁଇନାକୁ ଗୋଟେ ଦନ୍ତା ହାତୀ ଟାଣି ନେଇ ଦଳି ଦେଇଥିଲା। ଘଟଣାସ୍ଥଳରେ ପୁଇନାଙ୍କର ମୃତ୍ୟୁ ହୋଇଥିଲା। ତେବେ ଗାଁ ଲୋକଙ୍କ କହିବା ଅନୁସାରେ ହାତୀ ସମ୍ପର୍କରେ ବନବିଭାଗ ଲୋକମାନଙ୍କୁ ସୂଚନା ଦେଇ ନଥିବାରୁ ଏଭଳି ଘଟଣା ଘଟିଛି। ଖବରପାଇ ବେତନଟୀ ରେଞ୍ଜ ଅଧିକାରୀ ଏବଂ ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଇଥିଲେ।

# ଚାଷୀ, ଚାଷ ଓ ଶ୍ରମିକଙ୍କ ଦାବି ନେଇ ବ୍ରହ୍ମପୁରରେ ଭାରତ ବନ୍ଦ

ବ୍ରହ୍ମପୁର, (ସବ୍ୟୁ): ଚାଷୀଙ୍କ ଫସଲର ସହାୟକ ଦର ପାଇଁ ଆଇନ ପ୍ରଣୟନ କରିବା, ଦର ବୃଦ୍ଧି ନିୟନ୍ତ୍ରଣ କରିବା, ଲେବର କୋଡ଼ ବାତିଲ କରିବା, ସରକାରୀ ସମ୍ପତ୍ତି ବିକ୍ରୀ ବନ୍ଦ କରିବା ଏବଂ ନିଯୁକ୍ତି ଦାବୀରେ ଦିଆଯାଇଥିବା ସର୍ବଭାରତୀୟ ଧର୍ମଘଟକୁ ସମର୍ଥନ କରି ବ୍ରହ୍ମପୁରେ ବିପୁଳ ସମର୍ଥନ ମିଳିଛି । ଆଜି ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡରେସନ ପକ୍ଷରୁ ଆହୁତ ଗ୍ରାମୀଣ ବନ୍ଦ ଓ ଧର୍ମଘଟକୁ ସମର୍ଥନ କରି ଆଜି ବ୍ରହ୍ମପୁରରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଗୁଡ଼ିକ ପକ୍ଷରୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପଟୁଆର ହିଲାପଟଣା ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲଠାରୁ ବାହାରି ରେଳ ଷ୍ଟେସନ, ପୁରୁଣା ବସଷ୍ଟାଣ୍ଡ, ବଡବଜାର, ଫାଷ୍ଟଗେଟ,



ନୂଆବସଷ୍ଟାଣ୍ଡ, ଇଂଜିନିୟରିଂ ସ୍କୁଲ, କମାପଲି ଏବଂ ଟାଟାବେଞ୍ଚ ଛକ ପରିକ୍ରମା କରିଥିଲା । ଜିଲ୍ଲା କଂଗ୍ରେସ ପକ୍ଷରୁ ବାପୁଜୀ ଆଶ୍ରମ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ବେଳେ ସହର ପରିକ୍ରମା କରିଥିଲେ । ଜିଲ୍ଲା ସଭାପତି ଇଷ୍ଟ ଦୀପକ ପଟ୍ଟନାୟକ, ଆଜିର ଏହି ଶୋଭାଯାତ୍ରାରେ ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବପ୍ରସାଦ ମହାପାତ୍ର, ପୀତବାସ ପଣ୍ଡା, ଚିନ୍ମୟ କୁମାର ହୋତା, ସୁପ୍ରଭା କୁମାରୀ ଦାସ, ରଞ୍ଜନ ତରେଇ, ଅରୁଣ ରାଓ, ପ୍ରକାଶ ପାତ୍ର, ପ୍ରଦୀପ ସେଠି, କାମଦେବ ପାହାନ, ଆଦିତ୍ୟ ରଥ, ସୁବାସ ରାଉତ, ପ୍ରତାପ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ ପରିଛା, ପାପୁନ ସାହୁ, ନିମାଇଁ ଚରଣ ସାହୁ, ସତ୍ୟ ନାରାୟଣ ତ୍ରିପାଠୀ, ଅଇଗ ପାତ୍ର, ରାମା ରାଓ, ସୀମାଞ୍ଚଳ ସାହୁ, ଜିଲ୍ଲା ସଭାପତି ଇଷ୍ଟ ଦୀପକ ପଟ୍ଟନାୟକ, ସମ୍ଭୁ ପାଣିଗ୍ରାହୀ, ତତଶତ ସୁବୁଦ୍ଧି, ସାଇ ପ୍ରସାଦ ପାଢ଼ୀ, ସନ୍ଦୀପ ଜେନା, ମୃତ୍ୟୁଞ୍ଜୟ ପ୍ରଧାନ, ସାଇ ପ୍ରସାଦ ପାତ୍ର, ପଦ୍ମ ଚରଣ ସାହୁ, ଅତୁଲ୍ୟ ପାଢ଼ୀ, ଶିବାନୀ ରଣା, ରଞ୍ଜିତା ପ୍ରଧାନ, ଗୀତାଞ୍ଜଳି ସାହୁ, ବିକାଶ ନୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ଏବିଭିପି ପକ୍ଷରୁ ଯୁକ୍ତ ୨ ପରୀକ୍ଷାର୍ଥୀଙ୍କୁ ଫୁଲ ଚନ୍ଦନ ଲଗାଇ ଶୁଭେଚ୍ଛା



ବାରିପଦା, (ସବ୍ୟୁ) : ଆଜି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବିଭିନ୍ନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ବିଭାଗର ପରୀକ୍ଷାର୍ଥୀ ଭାଇଭଉଣୀ ମାନଙ୍କୁ ପରୀକ୍ଷା ଦେବାକୁ ଆସିଥିବାବେଳେ ସେମାନଙ୍କୁ ଫୁଲ ଚନ୍ଦନ ଦେବା ସହ ପରୀକ୍ଷାରେ ଉତ୍ତମ ସଫଳତା ପାଇଁ ଶୁଭେଚ୍ଛା ଏବଂ ଶୁଭକାମନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୃତ୍ୟୁଞ୍ଜୟ ହେମ୍ବ୍ରମ, ସଦସ୍ୟା ରଶ୍ମିତା ଦେଓ, ବାରିପଦା ଜିଲ୍ଲା ସଂଯୋଜକ ଶେଖର ବେହେରା ଏବଂ ଏମ୍.ସି.ଏମ. ମହାବିଦ୍ୟାଳୟର ସଭାପତି ଆରତି ମାଝୀ ଉପସ୍ଥିତି ସହ ପଙ୍କଜ ସି, କୌଶିକ ନାୟକ, ସୁଭସ୍ମିତା ମହାନ୍ତ, ହୀରନମୟୀ ମହାନ୍ତ, ଦିବ୍ୟଜିତ ମହାନ୍ତ, ଶିବାନୀ ନାୟକ, ମନରୋମା ତୁଙ୍ଗ, ଅନ୍ୱେଷା ଦାସ, ପ୍ରିୟବ୍ରତ ସି, ମମତା ସି, ଚିନ୍ମୟ ନାଏକ, ଜୟଶ୍ରୀ ଦେଓ ପ୍ରଧାନ, ବିଜୟଲକ୍ଷ୍ମୀ ନାଏକ, ସୁଭଦ୍ରା ନାଏକ, ରୁଚିମନ୍ତ ସି, ସିଦ୍ଧାର୍ଥ ଶଙ୍କର ନାୟକ, ପ୍ରିୟଦର୍ଶିନୀ ରାଉତ, ଅନୁ ମହାନ୍ତ ଓ ଅଭିଲିପ୍ସା ବେହେରା ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଚାନ୍ଦପୁର ପଞ୍ଚାୟତରେ ଗ୍ରାମାଞ୍ଚଳର ଭିତ୍ତିଭୂମି ଓ ବିକାଶର ସଚେତନତା

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଗ୍ରାମାଞ୍ଚଳର ଭିତିଭୂମି ଓ ବିକାଶର ସଚେତନତା କାର୍ଯ୍ୟକ୍ରମ ବ୍ରହ୍ମପୁର ବିଧାୟକ ତଥା ଯୋଜନା ବୋର୍ଡ଼ ଅଧକ୍ଷ ବିକ୍ରମ କୁମାର ପଣ୍ଡାଙ୍କ ଉପସ୍ଥିତରେ ମହା ଆଡମ୍ବରରେ ଆୟୋଜନ ହୋଇଯାଇଛି । ପଞ୍ଚାୟତର ସରପଞ୍ଚ ରଶ୍ମିତା ପାତ୍ର ଓ ବରିଷ୍ଠ ବିଜେଡି ନେତା ବାଇରୀ ପାତ୍ରଙ୍କ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତବାସି ସହଯୋଗ କରିବା ସହ ବହୁ ଜନସାଧାରଣଙ୍କ ସହ ଏସଏସଜି. ଗ୍ରୁପ, ଅଙ୍ଗନବାଡି କର୍ମୀଙ୍କ ସହ କୁନିକୁନି ସ୍କୁଲ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। ପ୍ରଥମେ ଛାତ୍ର, ଛାତ୍ରୀ ମାନେ ଚମତ୍କାର ଭଜନ ଗାଇବା ସହ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପ୍ରଭୁ ଜଗନ୍ନାଥଙ୍କ ଆଳତି କରାଯାଇ ଆରମ୍ଭ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ବିଭିନ୍ନ ବିକାଶ ମୂଳକ ବାବଦରେ ଏବଂ ଆଗକୁ କିପରି ବିକାଶ ହେବ ସେ ସମ୍ପର୍କରେ ବିଧାୟକ ଉପସ୍ଥିତ ପଞ୍ଚାୟତ ବାସିଙ୍କୁ ବୁଝାଇଥିଲେ। ପଞ୍ଚାୟତର ବିକାଶ ହୋଇଥିବା ଯୋଜନାର ଲିଖିତ ଥବା ଏକ ପୁସ୍ତକ ଜନସାଧାରଣଙ୍କୁ ବଣ୍ଟନ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ବିଧାୟକ ସନମାନୀତ କରିଥିଲେ। ଆଜିର ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଚିନି ଉଷାରାଣି, ଉପାଧାକ୍ଷା ଅନିତା ମାହାଙ୍କୁଡ, ଜିଲ୍ଲା ପରିଷଦ ଉପାଧାକ୍ଷା ରାଜେଶ୍ୱରୀ ଦୋରା, ବ୍ଲକ ବିଜେଡି ସଭାପତି ତଥା ସାଂସଦ ପ୍ରତିନିଧି ଅଜିତ କୁମାର ଦାସ, ବିଶିଷ୍ଟ ସମାଜସେବୀ ରାମହରି ପାତ୍ର, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଜିତେନ୍ଦ୍ର ରାଉଳ, ୫୪ନମ୍ବର ଜିଲ୍ଲା ପରିଷଦ ଦୀପକ କୁମାର ସାମନ୍ତ, ବ୍ଲକ ଗୋଷ୍ଟି ଉନ୍ନୟନ ଅଧିକାରୀ, ବାନି ଲେଙ୍କା, ବରିଷ୍ଠ ବିଜେଡି ନେତା ଧର୍ମା ରେଡି, ହଳଦିଆ ପଦର ସରପଞ୍ଚ ଦଣ୍ଡପାଣି ବେହେରା, ସମିତି ଆଇନଜୀବୀ ପ୍ରବୀଣ କୁମାର, ବକ୍ସିପଲ୍ଲୀ ସମିତି ଜୟସେନ ସାହୁ, ଗୋଲନ୍ଥରା ଯୁବ ନେତା ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଚୌଦ୍ୱାର ଆଗମନ: ବ୍ୟାପକ ପ୍ରସ୍ତୁତି




କଟକ, (ସ୍ୱପ୍ର): ଚୌଦ୍ୱାର-କଟକବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଦିନ ୧୧ଘଟିକା ସମୟରେ ଚୌଦ୍ୱାର ଆସିବେ । ସେ ଓଟିଏମ୍ ସ୍ଥାନରେ ୩୦୫୦ କୋଟି ଟଙ୍କା ବିନିମୟରେ ୱେଲସ୍ପନ୍ ଲିଭିଂ କମ୍ପାନୀ ଦ୍ୱାରା ହେବାକୁ ଥିବା ଏକ ନୂତନ ବୟନଶିଳ୍ପ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏନେଇ ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି । ଏହି ଭିତିପ୍ରସ୍ତର ସମାବେଶରେ ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବ । ସେନେଇ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି । ଯାହା ଶୁକ୍ରବାର ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ସୂଚନା ଦେଇଛନ୍ତି । ଏହି କାରଖାନା ହେଲେ ଏଠାରେ ୨୦ ହଜାରରୁ ଉର୍ଦ୍ଧ୍ୱ ବେକାର ଯୁବକ, ଯୁବତୀ ପ୍ରତ୍ୟେକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ପାଇବେ । ଫଳରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସ୍ୱପ୍ନର ସହର ପୁଣି ହସି ଉଠିବ । ଏହି ସାମ୍ବାଦିକ ସମ୍ମିଳନୀରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ନଗର କମିଟି ସାଧାରଣ ସମ୍ପାଦକ ତାପସ ମହାନ୍ତି, ଛାତ୍ର ବିଜେଡି ସଭାପତି ଅଚ୍ୟୁତାନନ୍ଦ ଘୋଷ ପ୍ରମୁଖ ଉପସ୍ଥିତଥିଲେ ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଆର୍ବିଭାବ ମହୋତ୍ସବ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ସତସଙ୍ଗ କେନ୍ଦ୍ର ପକ୍ଷରୁ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ସହ ବୁଗୁଡ଼ା ସତସଙ୍ଗ କେନ୍ଦ୍ରର ୨୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉକ୍ତ ମହୋତ୍ସବ ଅବସରରେ ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ ଓ ନବହତ, ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ପ୍ରାତଃକାଳରେ ସମବେତ ଉଷା ବିନତି ପ୍ରାର୍ଥନା, ପୂର୍ବାହ୍ନରେ ନଗର କୀର୍ତ୍ତନ ସହ ସତସଙ୍ଗ ଓ ସଦାଲୋଚନା କରାଯାଇଥିଲା। ଅପରାହ୍ନରେ ଆୟୋଜିତ ମାତୃ ସମ୍ମିଳନୀରେ ସୁମତି ସାହୁ, ମହାଲକ୍ଷ୍ମୀ ପାତ୍ର ଓ ସୌଭାଗ୍ୟ ମଞ୍ଜରୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଠାକୁରଙ୍କ ନୀତିବାଣୀ ସମ୍ପର୍କେ ଆଲୋକପାତ କରିଥିଲେ। ଉକ୍ତ ମହୋତ୍ସବରେ ଅତିଥି ଭାବେ ନିରଞ୍ଜନ ବେହେରା, ଅରଖିତ ରଣା, ପବିତ୍ର ବେହେରା, ରାମଚନ୍ଦ୍ର ଗୌଡ ଓ ଧ୍ରୁବ ଚରଣ ମହାରଣା ପ୍ରମୁଖ ଯୋଗ ଦେଇ ମାର୍ଗ ଦର୍ଶନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଉତ୍ସବ କମିଟି ସଭାପତି ଭଗବାନ ବଡେଇଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଆରମ୍ଭ ୩ଟି କେନ୍ଦ୍ରରେ ୨୯୭ ପରୀକ୍ଷାର୍ଥୀ

ବୁଗୁଡ଼ା, (ସବ୍ୟୁ): ଆଜି ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ବୁଗୁଡ଼ା ଅଞ୍ଚଳର ୩ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୯୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଜଣାଯାଇଛି। ବୁଗୁଡ଼ା ପିପୁଲ୍ସ କଲେଜ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ଆମ୍ର ପ୍ରକାଶ ନାୟକଙ୍କ ତତ୍ତ୍ୱାବଧାନରେ ୧୭୪ ଜଣ, ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟ କେନ୍ଦ୍ରରେ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନରେ ୭୩ ଜଣ ଓ ମାଣିତରା ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟରେ କେନ୍ଦ୍ର ସୁପରିଟେଣ୍ଡେଣ୍ଟ ଅନୁପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୫୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । କପିକୁ ରୋକିବା ପାଇଁ ପରୀକ୍ଷାର୍ଥୀଙ୍କୁ କଡାକଡି ଭାବେ ଯାଞ୍ଚ କରାଯାଇଥିବା ବେଳେ ଉକ୍ତ ୩ଟି କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପ୍ରଥମ ଦିନର ପରୀକ୍ଷା ସମ୍ପନ୍ନ ହୋଇଛି। ଅନ୍ୟପକ୍ଷରେ, ପିପୁଲ୍ସ କଲେଜ ହବ୍ ସେଣ୍ଟର ହୋଇଥିବାରୁ ସେଠାରେ ସଶସ୍ତ୍ର ପୋଲିସ୍ ପହରା ସହ କଡା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରହିଥିବା ବେଳେ ସୁପରଭାଇଜର ଦାୟିତ୍ୱରେ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଏବଂ ଡେପୁଟି ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଅଧ୍ୟାପକ ସୁଶାନ୍ତ କୁମାର ସାହୁ ରହିଛନ୍ତି ।

# ଉନ୍ନୟନ କମିଶନର ଓ ଶିଳ୍ପ ସଚିବଙ୍କ ଟାଟା ଷ୍ଟିଲ୍ ସ୍ପେସିଆଲ ଇକୋନମିକ୍ ଜୋନ୍ ପରିଦର୍ଶନ

ଭୁବନେଶ୍ୱର/ଗୋପାଳପୁର, (ସବ୍ୟୁ): ଓଡ଼ିଶା ସରକାରଙ୍କ ବରିଷ୍ଠ ପଦାଧିକାରୀମାନେ ଟାଟା ଷ୍ଟିଲ୍ ସ୍ପେସିଆଲ ଇକୋନମିକ୍ ଜୋନ୍ ଲିମିଟେଡ (ଟିଏସ୍ ଏସ୍ଇଜେଡ୍ଏଲ୍)ର ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ପାର୍କ (ଜିଆଇପି) ପରିଦର୍ଶନ କରି ଏଠାରେ ଥିବା ଶିଳ୍ପ ୟୁନିଟ୍ଗୁଡ଼ିକର ସାମ୍ପ୍ରତିକ ସ୍ଥିତି ଏବଂ ଏଥିରେ ଅଭିବୃଦ୍ଧି ସମ୍ଭାବନାର ଅନୁଧ୍ୟାନ କରିଛନ୍ତି ଉନ୍ନୟନ କମିସନର ତଥା ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଆଇଏଏସ୍, ଅନୁ ଗର୍ଗ, ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ, ଆଇଏଏସ୍, ହେମନ୍ତ ଶର୍ମା, ଓଡ଼ିଶା ସରକାରଙ୍କ ଇଡକୋ ଓ ଇପିକଲ୍ର ପରିଚାଳନା ନିର୍ଦ୍ଦେଶକ, ଆଇଏଏସ୍, ଭୁପେନ୍ଦ୍ର ସିଂହ ପୁନିଆ ପ୍ରମୁଖ ଇଣ୍ଡଷ୍ଟ୍ରିଆଲ ପାର୍କ ପରିଦର୍ଶନ କରିବା ସହ ବିଭିନ୍ନ ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ



ଅଧିକାରୀମାନେ ଟାଟା ଷ୍ଟିଲ୍ ଏସ୍ଇଜେଡ୍ ପ୍ରତିନିଧି ଓ ଏଠାରେ ଥିବା ବିଭିନ୍ନ ଶିଳ୍ପର ପ୍ରତିନିଧିମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ ଟାଟା ଷ୍ଟିଲ୍ ଏସ୍ଇଜେଡ୍ ଲିମିଟେଡର ପ୍ରକଳ୍ପ ମୁଖ୍ୟ ସୌରଭ ସୁଗନ୍ଧ, କର୍ପୋରେଟ୍ ସେବା ମୁଖ୍ୟ ରାକେଶ ପାତ୍ର ଓ କମ୍ପାନିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ୟୁଟିଲିଟି କରିଡର୍ ଓ ଭିତିଭୂମି ବିକାଶ ଉପରେ ଆଲୋଚନା କରିଥିଲେ। ଇଣ୍ଡଷ୍ଟ୍ରିଆଲ ପାର୍କରେ ନିଜ ଶିଳ୍ପ କାରଖାନା ସ୍ଥାପନ କରିଥିବା ମହାଧନ ଏଗ୍ରିଟେକ୍ ଲିମିଟେଡ୍ (ଏମ୍ଏଏଲ୍), ଟାଟା କଂଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଟିସିପିଏଲ୍), ଫେରୋ କ୍ରୋମ୍ କାରଖାନା (ଟାଟା ଷ୍ଟିଲ୍) ଏବଂ ଅନ୍ୟ ଶିଳ୍ପଗୁଡ଼ିକର ପ୍ରତିନିଧିମାନେ ମଧ୍ୟ ଆଲୋଚନାରେ ସାମିଲ୍ ହୋଇଥିଲେ। ଟାଟା ଷ୍ଟିଲ୍ର ସହଯୋଗୀ କମ୍ପାନୀ ଟାଟା ଷ୍ଟିଲ୍ ଏସ୍ଇଜେଡ୍ ଲିମିଟେଡ, ଘରୋଇ ଓ ରପ୍ତାନିଭିତିକ ଶିଳ୍ପ ପାଇଁ ଏକ ଉଦୀୟମାନ ହବ୍ ଭାବେ ଗୋପାଳପୁର ଶିଳ୍ପ ପାର୍କ (ଜିଆଇପି)ର ବିକାଶ କରୁଛି। ଏହି ଶିଳ୍ପାଂଚଳରେ ଟାଟା ଷ୍ଟିଲ୍ ଫେରୋ କ୍ରୋମ୍ କାରଖାନା, ଟାଟା କଂଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ ଆଦି ବହୁ ଶିଳ୍ପ କାରଖାନା କାର୍ଯ୍ୟକ୍ଷମ ରହିଛି । ପାର୍କରେ ଦୀପକ ଫର୍ଟିଲାଇଜର୍ସ ଆଣ୍ଡ୍ ପେଟ୍ରୋକେମିକାଲ୍ସ କର୍ପୋରେସନ୍ ଲିମିଟେଡର ମହାଧନ ଆଗ୍ରିଟେକ୍ ଲିମିଟେଡ ଏବଂ ଗେଲ୍ ଗ୍ୟାସ୍ ଲିମିଟେଡ୍ର ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ଦୀର୍ଘସ୍ଥାୟୀ ଶିଳ୍ପ ବିକାଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ରାଜ୍ୟର ରହିଥିବା ଲକ୍ଷ୍ୟ ଅନୁସାରେ ଗୋପାଳପୁର ଶିଳ୍ପ ପାର୍କରେ ବିକାଶମୂଳକ କାର୍ଯ୍ୟ ଜାରି ରହିଛି । ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମର ଗୋପାଳପୁରରେ ଆୟୋଜିତ ଏକ ସମାରୋହରେ ଏସିଏମ୍ଇ କ୍ଲିନ୍ଟେକ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ ଓ ଆଭାଡା ଗ୍ରିନ୍ ଏଚ୍ ୨ ପ୍ରାଇଭେଟ୍ ଲିମିଟେଡ୍ର ଦୁଇ ସବୁଜ ଇନ୍ଧନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଯାହା ଓଡ଼ିଶାର ଦୀର୍ଘସ୍ଥାୟୀ ଶିଳ୍ପ ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖଣ୍ଟ ସାବ୍ୟସ୍ତ ହୋଇଛି ।

# ଶିବ ମନ୍ଦିର ପ୍ରତିଷ୍ଠା ପାଇଁ ବୈଠକ

ଠାକୁରଗଡ଼, (ସବ୍ୟୁ): ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତର ବନ୍ଧଗାଁ ଗ୍ରାମରେ ନିର୍ମାଣ ହୋଇଥିବା ଶିବ ମନ୍ଦିର ୨୨ ତାରିଖ ଗୁରୁବାର ଦିନ ପ୍ରତିଷ୍ଠା ଅନୁଷ୍ଠିତ ହେବ । ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାର ଦିନ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ କରାଯାଇଛି । ଦେବାର୍ଚ୍ଚନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୁରନ୍ଦର ନାୟକ, ଦିବାକର ନାୟକ, କୁମର ମଣୀ ନାୟକ, ଶଶାଙ୍କ ଶେଖର ପ୍ରଧାନ, ତାପସ କୁମାର ପ୍ରଧାନ, ଦିଲୀପ କୁମାର ସାହୁ, ଦେବହରି ପ୍ରଧାନ, ରମାକାନ୍ତ ସାହୁ, ତ୍ରିଲୋଚନ ପ୍ରଧାନଙ୍କ ସମେତ ଗ୍ରାମବାସୀମାନେ ଯୋଗ ଦେଇଥିଲେ। ଏଥିରେ କିଭଳି ପ୍ରତିଷ୍ଠା କାର୍ଯକ୍ରମ ହେବ ସେ ନେଇ ଆଲୋଚନା କରାଯାଇଥିଲା । ଭକ୍ତ ଙ୍କ ଭିଡକୁ ଦେଖି ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରିବା ପାଇଁ ନିଷ୍ପତି ନିଆଯାଇଛି । ଏନେଇ ପ୍ରଥମେ କଳଶ ଯାତ୍ରା କରାଯିବାର ମଧ ଆଲୋଚନା କରାଯାଇଛି ।

# ବିଜେଡି-ବିଜେପି ବିବାହ କଲା କଂଗ୍ରେସ



ବ୍ରହ୍ମପୁର, (ସବ୍ୟୁ): ବିଜେଡ଼ି ଓ ବିଜେପି ଦଳ ଦୀର୍ଘ ୨୪ ବର୍ଷ ର ଭିତିରିଆ ସମ୍ପର୍କରେ ରହିଲେ, ଉପରେ ଉପରେ ବିରୋଧ କରି ଭିତରେ ସବୁ ଏକ । ଦୁହେଁ ମିଶି ଓଡ଼ିଶାକୁ ଲୁଟି ଖାଇ ଚାଲିଛନ୍ତି । ଓଡ଼ିଶାରେ ଏହି ଭିତିରିଆ ସମ୍ପର୍କ ଗ୍ରହଣୀୟ ନୁହେଁ । ତେଣୁ ସାନଖେମୁଣ୍ଡି କଂଗ୍ରେସ ପକ୍ଷରୁ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ବିଜେପି-ବିଜେଡ଼ି ବିବାହ କରାଇ ଚୋରା ପିରତିକୁ ଲୋକଲୋଚନକୁ ଆଣି ସାମାଜିକ ମାନ୍ୟତା ପ୍ରଦାନ କରିଛି ଦଳ ।

# କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନର ହରତାଳ ଓ ଧର୍ମଘଟ

ରମ୍ଭା, (ସବ୍ୟୁ): ସଂଯୁକ୍ତ କିଷାନ ମୋର୍ଚ୍ଚା. କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡେରସନ ସମୁହ ଆହ୍ୱାନ କ୍ରମେ ଦେଶ ବ୍ୟାପି କେନ୍ଦ୍ର ବିଜେପି ସରକାରଙ୍କ ଜନ ବିରୋଧୀ ନୀତି ବେକାରୀ, ଦରବୃଦ୍ଧି, ଶ୍ରମିକ ଛଟେଇ ସହିତ ରାଷ୍ଟ୍ରୟାତ ଶିଳ୍ପ ବ୍ୟାଙ୍କ ବୀମ,। ଖଣି, ରେଳ ଇତ୍ୟାଦି ଦେଶର ସମ୍ପତ୍ତି ବିକ୍ରି କରବା, ଚାଷୀ ମାନଙ୍କୁ ଦିଲ୍ଲୀ ଆନ୍ଦୋଳନ ବେଳେ ଦେଇଥିବା ପ୍ରତିଶୃତି ଫସଲ ଉତ୍ପାଦନର (୫୦%)ସର୍ବ ନିମ୍ନ ସହାୟକ ମୂଲ୍ୟ ଦେବା, ଚାଷୀ ର ସମସ୍ତ ଋଣ ଛାଡ଼କରିବା, ଫସଲ ବୀମା ଅର୍ଥ ରାଶି ବୃଦ୍ଧି, ମୁଲିଆଙ୍କୁ ୨୦୦ଦିନ କାମ ୬୦୦ଟଙ୍କା ମଜୁରୀ ପ୍ରଦାନ କରିବା, ଶ୍ରମିକଙ୍କ ୪୪ଶ୍ରମ ଆଇନ ବାତିଲ କରି ୪ଟି କୋଡ଼କରବା ବାତିଲ କର, ସର୍ବ ନିମ୍ନ ୨୬୦୦୦ମାସିକ ଦରମା ପ୍ରଦାନ କରିବା । ଆନ୍ଦୋଳନ ବେଳେ ସହିଦ ଚାଷୀ ମାନଙ୍କ ସ୍ମାରକୀ ସ୍ଥାପନ ଓ ସହାୟତା ଯୋଗାଇବା ଦାବୀରେ ଗ୍ରାମୀଣ ଭାରତ ବନ୍ଦକୁ ସମର୍ଥନ କରି ପଟୁଆରରେ ରମ୍ଭା ସହର ପରିକ୍ରମା କରି ଜାତୀୟ ଷ୍ଟେଟ ବ୍ୟାଙ୍କ ଓ ୟୁନିଅନ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରର୍ଦଶନ କରି କେନ୍ଦ୍ରସରକାରଙ୍କନୀତି ବିରୋଧର ସ୍ଲୋଗାନ ଦେଇଥିଲେ । ଏହି ଧର୍ମ ଘଟରେ ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ଼ ୟୁନିଅନ ପକ୍ଷରୁ ବରିଷ୍ଠ କୃଷକ ନେତା ପି. ହରିକୃଷ୍ଣ ରେଡ୍ଡୀ, ରାଜ୍ୟ ପରିଷଦ ସବୁ ସଭ୍ୟ ବିପ୍ର ପ୍ରଧାନ, ରାଜ୍ୟ କାର୍ଯ୍ୟ କାରିଣୀ ସଭ୍ୟ ସୁଜ୍ଞାନୀ ପଟ୍ଟନାୟକ, ଚକ୍ରଧରା ବେହେରା, ପଦ୍ମ ଚରଣ ନାୟକ, ବି.ଦଣ୍ଡପାଣି ପାତ୍ର, ୱାର୍ଡ ନଂ ୧୨ କ୍ଷେତ୍ର ମହନବେହେରା, ୱାର୍ଡ ନଂ ୧୩ ଜ୍ୟୋସ୍ନା ରାଣୀ ବେହେରା, ଅରକ୍ଷିତ ନାୟକ, ଜେ. ଲୋକନାଥ ପାତ୍ର, ରଜନୀକାନ୍ତ ବେହେରା, ଜେ. ଭାସ୍କର ପାତ୍ର, ବେନୁପାଣି ବେହେରା, ଏସ. ଲକ୍ଷ୍ମୀ ପାତ୍ର, ପଦ୍ମ ପ୍ରଧାନ, କୃଷ୍ଣ ଚନ୍ଦ୍ର ଗୌଡ଼, ପୂର୍ଣ୍ଣ ଚନ୍ଦ୍ର ରଥ, ପଦ୍ମଚରଣ ପ୍ରଧାନ, ନାରାୟଣ ନାୟକ, ମାଧବ ରାଓ, ପ୍ରଭାକର ବେହେରା, ନର୍ମଦା ପାତ୍ର, ରଘୁନାଥବେହେରା, ଗଦାଧର ରେଡ୍ଡୀ, ଉଲ୍ଲାସ ଜେନା, ଫକୀର ବେହେରା, ଘନ ଶ୍ୟାମ ନାହାକ ରାମ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦାନ କରିଥିଲେ ।

# ମୟୂରଭଞ୍ଜରେ ବିକ୍ଷୋଭ ଓ ପ୍ରତିବାଦ

ବାରିପଦା, (ସବ୍ୟୁ): କର୍ପୋରେଟ ପ୍ରୋତ୍ସାହିତ ସାଂପ୍ରଦାୟିକ ତାନାସାହି କେନ୍ଦ୍ର ବିଜେପି ସରକାରଙ୍କ ଶ୍ରମିକ, କୃଷକ, ଜନବିରୋଧୀ ନୀତି ଗୁଡିକ ବିରୋଧରେ ଆଜି ଦେଶର ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ କର୍ମଚାରୀ ଫେଡେରେସନ ଓ ସ୍ୱାଧୀନ ସଂଗଠନ ମାନଙ୍କଦ୍ୱାରା ଆହୂତ ଦେଶବ୍ୟାପୀ ଧର୍ମଘଟ ଓ ଗ୍ରାମୀଣ ଭାରତ ବନ୍ଦ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରତିବାଦ ମିଳିତ ଭାବେ କଂଗ୍ରେସ, ଆଇଏନଟିୟୁସି,ଏଆଇଟିୟୁସି, ସିପିଆଇ, ସିଟୁ, ସିପିଏମ, ଏଚମସ, ଏଆଇୟୁଟିୟୁସି, ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ ବାତିଲ, ଲକ୍ଷ୍ମୀପୁର କୃଷକ ଗଣହତ୍ୟା ଷଡ଼ଯନ୍ତ୍ରରେ ଅଭିଯୁକ୍ତ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀକୁ ବହିଷ୍କାର, ଆଶା, ଅଙ୍ଗନବାଡ଼ି, ପାଚିକା ସହାୟିକା ମାନଙ୍କୁ ଶ୍ରମିକର ମାନ୍ୟତା ସହ ମାସିକ ୨୬ହଜାର ଟଙ୍କା ମଜୁରୀ, ସମସ୍ତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନଗତ ଗ୍ୟାରେଣ୍ଟି, କୃଷକମାନଙ୍କୁ ଋଣରୁ ମୁକ୍ତି, ଭାଗଚାଷୀ ଆଇନ୍ ପ୍ରଣୟନ, ମନରେଗାରେ ଶ୍ରମିକଙ୍କୁ ବାର୍ଷିକ ୨୦୦ ଦିନର କାମ ସହ ଦୈନିକ ୬୦୦ଟଙ୍କା ମଜୁରୀ, ଜଙ୍ଗଲ ଜମି ଅଧିକାର ଆଇନକୁ କଡ଼ାକଡ଼ି ଲାଗୁ କରିବା, ପୁରୁଣା ପେନସନ ଲାଗୁ କରିବା, ଠିକା ଶ୍ରମିକ, କର୍ମଚାରୀ ପ୍ରଥା




ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି, ଦରଦାମକୁ ନିୟନ୍ତ୍ରଣ କରିବା, କାମକରିବାର ଅଧିକାରକୁ ସମ୍ବିଧାନର ମୌଳିକ ଅଧିକାର ଭୁକ୍ତ କରିବା, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଭଳି ସବୁ କ୍ଷେତ୍ରରେ ଶ୍ରମିକମାନଙ୍କ ପଞ୍ଜୀକରଣ ଓ ସହାୟତା ପ୍ରଦାନ, ସଡ଼କ ପରିବହନ କ୍ଷେତ୍ରରେ କାର୍ଯ୍ୟରତ ଡ୍ରାଇଭର ମାନଙ୍କ ପାଇଁ ଆଣିଥିବା ସଂଶୋଧିତ ଆଇନ ପ୍ରତ୍ୟାହାର, ଜାତୀୟ ସମ୍ପତ୍ତିର ଘରୋଇକରଣ ବନ୍ଦ, ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁରକ୍ଷା ଦେବା, ଦିଲ୍ଲୀ ସିମାରେ କୃଷକମାନଙ୍କ ଉପରେ ଆକ୍ରମଣ ବନ୍ଦ କରିବା ଇତ୍ୟାଦି ଦାବି ଆଜିର ଧର୍ମଘଟର ମୂଳ ଉତ୍ସ ବୋଲି ସିପିଆଇ ତଥା ଏଆଇଟିୟୁସି ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର କହିଛନ୍ତି। ଜାତୀୟ କଂଗ୍ରେସର ଜିଲ୍ଲା ସଭାପତି ନିରୋଜ ଲୋଚନ ଦାସ, ସିଆଇଟିୟୁ ଜିଲ୍ଲା ସଭାପତି ରବି ଗୋସ୍ୱାମୀ, ସମ୍ପାଦକ ଅମଳ ଦେ, ଏଚମସ ର ସିନଗଲତା ମାଝୀ ଓ ଏଆଇୟୁଟିୟୁସିର ପିତାମ୍ବର ନାଏକ ପ୍ରମୁଖ ସରକାରଙ୍କ ପୁଞ୍ଜିବାଦୀ ତୁଷ୍ଟିକରଣ ନୀତିକୁ ସମାଲୋଚନା କରିଛନ୍ତି। ଆଜିର ସର୍ବଭାରତୀୟ ପ୍ରତିବାଦରେ ଏଆଇଟିୟୁସି ଓ ସିପିଆଇ ପକ୍ଷରୁ କାହ୍ନୁଚରଣ ବେହେରା, ଶ୍ରୀକାନ୍ତ ସାମଲ, ସୁଦର୍ଶନ ରାଉଳ, ମହେଶ୍ୱର, ସୁମିତ୍ରା ସିଂ, ଶମ୍ଭୁ, ଚିତ୍ରମଣି ସିଂ, ଅଖିଳ ଭାରତୀୟ ଆଦିବାସୀ ମହାସଭାର ରଥ ସିଂ, ଚିତ୍ରମଣୀ ସିଂ, ରୀନା ପୂର୍ତ୍ତି, ସୁଭଦ୍ରା, ଶମ୍ଭୁ ସିଂ, ଶୁକୁରା, ବାସୀ ସିଂ, ମୟୂରଭଞ୍ଜ ଟ୍ରାନ୍ସପୋର୍ଟ କର୍ମଚାରୀ ୟୁନିଅନର ରଘୁନାଥ ପଣ୍ଡା, ଅଶୋକ ଭଞ୍ଜ, ଗଙ୍ଗାଧର ସାମଲ, ମନୋରଞ୍ଜନ ପରିଡା, ସୁବାସ, ପାଚିକା ପକ୍ଷରୁ ଶକୁନ୍ତଳା ମହାନ୍ତ, ପଦ୍ମାବତୀ,କୁମଲତା, ଗାୟତ୍ରୀ ମହାପାତ୍ର, ରଜନୀ ସାମଲ, ବାସନ୍ତୀ ନାଏକ, ସନ୍ଧ୍ୟା ରାଣୀ, ଗୀତା ପଣ୍ଡିତ, ଏଆଇୟୁଟିୟୁସିର ସର୍ଦାର ସିଂ, ଫୁଲ ଚାନ୍ଦ, କଂଗ୍ରେସ ପକ୍ଷରୁ ମିଡ଼ିଆ ସଂଯୋଜକ ସୁକୁମାର ରଞ୍ଜନ ପ୍ରଧାନ, ଗଣେଶ ବେହେରା, ସତ୍ୟ ସୁନ୍ଦର ଦଳନାଏକ, ବାଦଲ ହେମ୍ବ୍ରମ, ଦୀପକ୍ ଦାସ, ସତ୍ୟକାମ ସେନାପତି, ପ୍ରଦୀପ ମିଶ୍ର, ଇତିଶ୍ରୀ, ସସ୍ମିତା ମିଶ୍ର, ବିକାଶ ମହାଭୋଇ, ଶିବ ବିନ୍ଧାଣି ଓ ଶୁଭ ସ୍ମିତା ଜେନା ପ୍ରମୁଖ ଶତାଧିକ ଲୋକ ସାମିଲ ଥିଲେ ।

# ଉତ୍ତର ଓଡ଼ିଶାରୁ ସହସ୍ରାଧିକ ରାମଭକ୍ତଙ୍କ ଅଯୋଧ୍ୟା ଯାତ୍ରା

ବାରିପଦା, (ସବ୍ୟୁ) : ଉତ୍ତର ଓଡ଼ିଶାର ମୟୂରଭଞ୍ଜ ଓ ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀରୁ ଶୁକ୍ରବାର ଦିନ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ରାମଭକ୍ତ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଛନ୍ତି। ଭାଜପା ପକ୍ଷରୁ ଏ ଅଞ୍ଚଳର ଅଯୋଧ୍ୟା ଗମନାର୍ଥୀ ରାମ ଭକ୍ତମାନଙ୍କ ପାଇଁ ପ୍ରସ୍ତୁତ ଯୋଜନା ଅନୁଯାୟୀ ଶୁକ୍ରବାର ପୂର୍ବାହ୍ନ ସାଢ଼େ ଦଶଟା ବେଳେ ଏକ ସ୍ୱତନ୍ତ୍ର ଆସ୍ଥା' ଟ୍ରେନ ଦେଢ଼ ହଜାର ରାମ ଭକ୍ତଙ୍କୁ ନେଇ ବାଲେଶ୍ୱର ରେଳ ଷ୍ଟେସନ ଛାଡିଛି ଏବଂ ଏହା ଶନିବାର ବଡ଼ି ଭୋରରେ ଅଯୋଧ୍ୟାର 'ଦର୍ଶନ ନଗର ଠାରେ ପହଞ୍ଚିବ ବୋଲି ବିଜେପି ରାଜ୍ୟ ମୁଖପାତ୍ର କବିବିଷ୍ଣୁ ଶତପଥୀ ସୂଚନା ଦେଇଛନ୍ତି। ଏହି ଆସ୍ଥା' ଟ୍ରେନଟି ରେଳଯାତ୍ରୀ ଦର୍ଶନାର୍ଥୀ ମାନଙ୍କୁ ନେଇ



ଅଯୋଧ୍ୟାରୁ ରବିବାର ଦିନ ଫେରନ୍ତା ଯାତ୍ରା ଆରମ୍ଭ କରି ସୋମବାର ଦିନ ବାଲେଶ୍ୱରରେ ଆସି ପହଞ୍ଚିବ ବୋଲି ଶ୍ରୀ ଶତପଥୀ ପ୍ରକାଶ କରିଛନ୍ତି। ଟ୍ରେନ ଯାତ୍ରା ଆରମ୍ଭ ବେଳେ ବାଲେଶ୍ୱର ଷ୍ଟେସନ ରାମ ଭକ୍ତଙ୍କ ଜୟ ଶ୍ରୀରାମ ଧ୍ୱନିରେ ଉଚ୍ଛୁଳି ଉଠିଥିବା ଏବଂ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ସମସ୍ତଙ୍କୁ ବିଦାୟ ଦେଇଥିବା ଜଣାଯାଇଛି।

(ଶ୍ରୀମଦ୍‌ଭଗବଦ୍ ଗୀତା ୪/୩)

–ଜ୍ଞାନଯୋଗଃ–

(ଶ୍ରୀଭଗବାନୁବାଚ)

**ସ ଏବାୟଂ ମୟା ତେଽଦ୍ୟ ଯୋଗଃ ପ୍ରୋକ୍ତଃ ପୁରାତନଃ**
**ଭକ୍ତୋଽସି ମେ ସଖା ଚେତି ରହସ୍ୟଂ ହ୍ୟେତଦୁତ୍ତମମ୍ ।।୩ ।।**
ତୁମେ ମୋର ଭକ୍ତ ଓ ସଖା ସେଥିପାଇଁ ଏହି ସେହି ପୁରାତନ ଯୋଗ ତୁମକୁ ଆଜି କହୁଥିଲି, କାହିଁକିନା , ଏହା ଅତୀବ ଗୋପନୀୟ ।।୩ ।।

## ସମ୍ପାଦକୀୟ

# କୃଷକ କଲ୍ୟାଣ

ପୁଣି ଚର୍ଚ୍ଚାରେ କୃଷକ ଆନ୍ଦୋଳନ । ହଜାର ହଜାର କୃଷକ ଫସଲ ମୂଲ୍ୟ ଉପରେ ଗ୍ୟାରେଣ୍ଟି ଦାବି କରି ରାଜଧାନୀ ଅଭିମୁଖେ ବାହାରିଛନ୍ତି ଏବଂ ପ୍ରଶାସନ ସେମାନଙ୍କୁ ଦିଲ୍ଲୀରେ ପ୍ରବେଶ କରିବାକୁ ଦେଇନାହାନ୍ତି । ଦୁଇ ବର୍ଷ ପୂର୍ବେ କୃଷକ ଆନ୍ଦୋଳନ ଯୋଗୁଁ ସରକାରଙ୍କୁ ବିବାଦୀୟ ନୂତନ କୃଷି ଆଇନ ପ୍ରତ୍ୟାହାର କରିବାକୁ ପଡିଥିଲା । ତେବେ ପୁଣି ସେହି ଅବସ୍ଥା ଉପୁଜିଛି । କଟକଣା ଯୋଗୁଁ ପଞ୍ଜାବର ହଜାର ହଜାର କୃଷକ ହରିଆଣା ସୀମାର କେତେକ ସ୍ଥାନରେ ଏକାଠି ହେଇ ଆନ୍ଦୋଳନ ଚଳାଇଛନ୍ତି । ଆନ୍ଦୋଳନକାରୀମାନେ ଦିଲ୍ଲୀ ଅଭିମୁଖେ ବାହାରିଥିବା ବେଳେ, ରାସ୍ତାରେ ତାଙ୍କୁ ଅଟକାଇ ଦିଆଯାଇଛି । ବିଭିନ୍ନ ପ୍ରକାରର ଖାଦ୍ୟ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଗ୍ୟାରେଣ୍ଟି, ଋଣ ଛାଡ, କୃଷି କ୍ଷେତ୍ର ଉପରେ ପ୍ରଭାବ ପକାଉଥିବା ଆନ୍ତର୍ଜାତୀୟ ଚୁକ୍ତିନାମା ବାତିଲ ଏବଂ କୃଷକ ଓ କୃଷି ଶ୍ରମିକଙ୍କ ପାଇଁ ସର୍ବନିମ୍ନ ୫ ହଜାର ଟଙ୍କା ପେନସନ୍ ଦାବି କରୁଛନ୍ତି । ପୂର୍ବରୁ ୨୦୨୧–୨୨ ମସିହାରେ ହେଇଥିବା ଆନ୍ଦୋଳନରେ ମଧ୍ୟ ଏହି ଦାବିଗୁଡିକ ମଧ୍ୟରୁ କେତେକ ଉଠିଥିଲା ଏବଂ ଏହି ଆନ୍ଦୋଳନ ସମୟରେ କୃଷି କ୍ଷେତ୍ରରେ ସଂସ୍କାର ଆଣିବାକୁ ଚେଷ୍ଟା କରୁଥିବା ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ତିନୋଟି ବିବାଦୀୟ ଆଇନ ପ୍ରତ୍ୟାହାର କରିବା ପରେ ଆନ୍ଦୋଳନକାରୀ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ । ସଂଯୁକ୍ତ କିଷାନ ମୋର୍ଚ୍ଚା ବର୍ତ୍ତମାନ ଚାଲିଥିବା ଆନ୍ଦୋଳନର ନେତୃତ୍ୱ ନେଉଛି । ପୂର୍ବ ଆନ୍ଦୋଳନର ନେତୃତ୍ୱ ନେଇଥିବା ସଂଗଠନର ଏହା ଗୋଟିଏ ଅଂଶ । ପଶ୍ଚିମ ୟୁ.ପି.ର ଯେୱାର ବିମାନ ବନ୍ଦର ପ୍ରକଳ୍ପ, ଯମୁନା ଏକ୍ସପ୍ରେସ ୱେ ଦ୍ୱାରା ଚାଷୀ ପ୍ରଭାବିତ ହେବା ଏବଂ ହରିୟାଣାର ସୋନିପତରେ ବିଦ୍ୟୁତ କେବୁଲ ପାଇଁ ଜମି ଅଧିଗ୍ରହଣକୁ କୃଷକମାନେ ବିରୋଧ କରୁଛନ୍ତି । ମୂଳ ଏସକେଏମ ଏବଂ ଅନେକ ଟ୍ରେଡ ୟୁନିଅନ ଫେବୃଆରୀ ୧୬ରେ ଏକ ଜାତୀୟ ଗ୍ରାମୀଣ ତଥା ଶିଳ୍ପ ଧର୍ମଘଟ ଡାକରା ଦେଇଥିଲେ । ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ପଡ଼ିଛି ଏବଂ ଜନଜୀବନ ବ୍ୟାହାତ ହୋଇଛି । ଅନ୍ୟପକ୍ଷରେ ସରକାର ଚାଷୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି କିନ୍ତୁ ଏମଏସପିକୁ ନେଇ ଆଇନଗତ ଗ୍ୟାରେଣ୍ଟି ସମ୍ଭବ ନ ଥିବା ପରି ଜଣାପଡୁଛି । ଏଫସିଆଇ ଦ୍ୱାରା ଏମଏସପି ଆଧାରିତ କ୍ରୟ ଖାଦ୍ୟ ନିରାପତ୍ତାର ମୂଳଦୁଆ ପାଲଟିଛି । ନିଜର ଆବଶ୍ୟକ ଠାରୁ ଅଧିକ ଉତ୍ପାଦନ କରୁଥିବା ଚାଷୀ ଏମଏସପି ଯୋଜନାରୁ ଉପକୃତ ହେଉଛନ୍ତି , କିନ୍ତୁ ଏହି ଯୋଜନା ଗରିବ ଅଞ୍ଚଳରେ ଅଳ୍ପ ଉତ୍ପାଦନ କରୁଥିବା ଚାଷୀଙ୍କ ପାଇଁ ଲାଭଦାୟକ ହେଇପାରୁନାହିଁ । କେତେକ ଚାଷୀ ଲାଭବାନ ହେଉଥିବା ବେଳେ ଅନ୍ୟ କେତେକଙ୍କ ପାଇଁ ଏମଏସପିର ମୂଲ୍ୟ କିଛି ନାହିଁ । ତେଣୁ ଚାଷୀ ଓ ଚାଷ ପାଇଁ ସରକାରୀ ସହାୟତାରେ ନୂଆ କଥା ଚିନ୍ତା କରିବାକୁ ପଡିବ ଯାହା ସମସ୍ତଙ୍କୁ ସନ୍ତୁଷ୍ଟ କରିପାରିବ । ରାଜନୀତି ସ୍ତରରେ ବ୍ୟାପକ ଆଲୋଚନା କରିବା ସହ ବର୍ତ୍ତମାନର ବ୍ୟବସ୍ଥାର ହିତାଧିକାରୀମାନଙ୍କୁ ଉତ୍ପାଦନକୁ ବିବିଧ କରିବା ଏବଂ ଉତ୍ପାଦନ ବୃଦ୍ଧି ପାଇଁ ଉତ୍ସାହିତ କରିବା ଦ୍ୱାରା ହୁଏତ ଚାଷରେ ଉନ୍ନତି ଆସିବା ସହ ଚାଷୀଙ୍କୁ ସନ୍ତୁଷ୍ଟ କରିପାରିବ । ଲୋକସଭା ନିର୍ବାଚନ ପୂର୍ବରୁ ଏ ପ୍ରକାର ବିରୋଧର ସ୍ୱରକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ । ବର୍ତ୍ତମାନ ପଞ୍ଜାବ ଏବଂ ହରିୟାଣା ସୀମାରେ ଚାଲିଥିବା ବିଭିନ୍ନ କୃଷକ ସଂଗଠନର ଏହି ବିରୋଧ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଇନ୍ସ (ଏନଡିଏ) ସରକାରଙ୍କୁ କୃଷି କ୍ଷେତ୍ରରେ ଏବଂ କୃଷକମାନଙ୍କର କଲ୍ୟାଣ କିପରି ସମ୍ଭବ ହେବ ସେ ଦିଗରେ ସହାନୁଭୂତିର ସହ ବିଚାର କରିବା ଆବଶ୍ୟକ । ଯେହେତୁ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି, ବିରୋଧୀ ହିତାଧିକାରୀଙ୍କ ସହ ଗଠନମୂଳକ କଥାବାର୍ତ୍ତା କରିବା ସହ କୃଷି ଓ କୃଷକଙ୍କ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବା ଜରୁରୀ ଅଟେ । କୃଷକମାନଙ୍କ ସମସ୍ୟା କେବଳ ଆମ ଦେଶର ସମସ୍ୟା ନୁହେଁ, ୟୁରୋପ ଏବଂ ଉତ୍ତର ଆମେରିକାର କେତେକ ଦେଶରେ ମଧ୍ୟ କୃଷକ ସମାଜ ପ୍ରଭାବିତ ହେଉଛନ୍ତି । କୃଷକମାନଙ୍କର କଲ୍ୟାଣ ସର୍ବଦା ଗଣମାଧ୍ୟମ ଏବଂ ନାଗରିକ ସମାଜର ଦୃଷ୍ଟି ଆକର୍ଷଣ କରିଆସୁଛି, ଯାହା ପାଶ୍ଚାତ୍ୟ ଏବଂ ପୂର୍ବ ମଧ୍ୟରେ ଏକ ସମାନ ସମସ୍ୟା ଭାବରେ ଉଭା ହୋଇଛି । କୃଷିଜାତ ପଦାର୍ଥର ଆମଦାନୀ ଓ ରପ୍ତାନି ଦ୍ୱାରା କେତେକ ଦେଶରେ ଚାଷୀକୁଳର ଉନ୍ନତି ହେଉଥିବା ବେଳେ ଆଉ କେତେକ ଦେଶରେ କୃଷକଙ୍କର ଅବନତି ହେଉଛି । ସେହିପରି ବିଭିନ୍ନ ଦୈବଦୁର୍ବିପାକ ଚାଷବାସକୁ ପ୍ରଭାବିତ କରୁଛି । ଅନେକ ସମୟରେ ଚାଷୀକୁ ଅଭାବୀ ବିକ୍ରିର ସାମ୍ନା କରିବାକୁ ପଡୁଛି । ଭାରତୀୟ ଅର୍ଥନୀତିରେ କୃଷି କ୍ଷେତ୍ର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଅଟେ । ଦେଶର ସାମାଜିକ ଅର୍ଥନୈତିକ ବିକାଶ କୃଷି ଉପରେ ଯଥେଷ୍ଟ ନିର୍ଭରଶୀଳ । ଏହା ଜିଡିପିର ପ୍ରାୟ ୧୯ ପ୍ରତିଶତ ଅଟେ ଏବଂ ଜନସଂଖ୍ୟାର ପ୍ରାୟ ଦୁଇ ତୃତୀୟାଂଶ ଏହି କ୍ଷେତ୍ର ଉପରେ ନିର୍ଭରଶୀଳ । ଏହା କେବଳ ଭାରତର ଏକ ବୃହତ ଜନସଂଖ୍ୟା ପାଇଁ ଜୀବିକା ଏବଂ ଖାଦ୍ୟ ନିରାପତ୍ତାର ଉତ୍ସ ନୁହେଁ ବରଂ ସ୍ୱଳ୍ପ ଆୟକାରୀ, ଗରିବ ଏବଂ ଅସୁରକ୍ଷିତ ବର୍ଗ ପାଇଁ ମଧ୍ୟ ଏହାର ବିଶେଷ ମହତ୍ତ୍ୱ ରଖେ । କୃଷକମାନଙ୍କର ଦାବି ସହାନୁଭୂତିର ସହ ବିଚାର କରିବା ଉଚିତ ହେବ । ସରକାର ମଧ୍ୟ ଆଲୋଚନା ଜାରି ରଖିଛନ୍ତି । ଆନ୍ଦୋଳନକାରୀ କୃଷକ ନେତା ଏବଂ ତିନିଜଣ କେନ୍ଦ୍ରୀୟ ମନ୍ତ୍ରୀଙ୍କ ମଧ୍ୟରେ ତୃତୀୟ ରାଉଣ୍ଡ ଆଲୋଚନା ଏକ ସକାରାତ୍ମକ ନୋଟରେ ଶେଷ ହେଇଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଛି । ଆଶାକରିବା, ସରକାର ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ମାଧ୍ୟମରେ, ସବୁ ଦାବିର ଉଚିତ ସମାଧାନ ହେଇପାରିବ ।

# କରୁଣାର ପ୍ରକାଶ...

ଯେତେବେଳେ ସୂର୍ଯ୍ୟଙ୍କର ପ୍ରଥମ କିରଣ ଧରାପୃଷ୍ଠକୁ ଛୁଇଁ ଥାଏ ଆଉ ପ୍ରତ୍ୟେକ ବୃକ୍ଷ ଖୁସିରେ ନାଚିଥାନ୍ତି । ଏହା ଗୋଟିଏ ଭଲ ଆରମ୍ଭର ପ୍ରସନ୍ନତା ଅଟେ । ଆମର ହୃଦୟରେ ଆଶା, ପ୍ରସନ୍ନତା ଆଉ ଉତ୍ସାହରେ ଭରିଯାଏ । ଆଶା ହିଁ ସାକାର ହୋଇଥାଏ । ଆମର ଜୀବନ ଆଶାରେ ଅଟକି ଥାଏ । ଏହାର ବିନା ଜୀବନରେ କିଛି ନାହିଁ । ଅତଃ ଆଶାନ୍ୱିତ ହୋଇକରି ଜୀବନରେ ଆଗକୁ ବଢିବାହିଁ ଭଲ,କିନ୍ତୁ କ'ଣ ଆମେ ନିଜର ଆଶାକୁ ପୋଷିତ ଆଉ ପ୍ରତିଫଳିତ କରିବାର ବାତାବରଣ ବନେଇଛେ ? କ'ଣ ଆମେ ବୁଝିବିଚାରୀ ସ୍ୱୟଂର ବିକାଶ କରିଛେ ? ଆପଣ ବାହାରେ ଯେତେବଡ ହୋଇଥାନ୍ତୁ ନା'କାହିଁକି,ଯଦି ଆପଣ ଅନ୍ୟକୁ ବୁଝିବା ପାଇଁ ପର୍ଯ୍ୟାପ୍ତ ଉଦାର ନୁହନ୍ତି । ଯଦି ଆପଣଙ୍କ ଭିତରେ କରୁଣା ଆଉ ସମ୍ବେଦନଶୀଳତା ନାହିଁ,ତା'ହେଲେ ଯେକୌଣସି ବାହାର ପରିବର୍ତ୍ତନରେ ଲାଭ କ'ଣ ? ଆଜି ଲାଗୁଛିକି ମାତ୍ର ସମସ୍ୟା ଆଉ ସଂଘର୍ଷ ଉତ୍ପନ୍ନ କରିବା ମନୁଷ୍ୟର ସ୍ୱଭାବ ହେଇଗଲାଣି । କିନ୍ତୁ କିଛି ସ୍ଥାନରେ ଲୋକେ ଯୁଦ୍ଧର ବିନାଶରେ ପୀଡିତ ଅଛନ୍ତି । ଲୋକମାନେ ପରସ୍ପର ମଧ୍ୟରେ ଲଢେଇ କରୁଛନ୍ତି,କାହିଁକିନା ସେମାନେ ପରସ୍ପରକୁ ବୁଝିବା ଆଉ ସ୍ୱୀକାର କରିବାରେ ଅସମର୍ଥ ଥାନ୍ତି । ଏମିତିସ୍ଥିତିରେ ଆମକୁ ବଦଳେଇକରି ନିଜର ଆଶାକୁ କେମିତି ପ୍ରତିଫଳିତ କରିବା । ଆମକୁ ନିଜଭିତରେ କରୁଣାକୁ ଜାଗୃତ କରିବାକୁ ହେବ, ସେବାର ଭାବକୁ ଆପଣେଇବାକୁ ପଡିବ,ଆଉ ଅନ୍ୟମାନଙ୍କର ଲୁହକୁ ପୋଛିବାରେ ଯାହାକିଛି କରିପାରିବା ତାହା ଅବଶ୍ୟ କରିବା ଦରକାର । କରୁଣାରୁ ଜନ୍ମିଥିବା କାର୍ଯ୍ୟ ବିପରୀତ ପରିସ୍ଥିତିକୁ ବଦଳେଇବାରେ ସମ୍ଭବ ରଖିଥାଏ । କରୁଣାର ବଶୀଭୂତହୋଇକରି ଯେତେବେଳେ ଆମେ ଅନ୍ୟଙ୍କୁ ସାହାଯ୍ୟ କରିବା,ଆଉ ସେଥିରେ ନା'କେବଳ ସେମାନଙ୍କ ହୃଦୟରେ ପ୍ରସନ୍ନତା ଆସିବ,ଆଉ ଆମର ହୃଦୟକୁ ମଧ୍ୟ ତାହା ପବିତ୍ର କରିଦେବ ଆଉ ଆମକୁ ପ୍ରସନ୍ନତାରେ ଭରି ଦେବ । କବୀର ଲେଖିଛନ୍ତି–'ୟେସିବାଣୀ ବୋଲିଏ ମନ କା ଆପା ଖୋୟେ, ଔରନ କୀସାମିଲକରେ ଆପହୁଂ ଶୀତଳ ହୋୟେ' । ଅର୍ଥାତ୍ ଏମିତି ଭାଷା କହିବା ଦରକାର ଯାହା ଶୁଣିବାବାଲାଙ୍କ ମନକୁ ବହୁତ ଭଲ ଲାଗିବ ।

**ମନୋଜ କୁମାର ବେହେରା**
**ବାୟାବାବା ମଠ ଲେନ୍,**
**ଭୁବନେଶ୍ୱର, ମୋ–୭୯୭୮୮୩୦୬୧୧**

# ଭାଷା ହେଉଛି ଭବିଷ୍ୟତ

**ଅସିତ ମହାନ୍ତି**

'ଭାଷା ହେଉଛି ଭବିଷ୍ୟତ' ଏହି ବାକ୍ୟଟି ପ୍ରକୃତରେ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ'ର ଲୋଗୋରେ ଅଙ୍କିତ ହୋଇଥିଲା, ଯାହା ଆମକୁ ଅବଗତ କରାଏ ଯେ ଭାଷାକୁ ଜୀବିତ ରଖିବାର ଦାୟିତ୍ୱ ହେଉଛି ଆମର ନିକଟରେ । ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ'ପାଳନ କରାଯାଇଛି ଚଳିତ ଫେବୃଆରୀରେ । ବାସ୍ତବରେ, ଓଡ଼ିଆ ଭାଷା ଜାତୀୟ ମାନ୍ୟତା ପାଇବା ପରେ ଓଡ଼ିଶା ସରକାର ଗ୍ରହଣ କରିଥିବା ଏହା ଏକ ସକରାତ୍ମକ ପଦକ୍ଷେପ । ଏହି ସମ୍ମିଳନୀ ଓଡ଼ିଆ ଭାଷାକୁ ସମୃଦ୍ଧ ଏବଂ ଦୀର୍ଘଜୀବୀ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ସମ୍ମିଳନୀ ଏପରି ସମୟରେ ଆୟୋଜିତ ହୋଇଛି, ଯେତେବେଳେ ଓଡିଆ ଭାଷା ପ୍ରତି ଜନସାଧାରଣଙ୍କ ଆକର୍ଷଣ ହ୍ରାସ ପାଉଛି ଏବଂ ହିନ୍ଦୀ ଏବଂ ଇଂରାଜୀ ଏହାର ସ୍ଥାନ ନେଉଛନ୍ତି । ସେହି ଦୃଷ୍ଟିରୁ ଏହି ସମ୍ମିଳନୀର ମହତ୍ତ୍ୱ ରହିଛି । ସାରଳା ଦାସଙ୍କ ଠାରୁ ଆରମ୍ଭ କରି ବ୍ୟାସ କବି ଫକୀର ମୋହନଙ୍କ ପର୍ଯ୍ୟନ୍ତ ଓଡ଼ିଆ ଭାଷାକୁ ସମୃଦ୍ଧ କରିବାରେ ଯେଉଁ ସଂଘର୍ଷ ହୋଇଥିଲା , ଯାହାଫଳରେ ଓଡ଼ିଆ ଭାଷାକୁ ଆଜି ବିଶ୍ୱ ପଟଳରେ ମାନ୍ୟତା ପ୍ରାପ୍ତ ହୋଇଛି । ସେହି ଧାରାବାହିକତାରେ ଏହି ସମ୍ମିଳନୀର ପ୍ରାସଙ୍ଗିକତା ରହିଛି । ଏହି ସମ୍ମିଳନୀ ପରେ ଜନସାଧାରଣଙ୍କୁ ଯେଉଁ ଗତି ମିଳିବ, ସେହି ଗତିକୁ ତ୍ୱରାନ୍ୱିତ କରିବାର ଦାୟିତ୍ୱ ସରକାରଙ୍କ ସହିତ ସାଧାରଣ ଜନତାଙ୍କର ମଧ୍ୟ ରହିଛି । ତେଣୁ ଆମ ଓଡିଶାବାସୀଙ୍କୁ ଓଡ଼ିଆ ଭାଷା ଏବଂ ଏହାର ସଂଘର୍ଷ ଯାତ୍ରାକୁ ବୁଝିବା ଦରକାର, ଯାହାଫଳରେ ଏହାର ଭବିଷ୍ୟତକୁ ଉଜ୍ଜ୍ୱଳ କରିବାପାଇଁ ଆମକୁ ପ୍ରରଣା ମିଳିବ ।

ବିଚାର ପ୍ରକାଶ କରିବାର ଏକ ପ୍ରମୁଖ ମାଧ୍ୟମ ହେଉଛି ଭାଷା । ଭାଷା ହେଉଛି ଶବ୍ଦ ଏବଂ ବାକ୍ୟ ଇତ୍ୟାଦି ଏକ ଗୋଷ୍ଠୀ ଯାହା ମୁଖ ଦ୍ୱାରା ଉଚ୍ଚାରଣ କରାଯାଇଥାଏ, ଯାହା ମାଧ୍ୟମରେ ମନର ଚିନ୍ତାଧାରା ପ୍ରକାଶ କରାଯାଇଥାଏ । ଭାଷାର ସାହାଯ୍ୟରେ ଏକ ନିର୍ଦ୍ଦିଷ୍ଟ ସମାଜ କିମ୍ବା ଦେଶର ଲୋକମାନେ ପରସ୍ପରକୁ ନିଜର ଅନ୍ତର୍ନିହିତ ଭାବନା କିମ୍ବା ଭାବନା ପ୍ରକାଶ କରନ୍ତି । ଦୁନିଆରେ ହଜାର ହଜାର ଭାଷା କଥିତ । ପ୍ରତ୍ୟେକ ବ୍ୟକ୍ତି ନିଜ ମାତୃଭାଷା କିମ୍ବା ପିଲାଦିନରୁ ନିଜ ଦେଶର ଭାଷା ସହିତ ପରିଚିତ କିନ୍ତୁ ଅନ୍ୟ ଦେଶ କିମ୍ବା ସମାଜର ଭାଷା ସହିତ ସଂଯୋଗ କରିବାରେ ସକ୍ଷମ ନୁହଁନ୍ତି । ଭାଷା ବିଶେଷଜ୍ଞମାନେ ବିଭିନ୍ନ ବର୍ଗର ଭାଷା ପ୍ରତିଷ୍ଠା କରିଛନ୍ତି ଏବଂ ସେଗୁଡ଼ିକର ପ୍ରତ୍ୟେକର ବିଭିନ୍ନ ଶାଖା ସୃଷ୍ଟି କରିଛନ୍ତି ନିକଟରେ କଥିତ ଅନେକ ଉପ–ଭାଷାଗୁଡ଼ିକର ଅନେକ ସାଧାରଣତା ଅଛି ଏବଂ ସେହି ସମାନତା ଆଧାରରେ ସେମାନଙ୍କର ଶ୍ରେଣୀ କିମ୍ବା ପରିବାର ପ୍ରତିଷ୍ଠିତ ।

ମାନବ ସମାଜ ସହିତ ଭାଷା ମଧ୍ୟ ସମାନ ଭାବରେ ବିକାଶ କରୁଛି । ଏହି ବିକାଶ ହେତୁ ଭାଷାଗୁଡ଼ିକ ସର୍ବଦା ପରିବର୍ତ୍ତନ କରିଥାନ୍ତି । ସାଧାରଣତଃ, ଭାଷାକୁ ଆଦର୍ଶ ବିନିମୟର ଏକ ମାଧ୍ୟମ କୁହାଯାଇପାରେ । ଭାଷା ହେଉଛି ଅଭିବ୍ୟକ୍ତିର ସବୁଠାରୁ ନିର୍ଭରଯୋଗ୍ୟ ମାଧ୍ୟମ କେବଳ ଏତିକି ନୁହେଁ, ଏହା ଆମ ସମାଜର ନିର୍ମାଣ, ବିକାଶ, ପରିଚୟ, ସାମାଜିକ ଏବଂ ସାଂସ୍କୃତିକ ପରିଚୟର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ । ଭାଷା ବିନା ମଣିଷ ଅସମ୍ପୂର୍ଣ୍ଣ ଏବଂ ନିଜ ଇତିହାସ ଏବଂ ପରମ୍ପରାରୁ ଅଲଗା ଭାଷା ଏବଂ ସ୍କ୍ରିପ୍ଟ ହେଉଛି ଭାବ ବ୍ୟକ୍ତିକରଣର ଦୁଇଟି ଅବିଚ୍ଛେଦ୍ୟ ଦିଗ । ଲକ୍ଷ ଲକ୍ଷ ବର୍ଷ ପୂର୍ବେ ମନୁଷ୍ୟ ଭାଷାର ମହତ୍ତ୍ୱକୁ ସ୍ୱୀକୃତି ଦେଇଛି ଏବଂ କ୍ରମାଗତ ଭାବରେ ଏହାକୁ ବିକଶିତ କରିଛି । ଆମର ଭାବନା, ରାଜ୍ୟ, ଶ୍ରେଣୀ, ଜାତି ଏବଂ ପ୍ରାଦେଶିକତା ଭାଷାରେ ନିଜେ ପ୍ରତିଫଳିତ ହୋଇଛି । ଏହି ଝଲକ ମଣିଷର ସମ୍ବେଦନଶୀଳତା ଏବଂ ମାନସିକତା ସହିତ ମଧ୍ୟ ଜଡିତ ଜଣେ ବ୍ୟକ୍ତିର ଉଦ୍ଦେଶ୍ୟ ଏବଂ ମାନସିକତାର ସ୍ତର ଯାହା ବି ହେଉ, ତାଙ୍କ ଭାଷାର ଶବ୍ଦ ଏବଂ ସେମାନଙ୍କର ମୁଖ୍ୟ ଅର୍ଥ ମଧ୍ୟ ସମାନ ସ୍ତରରେ ରହିବ ସମାଜରେ ବଞ୍ଚିବା, ବ୍ୟବସାୟ କରିବା କିମ୍ବା ଲୋକଙ୍କ ସହ ଯୋଗାଯୋଗ କରିବା ପାଇଁ ଭାଷା ହେଉଛି ଏକମାତ୍ର ମାଧ୍ୟମ ମନୁଷ୍ୟକୁ ସଭ୍ୟ ତଥା ସଂପୂର୍ଣ୍ଣ କରିବା ପାଇଁ ଶିକ୍ଷା ଆବଶ୍ୟକ ଏବଂ ସମସ୍ତ ପ୍ରକାରର ଶିକ୍ଷାର ମାଧ୍ୟମ ହେଉଛି ଭାଷା । ପ୍ରାଥମିକ, ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ସାହିତ୍ୟ, ବିଜ୍ଞାନ, ଅର୍ଥନୀତି ଇତ୍ୟାଦି ସମସ୍ତ ସ୍ତରରେ ଭାଷାର ମହତ୍ତ୍ୱ ସ୍ପଷ୍ଟ ଜୀବନର ସମସ୍ତ କ୍ଷେତ୍ରରେ, ପୁସ୍ତକ ଶିକ୍ଷା ହେଉ କିମ୍ବା ବ୍ୟବହାରିକ ଶିକ୍ଷା, ଏହା କେବଳ ଭାଷା ମାଧ୍ୟମରେ ହାସଲ ହୋଇପାରିବ । ବିଜ୍ଞାନ ଠାରୁ ଆରମ୍ଭ କରି ଭାଷା ବିଜ୍ଞାନ ପର୍ଯ୍ୟନ୍ତ ଦୁନିଆର ସମସ୍ତ କ୍ଷେତ୍ରରେ ନୂତନ ଅନୁସନ୍ଧାନ ଜାରି ରହିଛି ।

ସେଥିରେ ଅଧ୍ୟୟନ ଏବଂ ଅନୁସନ୍ଧାନ ଲେଖା ପାଇଁ ନୂତନ ଶବ୍ଦଗୁଡ଼ିକ ସୃଷ୍ଟି କରାଯାଇଛି । ଏହି ଶବ୍ଦର ସଂଗ୍ରହ ଭାଷା ମାଧ୍ୟମରେ ସାମାଜିକ–ବୈଜ୍ଞାନିକ ବିକାଶକୁ ଦର୍ଶାଏ । ଭାଷା ବିନା, ଲିଖିତ ସାହିତ୍ୟର ଅସ୍ତିତ୍ୱ ସମ୍ଭବ ନୁହେଁ । ବେଦ, ପୁରାଣ, ଉପନିଷଦ, ତୁଳସୀ ଦାସ ଇତ୍ୟାଦି ସାହିତ୍ୟ, ଭାଷା ହେତୁ ଏତେ ବର୍ଷ ପର୍ଯ୍ୟନ୍ତ ସଂରକ୍ଷିତ ହୋଇ ରହିଲା, ଆଜି ବି ଆମକୁ ଅଧ୍ୟୟନ କରିବାକୁ ପ୍ରେରଣା ଯୋଗାଏ । ଲେଖକମାନେ ସେମାନଙ୍କର ଭାଷା ଭାବରେ ଏପରି ଭାଷା ବ୍ୟବହାର କରନ୍ତି, ଯାହା ସେମାନଙ୍କ ପାଠକ ଏବଂ ଶ୍ରୋତାମାନଙ୍କ ସମ୍ବେଦନଶୀଳତା ସହିତ ଏକ ହେବାରେ ସକ୍ଷମ । ଆମ ପିଲାମାନଙ୍କୁ ମାତୃଭାଷାର ମହତ୍ତ୍ୱକୁ ବୁଝାଇବାକୁ ପଡିବ । ସେମାନଙ୍କୁ ଆମର ପରମ୍ପରାର ପ୍ରକୃତ ଚିତ୍ର ଦେଖାଇବାକୁ ପଡିବ । ମା ବ୍ୟତୀତ, ସଂସ୍କାରର ଦ୍ୱିତୀୟ ଉତ୍ସ ହେଉଛି ଶିଶୁର ପ୍ରାକୃତିକ ଏବଂ ସାମାଜିକ ପରିବେଶ ଯେଉଁଠାରେ ସେ ଜନ୍ମ ହୋଇ ତାର ବିକାଶ ହୁଏ । ଏହି ପରିବେଶ ତାଙ୍କର ଖାଇବା ଆଚରଣ, ଶାରୀରିକ ରୂପ ଏବଂ ଅଭ୍ୟାସକୁ ଆକୃଷ୍ଟ କରେ । ସାମାଜିକ ପରିବେଶରେ ପରିବାର, ସ୍ଥାନ, ଗ୍ରାମ ଏବଂ ସ୍କୁଲ ସାଥୀ, ସହପାଠୀ, ବନ୍ଧୁ, ପଡ଼ୋଶୀ ଏବଂ ଶିକ୍ଷକ ଅନ୍ତର୍ଭୁକ୍ତ । ଏହା ହେଉଛି ପବିତ୍ର ଭାବନା ଏବଂ ବିଶ୍ୱାସର ସୂତ୍ର ଯାହା ପିତୃପୁରୁଷଙ୍କ ପ୍ରତି କୃତଜ୍ଞତା ଏବଂ ସମ୍ମାନକୁ ପ୍ରେରଣା ଦେଇଥାଏ । ଏହି ସୂତ୍ରକୁ ସାମାଜିକ ଆଚରଣର ନିୟମ କୁହାଯାଏ ।

ଗୋସ୍ୱାମୀ ତୁଳସୀ ଦାସଙ୍କର ଏହି ପଂକ୍ତିଗୁଡିକ ଭାଷାର ମହତ୍ତ୍ୱ ବୁଝାଇବା ପାଇଁ ଯଥେଷ୍ଟ । ସଂସ୍କୃତି କେବଳ ଭାଷା ସହିତ ସଂଯୁକ୍ତ । ବର୍ତ୍ତମାନର ପିଢ଼ି, ଏହାର ଭାଷାଠାରୁ ଦୂରେଇ ରହିବା ସହିତ ଏହାର ମୂଲ୍ୟଠାରୁ ମଧ୍ୟ ଦୂରେଇ ଯାଉଛନ୍ତି, ଯେଉଁ କାରଣରୁ ପାଶ୍ଚାତ୍ୟ ସଂସ୍କୃତିର ପ୍ରାଧାନ୍ୟ ବଢୁଛି । ଆମେ ଯେଉଁ ଭାଷାକୁ ମହତ୍ତ୍ୱ ଦେଇଥାଉ, ସେହି ଭାଷାର ସଂସ୍କୃତି ଶିଖୁ ଏବଂ ଗୁରୁତ୍ୱ ଦେଉ । ଏଥିପାଇଁ ପିଲାମାନଙ୍କୁ ସେମାନଙ୍କ ଭାଷା ସହିତ ସଂଯୁକ୍ତ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମର ଭାଷା ଆମକୁ ଆମର ପିଢ଼ି ସହିତ ସଂଯୋଗ କରେ । ଆମର ଭାଷା ହେଉଛି ଓଡ଼ିଆ, ଏହାର ଦୀର୍ଘ ସାହିତ୍ୟ ଇତିହାସ ଏବଂ ଓଡିଆ ହେଉଛି ଷଷ୍ଠ ଭାରତୀୟ ଭାଷା ଓଡିଆ ଲୋକଙ୍କ ଲେଖିବାର ପ୍ରଥମ ଜଣାଶୁଣା । ଉଦାହରଣ ହେଉଛି ଅନନ୍ତ ଭର୍ମା ବଜ୍ରାହସ୍ତା ଦେବଙ୍କ ୧୦୫୧ ଖ୍ରୀଷ୍ଟାବ୍ଦରେ ଏକ ପଥର ଲେଖା । ଓଡିଆର ପ୍ରଥମ ଶାସ୍ତ୍ରୀୟ କବିତାର ରୂପ ୧୫ ଶତାବ୍ଦୀରେ ରଚନା କରାଯାଇଥିଲା ଏବଂ ସାହିତ୍ୟିକ ଗଦ୍ୟର ପ୍ରଥମ ଉଦାହରଣ ୧୮ ଶତାବ୍ଦୀରେ ଆରମ୍ଭ ହୋଇଥିଲା ।

ଆଧୁନିକ ଓଡିଆ ସାହିତ୍ୟର ପିତା ଭାବରେ ଜଣାଶୁଣା ଫକୀର ମୋହନ ସେନାପତି ଓଡିଶାର ଇତିହାସ ଏବଂ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ । ଓଡିଆ ଭାଷା ଗଠନରେ ତାଙ୍କର ଅବଦାନକୁ ଅଣଦେଖା କରାଯାଇପାରିବ ନାହିଁ, ବିଶେଷତଃ ସେହି ସମୟରେ ଯେତେବେଳେ ଏହାର ଭିନ୍ନତା ଉପରେ ପ୍ରଶ୍ନ ଉଠିଥିଲା, ଅର୍ଥାତ୍ ଓଡ଼ିଆ ଭାଷା ଯାହା ଆମର ଓଡ଼ିଆ ହେବାର ପରିଚୟକୁ ପ୍ରମାଣ କରେ , ଫକୀର ମୋହନ ତାଙ୍କ ସଂଘର୍ଷ ମାଧ୍ୟମରେ ଏହି ଭାଷାକୁ ବଞ୍ଚାଇ ରଖିଯାଇଛନ୍ତି । ଆମର ପୂର୍ବପୁରୁଷମାନେ ଯେଉଁ ମୂଲ୍ୟ ଦେଇଛନ୍ତି, ତାହା ଆମ ଭାଷା ମାଧ୍ୟମରେ ପରବର୍ତ୍ତୀ ପିଢ଼ିକୁ ଦିଆଯିବ । ଏହାକୁ ଆଗକୁ ନେବା ଆମର କର୍ତ୍ତବ୍ୟ । କଥାବାର୍ତ୍ତା ଭାଷାରେ ଓଡ଼ିଆ ବ୍ୟବହାର ସ୍ଥାନରେ ହିନ୍ଦୀ ଏବଂ ଇଂରାଜୀ ଅଧିକ ବ୍ୟବହାର କରିବା ଅନୁଚିତ । ସୂଚନା ଉଭୟ ଭାଷାରେ ଥିଲେ ମଧ୍ୟ ଜଣେ ନିଜ ଭାଷା ପାଇଁ ଗର୍ବିତ ହେବା ଏବଂ ଯୋଗାଯୋଗ ଜାରି ରଖିବା ଉଚିତ । ଆମ ଦେଶ ଏହାର ସଂସ୍କୃତି ଏବଂ ସଭ୍ୟତା ପାଇଁ ସାରା ବିଶ୍ୱରେ ଜଣାଶୁଣା । ଏହାର ପରିଚୟ ଏହାର ଭାଷା ହେତୁ ହୋଇଥାଏ । ଅନେକ ଭାଷା ନିଜ ଭିତରେ ଅନେକ ପରମ୍ପରା ଧାରଣ କରନ୍ତି ଆମେ ଜାଣୁ ଯେ ଓଡିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି ଯାହା ଗର୍ବର ବିଷୟ । ଏକ ଶାସ୍ତ୍ରୀୟ ଭାଷା ହେଉଛି ଏକ ଭାଷା ଯେଉଁଥିରେ ଅତି କମରେ ୧୫୦୦–୨୦୦୦ ବର୍ଷର ଇତିହାସ ରହିଛି । ସାହିତ୍ୟ / ପାଠ୍ୟ ଏବଂ ବକ୍ତାମାନଙ୍କର ଏକ ପ୍ରାଚୀନ ପରମ୍ପରା ଅଛି ଏବଂ ସାହିତ୍ୟ ପରମ୍ପରା ଅନ୍ୟ ଭାଷାରୁ ଉତ୍ପନ୍ନ ହୋଇନାହିଁ । ଏହାର ଅର୍ଥ ଏହା ଏକ ଭାଷା ଯାହା ବହୁ ସଂଘର୍ଷ ପରେ ସ୍ୱୀକୃତି ହାସଲ କରିଛି । ଏହା ନିଶ୍ଚିତ ଯେ ଆମ ପାଖରେ ୨୦୦୦ ବର୍ଷର ଜ୍ଞାନ ଏବଂ ସଂସ୍କୃତି ରହିଛି ଏହି ଗର୍ବକୁ ଜୀବନ୍ତ ରଖିବା ଆମର ସର୍ବୋଚ୍ଚ କର୍ତ୍ତବ୍ୟ ଯଦି ପ୍ରକୃତରେ ଆମେ ଭାଷାକୁ ବଞ୍ଚାଇବା ଚାହୁଁ , ତେବେ କେତେଗୁଡିଏ କଷ୍ଟସାଧ୍ୟ ପଦକ୍ଷେପ ନେବା ପ୍ରୟୋଜନ ଏବଂ ଏହାର ଧାରାବାହିକତାକୁ ବଜାୟ ରଖିବାକୁ ହେବ ।

ଭାଷାକୁ ଜୀବନ୍ତ ରଖିବାରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅନ୍ତର୍ଭୁକ୍ତ: ଏହାକୁ ପାସ୍ କରିବା: ପରିବାର ଏବଂ ସମ୍ପ୍ରଦାୟ ମଧ୍ୟରେ ଭାଷାର ବ୍ୟବହାରକୁ ଉତ୍ସାହିତ ଏବଂ ସମର୍ଥନ କରିବାକୁ ହେବ ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କ ପାଇଁ ଭାଷାକୁ ହସ୍ତାନ୍ତର କରିବା ଏହାର ବଞ୍ଚିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା: ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଭାଷା ଶିକ୍ଷାକୁ ସମର୍ଥନ କରିବାକୁ ହେବ ବିଭିନ୍ନ ସ୍ତରରେ ଭାଷା ଶିଖିବା ପାଇଁ ଏଥିରେ କ୍ଲାସ୍, ପ୍ରୋଗ୍ରାମ୍ ଏବଂ ଉତ୍ସ ପ୍ରଦାନ କରିବା ଅନ୍ତର୍ଭୁକ୍ତ ମିଡିଆ ଏବଂ କଳା: ମିଡିଆ, ସାହିତ୍ୟ, ସଙ୍ଗୀତ ଏବଂ କଳା କ୍ଷେତ୍ରରେ ଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବାକୁ ହେବ ଏହା ଭାଷାରେ ବହି, ସଙ୍ଗୀତ ଏବଂ ଚଳଚ୍ଚିତ୍ର ନିର୍ମାଣ ଏବଂ ବିତରଣକୁ ଅନ୍ତର୍ଭୁକ୍ତ କରିପାରେ ସାଂସ୍କୃତିକ କାର୍ଯ୍ୟକ୍ରମ : ଭାଷା ଏବଂ ଏହାର ପରମ୍ପରାକୁ ପାଳନ କରୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ, ପର୍ବ, ଏବଂ ସମାବେଶରେ ସଂଗଠିତ ଏବଂ ଅଂଶଗ୍ରହଣ କରିବାକୁ ହେବ ଟେକ୍ନୋଲୋଜି: ଭାଷା ଶିକ୍ଷା ଉତ୍ସ, ଆପ୍ସ ଏବଂ ଅନଲାଇନ୍ ବିଷୟବସ୍ତୁ ସୃଷ୍ଟି କରିବାକୁ ଟେକ୍ନୋଲୋଜି ବ୍ୟବହାର କରିବାକୁ ଯାହା ଏକ ବ୍ୟାପକ ଦର୍ଶକଙ୍କ ନିକଟରେ ପହଞ୍ଚିପାରିବ । ଡକ୍ୟୁମେଣ୍ଟେସନ୍: ଏହାର ବ୍ୟାକରଣ, ଶବ୍ଦକୋଷ ଏବଂ ଇତିହାସକୁ ଡକ୍ୟୁମେଣ୍ଟ କରି ଭାଷା ସଂରକ୍ଷଣ କରିବାକୁ ହେବ ।

ଏଥିରେ ଅଭିଧାନ, ବ୍ୟାକରଣ ଗାଇଡ୍, ଏବଂ ଦେଶୀ ବକ୍ତାମାନଙ୍କର ରେକର୍ଡିଂ ସୃଷ୍ଟି ହୋଇପାରେ କମ୍ୟୁନିଟି ଏନଗେଜମେଣ୍ଟ: ଭାଷାରେ ସମ୍ପ୍ରଦାୟର ଯୋଗଦାନ ଏବଂ ଗର୍ବକୁ ଉତ୍ସାହିତ କରନ୍ତୁ । ଏଥିରେ ସମ୍ପ୍ରଦାୟ ଭାଷା କେନ୍ଦ୍ର କିମ୍ବା ଭାଷା ପୁନର୍ଜୀବନ ପ୍ରୋଗ୍ରାମ ସୃଷ୍ଟି ହୋଇପାରେ । ଏହା ଛଡା ରାଜ୍ୟର ଉଚ୍ଚକୋଟୀର ସାହିତ୍ୟକାର ମାନଙ୍କର ସାହିତ୍ୟକୁ ସ୍ୱଳ୍ପ ମୂଲ୍ୟରେ ସମସ୍ତ ପୁସ୍ତକ ବିକ୍ରୟ କେନ୍ଦ୍ରରେ ଉପଲବ୍ଧ କରିବା ସହିତ ପୁସ୍ତକାଳୟରେ ଉପଲବ୍ଧ କରାଇବା ଉଚିତ । ଶିଶୁ ମାନଙ୍କ ପାଇଁ କ୍ଷୁଦ୍ର ଗଳ୍ପ ଯାହା ଶିକ୍ଷଣୀୟ ଏବଂ ସେମାନେ ନିଜ ଜୀବନରେ ଯେପରି ସେହି ନୈତିକତାକୁ ପ୍ରୟୋଗ କରିପାରିବେ ସେ ବିଷୟରେ ଧ୍ୟାନ ରଖି ପୁସ୍ତକ ପ୍ରକାଶିତ କରିବା ଉଚିତ । ଏହି ପଦକ୍ଷେପଗୁଡିକ ଗ୍ରହଣ କରି, ସମ୍ପ୍ରଦାୟଗୁଡିକ ନିଶ୍ଚିତ କରିପାରିବେ ଯେ ସେମାନଙ୍କର ଭାଷା କେବଳ ବଞ୍ଚିବ ନାହିଁ ବରଂ ଭବିଷ୍ୟତ ପିଢ଼ି ପାଇଁ ସୁରକ୍ଷିତ ହୋଇ ରହିବ

**ସୁଜନପୁର, ଯାଜପୁର**
**ମୋ–୯୩୪୮୭୬୮୮୧୨**

# ବିଜ୍ଞାନ ଓ ବିଶ୍ୱଶାନ୍ତି

**ଉମାଶଙ୍କର ପ୍ରସାଦ**

ବିଂଶ ଶତାବ୍ଦୀର ଅଭୁତପୂର୍ବ ବିକାଶ ଫଳରେ ମଣିଷ ଯେତିକି ଗୌରବାନ୍ୱିତ ସେତିକି ସେ ମାନବ ସଭ୍ୟତାର ସଙ୍କଟର ସମ୍ଭାବନାରେ ଶଙ୍କାକୁଳ । ବିଜ୍ଞାନର ଦାନ ମାନବ ସମାଜ ପାଇଁ ବହୁଳ । ମଣିଷକୁ ବିଳାସ ବ୍ୟସନ ପାଇଁ ଉପାଦାନ ଦେଇଛି ସତ, କିନ୍ତୁ କ୍ଷମତା ମଦମତ୍ତ ମଣିଷ ହାତରେ ଧରାଇ ଦେଇଛି ବିଶ୍ୱ ଧ୍ୱଂସକାରୀ ଆଣବିକ ଅସ୍ତ୍ର । କେତେବେଳେ କେଉଁ ମୁହୂର୍ତ୍ତରେ ଆଣବିକ ସଂଗ୍ରାମର ପରିଣତ ହେତୁ ଏହି ବିରାଟ ବିଶ୍ୱ ଧ୍ୱଂସ ସ୍ତୁପରେ ପରିଣତ ହୋଇଯିବ କେହି କହିପାରିବେ ନାହିଁ ଯାହାର ଜ୍ୱଳନ୍ତ ଉଦାହରଣ ରୁଷିଆ ଓ ୟୁକ୍ରେନ୍ ମଧ୍ୟ ଚାଲିଥିବା ଦୀର୍ଘ ଦିନ ଧରି ଯୁଦ୍ଧ ଓ ବିଭୀଷିକା ।

ବିଜ୍ଞାନ ମଣିଷକୁ ଭଗବାନଙ୍କଠୁ ଦୂରେଇ ଆଣି ଧ୍ୱଂସର ନିକଟବର୍ତ୍ତୀ କରିଛି । Eliotଙ୍କ ଭାଷାରେ Father from God nearer to the Dust" ମଣିଷ ମଣିଷ ଉପରେ ପ୍ରଭୁତ୍ୱ ଓ ଆଧିପତ୍ୟ ବିସ୍ତାର କରିଥାଏ ବିଜ୍ଞାନ ବଳରେ । ଏବେ ଏ ଜାତି ମନରୁ ଲିଭି ନାହିଁ । ଦ୍ୱିତୀୟ ବିଶ୍ୱଯୁଦ୍ଧର ଧ୍ୱଂସର ତାଣ୍ଡବଲୀଳା । ମାରଣାସ୍ତ୍ର ସାହାଯ୍ୟରେ ଶାନ୍ତ ପୃଥିବୀ ବକ୍ଷକୁ ରକ୍ତାପ୍ଳୁତ କରିଦେଇଥାଏ ମଣିଷ । ମାତ୍ର ମଣିଷ ତ ସଦାସର୍ବଦା ଚାହିଁଥାଏ ଶାନ୍ତି । ସମାଜରୁ ଯୁଦ୍ଧ ଭୟ ଦୂର କରି ଶାନ୍ତିର ଅମୀୟ ମଧୁରବାଣୀ ପ୍ରଚାର କରିବାକୁ ସେ ସର୍ବଦା ଚେଷ୍ଟା କରିବାକୁ ସେ ଭଲ ପାଇବା ଦରକାର ମାତ୍ର ବିଜ୍ଞାନର ଅଭିନବ ପ୍ରଗତି ମଣିଷକୁ ଆଜି ଅନେକାଂଶରେ କରିଦେଇଛି କ୍ଷମତାର ମଦମତ୍ତ । ଏ ଅଭିନବ ପ୍ରଗତିର ମୂଲ୍ୟ କ'ଣ ଯାହା ବିଶ୍ୱ ଧ୍ୱଂସ ପାଇଁ ପଥ ପରିଷ୍କାର କରିଦେଇଥାଏ । ବିଜ୍ଞାନର ସୃଷ୍ଟି ନୁହେଁ, ସୃଷ୍ଟିର ଧ୍ୱଂସ ପାଇଁ । ବିଜ୍ଞାନର ସୃଷ୍ଟି ମଣିଷର ମଙ୍ଗଳ କାମନା କରିବା । ବିଜ୍ଞାନ ମଣିଷ ଜୀବନକୁ ଆନ୍ତର୍ଜାତିକ କରିଦେଇଛି । ରେଳ, ମଟର, ବ୍ୟୋମଯାନ, ବେତାର, ଦୂରଦର୍ଶନ ଇତ୍ୟାଦି ବିଜ୍ଞାନର ଆଶିର୍ବାଦରୁ ସୃଷ୍ଟି ହୋଇ ମାନବର ବାଣିଜ୍ୟିକ ସମ୍ପର୍କ ଓ ସାଂସ୍କୃତିକ ବିନିମୟ ଆଜି ବିଶ୍ୱର ବିଭିନ୍ନ ଦେଶରେ ପ୍ରତିଷ୍ଠିତ ହୋଇପାରିଛି । ମାତ୍ର ବେଳେବେଳେ କ୍ଷମତାନ୍ଧ ବ୍ୟକ୍ତିମାନେ ବିଜ୍ଞାନକୁ ବିଶ୍ୱ ଧ୍ୱଂସ ଦିଗରେ ପ୍ରୟୋଗ କରି ମଣିଷ ସମାଜକୁ ବିଷାଦମୟ କରିଦେଇଛନ୍ତି । ବିଜ୍ଞାନର ପ୍ରଗତି କେଉଁ ଆଦିମକାଳରୁ ହୋଇଆସିଛି । ମାତ୍ର ସେତେବେଳେ ବିଜ୍ଞାନ ତପ ସାଧିତ ବିଜ୍ଞାନ ଆଜିର ବିଜ୍ଞାନ ବସ୍ତୁ ସାଧିତ ସେତେବେଳେ ମଣିଷ ଗୁରୁଗୃହର ବିଭିନ୍ନ ଶିକ୍ଷା ସହ ଯୁଦ୍ଧାସ୍ତ୍ର ନିକ୍ଷେପଣ ତଥା ପ୍ରାପ୍ତି କରି ଏହାର ବିନିଯୋଗ କେବଳ ଧର୍ମ ରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା । ମାତ୍ର ଆଜିର ବିଜ୍ଞାନଗାରରେ ସାଧିତ ବିଜ୍ଞାନ ଧର୍ମ କ୍ଷୟ ଦିଗରେ ବିନିଯୋଗ ହେଉଛି । ସେତେବେଳେ ରାବଣ ପାଖରେ ପୁଷ୍ପକ ବିମାନ ଥିଲା ଯାହା ଆଜିର ଏରୋପ୍ଲେନ୍ । ଗୁରୁ ଗର୍ଗ ବ୍ୟାସ ଆଦି ତାଙ୍କର ସହସ୍ର ସହସ୍ର ଶିଷ୍ୟକୁ ଯେଉଁ ମାଧ୍ୟମରେ ଶିକ୍ଷା ଦେଉଥିଲେ ତାହା ଥିଲା ଆଜି ମାଇକ ବା ଡ଼ାକବାଜ ଯନ୍ତ୍ର ଯାହା ଆଗରୁ ମୁନି ଋଷିମାନେ ସର୍ଚ୍ଚ କରି ନିଜ ବେଦ, ପୁରାଣ ଆଦିର ବର୍ଣ୍ଣନା କରିଛନ୍ତି ତାର ଆଧୁନିକ ବିଜ୍ଞାନୀମାନେ କେବଳ ରିସର୍ଚ୍ଚ ଅର୍ଥାତ୍ ଦ୍ୱିତୀୟବାର ଖୋଜି ପାରିଥାନ୍ତି ।

ସେ ଦିନ ଗୁରୁ ପ୍ରଦତ୍ତ ଦିବ୍ୟାସ୍ତ୍ର ଯାହା କାମ କରୁଥିଲା । ଆଜି ବିଜ୍ଞାନଗାରରେ ପ୍ରସ୍ତୁତ ସେହି ଦିବ୍ୟାସ୍ତ୍ର ମାରଣାସ୍ତ୍ରରେ ପରିଣତ ହୋଇ ଦେଶ ତଥା ବିଶ୍ୱର ଅହେତୁକ କ୍ଷତି ସାଧନ କରୁଛି । ସେ ଦିନ ଶୁକ୍ରାଚାର୍ଯ୍ୟ ମୃତ୍ୟୁ ସଞ୍ଜୀବନୀ ବିଦ୍ୟା ନିଜର ତପସାଧନ ବଳରେ ପ୍ରାପ୍ତ କରି ମୃତବ୍ୟକ୍ତିଙ୍କୁ ବଞ୍ଚାଇ ପାରୁଥିଲେ ମାତ୍ର ଆଜିର ବିଜ୍ଞାନ ଯେତେ ପ୍ରଗତିଶୀଳ ହେଲେ ମଧ୍ୟ ମୃତ ମଣିଷକୁ ଜୀବିତ କରିବାର କଳା ସେ ହାସଲ କରିପାରିନାହିଁ । ତେଣୁ ପ୍ରତ୍ୟେକ ପ୍ରଗତିଶୀଳ ଦେଶ ସମୂହ ବିଜ୍ଞାନକୁ ବିଶ୍ୱ ଧ୍ୱଂସ ପାଇଁ ବିନିଯୁକ୍ତ ନ କରି ଅନଗ୍ରସର ଦେଶରେ ଅର୍ଥନୀତିକ ପ୍ରଗତି ପାଇଁ ପ୍ରୟୋଗ କରିବା ଉଚିତ୍ । ସକାରାତ୍ମକ ଦିଗରେ ବିଜ୍ଞାନକୁ ପ୍ରୟୋଗ କରିବା ପାଇଁ ଚେଷ୍ଟା କଲେ ଦେଶର ମଙ୍ଗଳ ସାଧିତ ହେବ । ଏହାଦ୍ୱାରା ସମଗ୍ର ବିଶ୍ୱରେ ପ୍ରତିଷ୍ଠିତ ହେବ ବିଶ୍ୱଜନୀନ ଭାତୃଭାବ । ସମସ୍ତେ ଶାନ୍ତିର ଉଦାତ୍ତବାଣୀରେ ପ୍ରଭାବିତ ହେବେ । ବିଜ୍ଞାନ ମଣିଷକୁ ଜଡ଼ବାଦୀ କରିଦେଇଥାଏ । ତେଣୁ ମଣିଷ ହୋଇଥାଏ ସ୍ୱାର୍ଥପର । ଆଜି ତାର ବିଶ୍ୱାସ କେବଳ ଭୌତିକ ଉନ୍ନତିରେ ଯାହା କ୍ଷଣସ୍ଥାୟୀ ଫଳରେ ସେ ହରାଇ ବସିଛି ଆତ୍ମ ସଚେତନ ।

ଯେତେବେଳେ ମଣିଷ ଉପଲବ୍ଧ କରିବ ତାର ଆତ୍ମାରେ ଏବଂ ସେହି ଆତ୍ମାକୁ ସେ ଉପଲବ୍ଧ କରିବ ତାର ଆତ୍ମାରେ ଏବଂ ସେହି ଆତ୍ମାକୁ ସେ ଉପଲବ୍ଧ କରିବ ସମସ୍ତଙ୍କ ଆତ୍ମାରେ ସେତେବେଳେ ସେ ମନରୁ ଧ୍ୱଂସର ଭାବ ଆସ୍ତେ ଆସ୍ତେ ଦୂରେଇ ଯିବ । ଆଧାତ୍ମିକ ଚିନ୍ତନ ମଣିଷ ମନରୁ ଦୂରେଇ ଦିଏ ଈର୍ଷା, ଘୃଣା, ଓ ବସ୍ତୁବାଦୀ ମନୋଭାବ । ତେଣୁ ବିଜ୍ଞାନ ସହିତ ଆଧାତ୍ମିକ ଚିନ୍ତନର ସମନ୍ୱୟ ଘଟିଲେ ବିଶ୍ୱଶାନ୍ତି ପ୍ରତିଷ୍ଠା ହେବ । କେବେ ଏ କଥାକୁ ମୋର ସୃଷ୍ଟିର ମାନବ ସମାଜ ଉପଲବ୍ଧି କରିବ ?

**ସମ୍ପାଦକ,ମାର୍ଗଦର୍ଶୀ**
**ମୋ–୬୩୭୦୬୭୫୫୬୨**

# ଦୃଢ଼ ଆତ୍ମବିଶ୍ୱାସ

ଭଗବତ୍ କୃପା ପାଇବାକୁ ହେଲେ ଈଶ୍ୱରଙ୍କ ଉପରେ ଦୃଢ଼ ବିଶ୍ୱାସ, ଭକ୍ତି ତଥା ସର୍ବୋପରି ସମ୍ପୂର୍ଣ୍ଣ ଆତ୍ମସମର୍ପଣ ନିହାତି ଆବଶ୍ୟକ । ମହାଭାରତରେ ଦ୍ରୌପଦୀ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଥିବାରୁ ଭଗବାନ ସ୍ୱୟଂ ଆସି ତାଙ୍କର ଲଜ୍ଜା ନିବାରଣ କରିଥିଲେ । ଏକଦା ସ୍ୱାମୀ ଓ ସ୍ତ୍ରୀ ଦୁହେଁ ଏକ ହ୍ରଦ ମଧ୍ୟରେ ନୌକା ବିହାର କରୁଥାନ୍ତି । ହଠାତ୍ ପାଗର ପରିବର୍ତ୍ତନ ଯୋଗୁ କଳା ହାଣ୍ଡିଆ ମେଘ ଦେଖାଗଲା । ପବନ ତା'ର ରୁଦ୍ର ରୂପ ଦେଖାଇବାକୁ ଲାଗିଲା ।

ଚାରିଆଡ଼େ ଅନ୍ଧକାର ଦେଖାଗଲା । ଶାନ୍ତ ଶୀତଳ ତରଙ୍ଗାୟିତ ଲହରୀ ମାଳାର ଜଳରାଶି, ଝଡ ତୋଫାନର ପ୍ରଭାବରେ ଅଶାନ୍ତ ହୋଇ ଉଠିଲା । ଏପରି ଘଡିସନ୍ଧି ମୁହୂର୍ତ୍ତରେ ନାବିକ ନିଜ ନୌକାକୁ ଆୟତ୍ତ କରିବାର ସମସ୍ତ କୌଶଳ ବ୍ୟର୍ଥ ହେଲା । ଏଭଳି ଦୋହଲୁଥିବା ନୌକାଟି ଯେ କେତେବେଳେ ଗଭୀର ହ୍ରଦ ମଧ୍ୟରେ ଲୀନ ହୋଇଯିବ ତାହା ବସିଥିବା ସ୍ୱାମୀ ସ୍ତ୍ରୀ ଜାଣି ପାରିଲେ । କିନ୍ତୁ ମୃତ୍ୟୁକୁ ଅତି ପାଖରେ ଦେଖୁଥିବା ମହିଳା ଜଣକ ଆଉ ସମ୍ଭାଳି ପାରିଲେ ନାହିଁ । ଭୀତତ୍ରସ୍ତ ଅବସ୍ଥାରେ ନିଜ ସ୍ୱାମୀଙ୍କୁ ପଚାରିଲା,ତୁମେ କଣ କିଛି ଜାଣିପାରୁ ନାହଁ ? ଆଉ କିଛି ସମୟର ବ୍ୟବଧାନରେ ଆମେ ଏହି ଗଭୀର ହ୍ରଦ ମଝିରେ ସଲିଳ ସମାଧି ନେବା । ବଞ୍ଚି ରହିବାର ଉପାୟ କଣ କିଛି ନାହିଁ ? ଅତି ନୀରବରେ ବସିଥିବା ସ୍ୱାମୀ ଜଣକ ସ୍ତ୍ରୀଙ୍କ ପ୍ରଶ୍ନର ଉତ୍ତର ନ ଦେଇ ପାଖରେ ଥିବା ଏକ ଖଣ୍ଡାଟିକୁ ସ୍ତ୍ରୀଙ୍କ ହାତକୁ ବଢାଇ ଦେଇ କହିଲେ,ଏହି ଅସ୍ତ୍ରରେ ମୋତେ ହତ୍ୟା କର । ସ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ କହିଲେ,ତୁମେ କଣ ପାଗଳ ହେଲ,ଏହା କଣ କେବେ ସମ୍ଭବ ? ନିଜ ଜୀବନ ଠାରୁ ଅତି ଭଲ ପାଉଥିବା ସ୍ୱାମୀଙ୍କୁ କିଏ କେବେ ହତ୍ୟା କରିପାରେ ?

ସ୍ୱାମୀ କହିଲେ, ମୁଁ ଏହା ଭଲ ଭାବେ ଜାଣେ, ତୁମେ କେବେ ବି ମୋତେ ହତ୍ୟା କରି ପାରିବ ନାହିଁ । ଏ ଦୃଢ଼ ବିଶ୍ୱାସ ମୋର ତୁମ ଉପରେ ଅଛି । ଠିକ୍ ସେହିପରି ତୁମେ ଯେପରି ମୋତେ ଭଲ ପାଉଛ,ମୋ ପ୍ରଭୁ ମଧ୍ୟ ସେଭଳି ମୋତେ ଭଲ ପାଆନ୍ତି । ତେଣୁ ମୋ ପ୍ରଭୁଙ୍କ ଉପରେ ମୋର ଦୃଢ଼ ବିଶ୍ୱାସ ଅଛି । ସେ ମୋତେ କେବେ ବି ମାରି ପାରିବେ ନାହିଁ । ତୁମେ ଯଥା ଶୀଘ୍ର ନିର୍ଭୟରେ ସେହି କରୁଣାମୟ, ଦୟାମୟ ହରିଙ୍କୁ ସ୍ମରଣ କର । ସତକୁ ସତ କିଛି ସମୟ ପରେ ଝଡ ତୋଫାନ ହଠାତ୍ କେଉଁ ଆଡେ ଚାଲିଗଲା । ଅଣାୟତ୍ତ ନାବଟି ନିରାପଦରେ ଆସି କୂଳରେ ଲାଗିଲା । ପ୍ରଭୁଙ୍କ ଠାରେ ଦୃଢ଼ ବିଶ୍ୱାସ ତଥା ଆତ୍ମ ସମର୍ପଣ ଯୋଗୁ ଉଭୟଙ୍କର ଜୀବନ ରକ୍ଷା ହୋଇଗଲା ।

**ପ୍ରଭାତ କୁମାର ମହାପାତ୍ର, ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ,କୋରାପୁଟ**
**ମୋ–୭୮୯୪୦୦୫୪୫୫**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏସ୍‌ଏଚ୍‌ଜି...

ବାର୍ଷିକ ଆୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହୋଇନଥିବ । ଓଡ଼ିଶା ସଂସ୍କୃତି ଉନ୍ନୟନ ସେବା ନାମରେ ଏକ ନୂତନ ସମ୍ବର୍ଗ ସୃଷ୍ଟି କରାଯାଇଛି । ଏହାଦ୍ୱାରା ଆବଶ୍ୟକୀୟ ସଂସ୍କୃତି ଉନ୍ନୟନ ଅଧିକାରୀ, ସହନିର୍ଦ୍ଦେଶକ, ସଂସ୍କୃତି ଉପନିର୍ଦ୍ଦେଶକ ଆଦି ପଦବୀ ସୃଷ୍ଟି କରାଯାଇଛି । ସେହିଭଳି ପଞ୍ଚାୟତିରାଜ ବିଭାଗ ଦ୍ୱାରା ପ୍ରକଳ୍ପଗୁଡିକରେ ଜିଲ୍ଲାପାଳଙ୍କ ପ୍ରଶାସନିକ ଅନୁମୋଦନ କ୍ଷମତା ୫୦ ଲକ୍ଷରୁ ୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ୧୦ ଲକ୍ଷ ପର୍ଯ୍ୟନ୍ତ ପ୍ରକଳ୍ପର ବୈଷୟିକ ମଞ୍ଜୁରୀ କ୍ଷମତା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବାବେଳେ ନିର୍ବାହୀ ଯନ୍ତ୍ରୀ ଓ ଅଧିକ୍ଷକ ଯନ୍ତ୍ରୀ (ପଞ୍ଚାୟତିରାଜ)ଙ୍କୁ ଯଥାକ୍ରମେ ୧ କୋଟି ଓ ୪ କୋଟି ଟଙ୍କାର ବୈଷୟିକ ମଞ୍ଜୁରୀ କ୍ଷମତା ଦିଆଯାଇଛି । ୪ କୋଟିରୁ ଉର୍ଦ୍ଧ୍ୱ ମଞ୍ଜୁରୀ କ୍ଷମତା ମୁଖ୍ୟ ଯନ୍ତ୍ରୀଙ୍କ ଉପରେ ନ୍ୟସ୍ତ କରାଯାଇଛି । ଓଡ଼ିଶା ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ସେବାର ପୁନର୍ବିନ୍ୟାସ କରାଯାଇଛି । ଦୁଇଟି କ୍ୟାଡର ରୁଲ୍ ପ୍ରଚଳନ ପାଇଁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଓଡ଼ିଶା କୁଲୁତା ସମାଜର ପୁରୀରେ ଏକ ଧର୍ମଶାଳା ନିର୍ମାଣ ନିମନ୍ତେ ୧ ଏକର ସରକାରୀ ଜମି ମାଗଣାରେ ଦିଆଯିବ । ବହୁଭାଷୀ ସ୍ୱେଚ୍ଛାସେବୀ ମାନଙ୍କୁ ଆଗାମୀ ୩ ବର୍ଷ ସମୟସୀମା ମଧ୍ୟରେ ଆବଶ୍ୟକୀୟ ଯୋଗ୍ୟତା ହାସଲ କରିବା ପରେ ସେମାନଙ୍କ ବୟସ ନିୟମିତ ହେବା ସମୟରେ ଯଦି ୬୦ ବର୍ଷରେ ହୋଇଥାଏ ତେବେ ସେମାନଙ୍କୁ ନିୟମିତ କରିବା ନିମନ୍ତେ ପଦକ୍ଷେପ ନିଆଯିବ । ତେବେ ୭୩ ଜଣ ବହୁଭାଷୀ ସ୍ୱେଚ୍ଛ ଶିକ୍ଷାସେବୀଙ୍କୁ ନିୟମିତ କରାଯିବ । ପାରମ୍ପରିକ କୀର୍ତ୍ତିରାଜି ଓ ପର୍ଯ୍ୟଟନସ୍ଥଳୀ ସମନ୍ୱିତ ଉନ୍ନୟନ ଯୋଜନାରେ ୧୫୯ଟି ପ୍ରକଳ୍ପ ହାତକୁ ନିଆଯାଇଛି ।ଯାହାର ମୂଲ୍ୟ ୧୪୧୨.୭୯ କୋଟି ଟଙ୍କା । ୨୦୨୦-୨୧ରୁ ୨୦୨୬-୨୭ ପର୍ଯ୍ୟନ୍ତ ଏହି ଯୋଜନା ଚାଲିବ ।

## ଜୀବନ...

କେନ୍ଦ୍ରାପଡାର ୧୯୬ଟି ପଞ୍ଚାୟତରେ ୩୭ଟି ବସ୍ ଚାଲିଲା ଏବଂ ୧୧ ଲକ୍ଷ ୩୭ ହଜାର ଲୋକ ଉପକୃତ ହେଲେ । ଭଦ୍ରକର ୧୫୮ଟି ପଞ୍ଚାୟତରେ ୨୫ଟି ବସ୍ ଚାଲିଲା ଏବଂ ୧୦ ଲକ୍ଷ ୮୦ ହଜାର ଲୋକ ଉପକୃତ ହେଲେ । ଯାଜପୁରର ୨୩୩ଟି ପଞ୍ଚାୟତରେ ୩୯ଟି ବସ୍ ଚାଲିଲା ଏବଂ ୧୩ ଲକ୍ଷ ୭୦ ହଜାର ଲୋକ ଉପକୃତ ହେଲେ । ସେହିଭଳି ନୟାଗଡର ୧୮୯ଟି ପଞ୍ଚାୟତରେ ୩୧ଟି ବସ୍ ଚାଲିଲା ଏବଂ ଏହା ଦ୍ୱାରା ୯ ଲକ୍ଷ ୩୪ ହଜାର ଲୋକ ଉପକୃତ ହେଲେ ।

ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି । ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ । ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚଳନା ଦାୟିତ୍ୱ ଦିଆଯାଇଛି । ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଲକ୍ଷ୍ମୀ ବସ୍ ଗାଁର ଅର୍ଥନୀତିକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ସେ ପୁଣି କହିଥିଲେ ଯେ ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଆମର ଲକ୍ଷ୍ୟ ରହିଛି । ଗାଁର ଅର୍ଥନୀତିକୁ ମଜବୁତ କରିବା ଆମର ଲକ୍ଷ୍ୟଛ ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ । ଏହି ଯୋଜନାରେ ନିକଟରେ ଆରମ୍ଭ ହୋଇଥିବା ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ବିଷୟରେ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ କରାଯାଇଛି । ଏଥିରେ ମା'ମାନଙ୍କ ପାଇଁ ବସ୍ ଟିକେଟ ମୂଲ୍ୟ ଅଧା କରାଯାଇଛି ବୋଲି ସେ କହିଥିଲେ ।

ଗାଁର ରୂପାନ୍ତର ପାଇଁ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଜାରି ରହିଛି ବୋଲି କହି ଏକ ନୂଆ ଓଡିଶା ଗଢିବା ପାଇଁ, ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଲକ୍ଷ୍ମୀ ବସ୍ ସେବା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲକ୍ଷ୍ମୀ ବସ୍ ଲୋକଙ୍କୁ ଲୋକଙ୍କ ସହିତ ଯୋଡିବ । ସାମାଜିକ ଓ ଆର୍ଥିକ ଜୀବନକୁ ମଜବୁତ କରିବ । ପିଲାଙ୍କୁ ସ୍କୁଲ କଲେଜ ନେବ । ଚାଷୀଙ୍କୁ ମାର୍କେଟ ସହିତ ଯୋଡିବ । ମା'ମାନେ ଓ ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କା ମୂଲ୍ୟରେ ଏହି ବସ୍ ରେ ଯିବା ଆସିବା କରିପାରିବେ ବୋଲି ସେ କହିଥିଲେ ।

କାର୍ଯ୍ୟକ୍ରମରେ ଯାଜପୁରଠାରେ ଉପସ୍ଥିତ ପରିବହନ ମନ୍ତ୍ରୀ ଟୁକୁନି ସାହୁ, କେନ୍ଦ୍ରାପଡାରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଖୋର୍ଦ୍ଧାରୁ 'ଆମ ଓଡିଶା, ନବୀନ ଓଡିଶା' ସଂଯୋଜକ ଶ୍ୱେତସ୍ମିତ୍ମା ମିଶ୍ର, ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୁରୀରୁ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା, କେନ୍ଦ୍ରାପଡାରୁ ବିଧାୟକ ଧ୍ରୁବ ଚରଣ ସାହୁ, ଭଦ୍ରକରୁ 'ଆମ ଓଡିଶା, ନବୀନ ଓଡିଶା' ସଂଯୋଜକ ଡ. ସଞ୍ଜୟ ଦାସ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ନୟାଗଡରୁ ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ବିଧାୟକ ଡ. ଅରୁଣ କୁମାର ସାହୁ, କହିଥିଲେ ଯେ ଲକ୍ଷ୍ମୀ ବସ୍ ଯୋଜନା, ଗ୍ରାମାଞ୍ଚଳ ପରିବାରର ଆର୍ଥିକ ସ୍ଥିତିକୁ ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀ ଆରମ୍ଭ କରିଛନ୍ତି । ଏହା ମାଧ୍ୟମରେ ଗରିବ ପରିବାର ଆର୍ଥିକ ଖର୍ଚ୍ଚାନ୍ତରୁ ମୁକ୍ତ ହୋଇ ସଂଚୟ କରିପାରିବେ । ଲକ୍ଷ୍ମୀ ଯୋଜନା ପଞ୍ଚାୟତର ବିକାଶକୁ ଗତିଶୀଳ କରିବ । ଗ୍ରାମାଞ୍ଚଳ ଜନଜୀବନରେ ଉନ୍ନତି ଆଣିବ । ଏକ ଉତ୍ତରଦାୟୀ ସରକାର ଭାବରେ ଓଡିଶା ସରକାରଙ୍କ ରାଜ୍ୟବାସୀଙ୍କ ପାଖରେ ସୁନାମ ରହିଛି ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଆଜି ରାଜ୍ୟରେ ମା'ମାନେ ସବୁ କ୍ଷେତ୍ରରେ ଆଗକୁ ବଢି ଗତିଶୀଳ ହୋଇଛନ୍ତି ବୋଲି ସେମାନେ କହିଥିଲେ ।

୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ପୁରୀରେ ଉପସ୍ଥିତ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସମସ୍ତ ଜିଲ୍ଲାରେ ବହୁ ଜନ ସମାଗମ ହୋଇଥିଲା ।

## ଆନ୍ଦୋଳନକୁ...

ପାଇଁ ଡାକରା ଦେଇଥିଲୁ । ସରକାର ଆମର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନ ଗତ ଗ୍ୟାରେଣ୍ଟି ଦେବାପାଇଁ ଦାବି କରୁଛୁ । ଚାଷୀମାନେ ମଧ୍ୟ ବିଦ୍ୟୁତ ସମ୍ବିଧାନ ବିଲ ୨୦୨୦କୁ ବିରୋଧ କରିବା ସହ ଦୈନନ୍ଦିନ ମନରେଗା ଯୋଜନାରେ ୨୦୦କାର୍ଯ୍ୟ ଶ୍ରମ ଦିବସ ସୃଷ୍ଟି କରିବା ସହ ଦୈନିକ ମଜୁରୀ ୭୦୦ଟଙ୍କା କରିବା ପାଇଁ ଦାବି କରୁଛୁ । କୃଷକଙ୍କ ଆନ୍ଦୋଳନ ପରୀପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ମନ୍ତ୍ରୀମାନଙ୍କର ଏକ ବୈଠକ ବସିଛି । ଖୁବଶୀଘ୍ର ପରବର୍ତ୍ତୀ ଆଲୋଚନା କରାଯିବ । କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା କହିଛନ୍ତି ଯେ ଆନ୍ଦୋଳନରତ ଚାଷୀଙ୍କ ସହ ୩ୟ ପର୍ଯ୍ୟାୟର କଥାବାର୍ତ୍ତା ବେଶ ସକରାତ୍ମକ ହୋଇଛି । ଖୁବଶୀଘ୍ର ଏକ ଭଲ ନିଷ୍ପତ୍ତି ବାହାରିବ ।

## ୧୨ କୋଟି...

ଏତଲା କରିଥିବା ବେଳେ କମ୍ପାନୀ ଓଡିଶାରୁ ୧୨କୋଟି ଟଙ୍କା ଠକି ନେଇଥିବା ତଦନ୍ତରୁ ଜଣାପଡିଛି ।

ଆରମଦା ବଜାର ଓଡିଶାରେ ଶାଖା ଖୋଲି ଋତୁରାଜ ମହାନ୍ତିଙ୍କୁ ଓଡିଶାର ବିଭିନ୍ନ ସହର ପାଇଁ ଦାୟିତ୍ୱ ଦେଇଥିଲା । କମ୍ପାନୀର କାମ ହେଉଛି ଡାଲି-ଚାଉଳ, ଅନ୍ୟାନ୍ୟ ଅତ୍ୟାବଶକ ସାମଗ୍ରୀ ଓ ପନ୍ୟାଗାର ପ୍ରକଳ୍ପ ନିମନ୍ତେ ଟଙ୍କା ଖଟେଇଲେ ଉଚ୍ଚ ପରିମାଣର ଫେରସ୍ତ ପାଇବା ପାଇଁ ଟଙ୍କା ଲଗାଉଥିବା ଲୋକଙ୍କ ସହ ଏଗ୍ରୀମେଣ୍ଟ କରାଯାଇଥିଲା । ୨୦୨୨ରୁ ୨୦୨୩ ମଧ୍ୟରେ ଏଗ୍ରିମେଣ୍ଟ ହୋଇଥିବା ବେଳେ ସର୍ତ୍ତ ଅନୁଯାୟୀ କମ୍ପାନୀ କାମ କଲାନାହିଁ । ଲୋକଙ୍କୁ ଠୁ ଟଙ୍କା ସଂଗ୍ରହ କରିବା ପରେ ସେମାନଙ୍କୁ ଠକି ଦେଇଥିଲା । କେବଳ ଓଡିଶା ନୁହେଁ ଝାଡଖଣ୍ଡ, ଜାମ୍ମୁକାଶ୍ମୀର, ଉତ୍ତରପ୍ରଦେଶ, ଗୁଜୁରାଟ, ଦିଲ୍ଲୀ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଆସାମ, ମହାରାଷ୍ଟ୍ର ପ୍ରଭୃତି ରାଜ୍ୟରେ କମ୍ପାନୀର ଶାଖା କାର୍ଯ୍ୟାଳୟ ଥିଲା । ଓଡିଶା ପୂର୍ବରୁ ଜାମ୍ମୁ, ବିଶାଖାପାଟଣା, ଆଗ୍ରା, କୋଲକାତା ପ୍ରଭୃତି ଅଞ୍ଚଳରେ କମ୍ପାନୀ ନାଁରେ ଅପରାଧୀକ ମାମଲା ରହିଛି ବୋଲି ଇଓଡବ୍ଲ୍ୟୁ କହିଛି । ଆରମଦା ବଜାରର କମ୍ପାନୀର ଆରମଦାମାର୍ଟ, ଆରମଦା ପେ, ଆରମଦା ଏକ୍ସପ୍ରେସ, ଆରମଦା ହୋଟେଲ ଆଣ୍ଡ ରିସର୍ଟ ପ୍ରଭୃତି ସଂସ୍ଥା ରହିଥିଲା । ଏହି ସଂସ୍ଥା ମାଧ୍ୟମରେ ଓଡିଶାରୁ ୧୨କୋଟି ଟଙ୍କା ଠକିଥିବା ବେଳେ ଅନ୍ୟ ରାଜ୍ୟରୁ କେତେ ପରିମାଣ ଟଙ୍କା ଠକିଛି ତାହା ସ୍ପଷ୍ଟ ହୋଇନାହିଁ । ଇଓଡବ୍ଲ୍ୟୁରେ ତଦନ୍ତ ଜାରି ରହିଥିବାରୁ ଆଗକୁ ଆହୁରି ଅନେକ ଠକେଇ ରହସ୍ୟ ଉନ୍ମୋଚନ ହେବ । ପ୍ରାଞ୍ଚାଇଜ ସେଣ୍ଟର ଖୋଲିବା ପାଇଁ ବିଭିନ୍ନ ରାଜ୍ୟରୁ ବହୁ ଲୋକଙ୍କ ଠାରୁ ଉଚ୍ଚପରିମାଣର ଟଙ୍କା ଠକିନେଇଥିବା ଜଣାପଡିଛି ।

## ଜ୍ୱେଲାରୀ...

ଅତର୍କିତ ଭାବେ ଗୁଳି କରିଥିଲେ। ଗୁଳିମାଡ଼ରେ ସୁଜିତ ଗୁରୁତର ହୋଇଥିଲେ। ଗୁଳିମାଡ଼ ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେମାନେ ଗହଣା ଲୁଟ୍ କରିଛନ୍ତି କି ନାହିଁ, ସେନେଇ ଜଣାପଡ଼ି ନାହିଁ। ଅପରାଧୀଙ୍କ ଗୁଳି ମାଡ଼ରେ ଆହତ ସୁଜିତଙ୍କୁ ପ୍ରଥମେ ସଦର ଡାକ୍ତରଖାନା ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ବଡ଼ମେଡ଼ିକାଲକୁ ନିଆଯାଇଥିଲା। ଧନୁପାଲି, ଟାଉନ ଥାନା ଅଧିକାରୀଙ୍କ ସହିତ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛନ୍ତି। ପୋଲିସ ପକ୍ଷରୁ ଏହି ଅଳଙ୍କାର ସୋ'ରୁମ୍ ଏବଂ ଆଖପାଖରେ ଥିବା ସିସିଟିଭି ରେକର୍ଡିଂ ଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯାଉଛି। ପାଖାପାଖି ୬ ଜଣ ଦୁର୍ବୃତ ତିନୋଟି ବାଇକ୍‌ରେ ଆସି ଏହି କାଣ୍ଡ ଭିଆଇଥିବା ଅଭିଯୋଗ ହୋଇଛି। ତେବେ ସୋ'ରୁମ୍‌ରୁ କେତେ ପରିମାଣର ଅଳଙ୍କାର ଲୁଟ୍ ହୋଇଛି ତାହା ଜଣାପଡ଼ି ନାହିଁ। ଘଟଣା ପରେ ଧନୁପାଲି ଗୋବିନ୍ଦତୋଲାକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାରେ ନାକାବନ୍ଦୀ କରାଯାଇଥିବା ବେଳେ ଏହି ସଂଯୋଗ ରାଜ୍ୟ ରାଜପଥର ଥାନାଗୁଡ଼ିକୁ ଜାଗତିଆର କରାଯାଇଥିବା ଜଣାପଡ଼ିଛି। ପୁଲିସ ନିଷ୍କ୍ରିୟତାର ସୁଯୋଗ ନେଇ ସମ୍ବଲପୁର ଜିଲ୍ଲାରେ ଲୁଟେରା ଓ ଦୁର୍ବୃତ୍ତମାନେ ସକ୍ରିୟ ହୋଇ ଉଠିଛନ୍ତି। କିଛି ଦିନ ପୂର୍ବରୁ ଗୋଶାଳା ଅଞ୍ଚଳରେ ଦୁର୍ବୃତ୍ତମାନେ ଗୁଳିକାଣ୍ଡ କରିଥିଲେ। ସେମାନଙ୍କୁ ଧରିବାରେ ପୁଲିସ ଏପର୍ଯ୍ୟନ୍ତ ସଫଳ ହୋଇନାହିଁ ।

## କଂଗ୍ରେସର...

ଏଭଳି ପଦକ୍ଷେପ କେବେ ନିଆଯାଇନାହିଁ । କେଉଁ ବିଧାୟକ ଓ ସଂସଦ ମାନେ କେତେ ଟଙ୍କା ଦେଇଛନ୍ତି ମନମୋହନ ସିଂ ରିପୋର୍ଟ ଆଧାରରେ ମଧ୍ୟ ତଥ୍ୟ ଦିଆଯାଇଛି । ସାଧାରଣ ନିର୍ବାଚନ ପୂର୍ବରୁ ଆୟକର ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ସନ୍ଦେହ ସୃଷ୍ଟି କରୁଛି । ବର୍ତ୍ତମାନ କଂଗ୍ରେସର ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକତା ରହିଛି । ବିଦ୍ୟୁତ ବିଲ୍, କର୍ମଚାରୀଙ୍କ ଦରମା, ଓ ନ୍ୟାୟଯାତ୍ରା ସମେତ ସବୁଥିରେ ପ୍ରଭାବ ପଡିଛି । ଆମର ଗୋଟିଏ ପ୍ୟାନକାର୍ଡ ରହିଛି ଯେଉଁଥିରେ ୪ଟି ଆକାଉଣ୍ଟକୁ ଲିଙ୍କ କରାଯାଇଛି । ଦଳ ସଭାପତି ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ଏ ହେଉଛି କ୍ଷମତାର ଅପବ୍ୟବହାର । ମୋଦି ସରକାର ଦେଶର ବୃହତ ବିରୋଧୀ ଦଳର ଆକାଉଣ୍ଟକୁ ବନ୍ଦ କରିଦେଇଛନ୍ତି । ଲୋକସଭା ନିର୍ବାଚନ ପୂର୍ବରୁ ଏହା କରାଯାଇଛି । ଗଣତନ୍ତ୍ର ପାଇଁ ଏହା ବିପଦ । ବିଜେପି ଅସମ୍ବିଧାନିକ ଭାବରେ ଯେଉଁ ଟଙ୍କା ଆଦାୟ କରିଛି ସେମାନେ ତାକୁ ନିର୍ବାଚନରେ ବ୍ୟବହାର କରୁଛନ୍ତି । ମାତ୍ର ଆମେ କ୍ରାଉଡ ଫଣ୍ଡି ଜରିଆରେ ଅର୍ଥ ଆଣିଛୁ । ସେ ଆକାଉଣ୍ଟକୁ ବନ୍ଦ କରି ଦିଆଯାଇଛି । ଏଥିରୁ ସ୍ପଷ୍ଟ ହେଉଛି ଆଗକୁ ଆଉ ଭବିଷ୍ୟତରେ ଆଉ ନିର୍ବାଚନ ହେବନାହିଁ ।

**REQUIRED AUTHORISED LOCAL CHEMIST/ LOCAL MEDICAL STORES FOR EMPANELMENT WITH EX-SERVICEMEN CONTRIBUTORY HEALTH SCHEME POLYCLINIC, SAMBALPUR**

Registered Medical Suppliers are invited to bid for supply of medicines to ECHS Polyclinics (under MoD) Sambalpur. Medicines will be required on regular basis by the Polyclinic. Required documents are Drug License, Sales Tax Certificate/ GSTIN, formal Application, IT Return of last financial year. For details please contact Station HQ (ECHS Cell) Sambalpur personally or on Tele No **0663-2412050**. Last date of receipt of application is **27 Feb 2024.** Terms and conditions are as under:-

(a) Discount on MRP for all the drugs to be supplied with a minimum QR of 15%.
(b) Stores supplied will have minimum 5/6th self life.
(c) Stores will be delivered at ECHS Polyclinic during working hour at the firm expense.
(d) Stores found toxic or substandard in any way will be replaced by the firm free of cost.
(e) Supply will be made in one lot not piecemeal.
(f) Delivery of stores will be made within stipulated period mentioned in Supply order/ demand.
(g) Goods supplied if found deteriorated/ defective within self life will be replaced with fresh.
(h) Non compliance of above conditions may result in unilateral termination of supply order and your firm could be liable to be black listed.

**By Order of**
**Station Commander, Sambalpur**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA.**

e-mail:- eephd.rgda.od@nic.in, eephd.rgda@gmail,com

**1st CORRIGENDUM NOTICE OF BID IDENTIFICATION NO, -60 72023-24 DT.06.02.2024**

C-

The Bid identification No.**EEPHDRAYAGADA-60/2023-24 Dt.06.02.2024** which was published in "Hindustan Times - New Delhi ", "Hindustan Times -Mumbai ", "Samaya - BBSR ", "Sambad - BBSR ", "Statesman - Kolkata "& " Statesman - BBSR" on dt. 14.02.2024 may be modified for the Column no 04 (Estimate cost) where **268.14** Lakh may be read as " **255.12** "Lakh and all other items shall remain unchanged. The Corrigendum Notice of Bid Identification No.60 / 2023-24 Dt. 06.02.2024 may please be published in two daily Oriya Newspaper and One English Newspaper for wide circulation.

**Sd/- EXECUTIVE ENGINEER**
**P.H. DIVISION, RAYAGADA**

OIPR : 13052/11/0028/2324

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KENDRAPARA**

No.2234 / CDM&PHO, Kendrapara Date-13/02/2024

**TENDER CALL NOTICE FOR HIRING OF PRIVATE VEHICLE**

**E-840 :** Sealed tenders are invited from registered Travel Agencies / Tour Operators/Service providers or Private Individuals for providing of 03 (Three) No.s of BS-VI commercial light vehicles (AC vehicles) **(Bolcro/THV 300/Sumo Gold/ Ertiga etc. or any other similar type of vehicles)** having seating capacity minimum **07(Seven),** including driver on Monthly hire basis . Details regarding eligibility criteria, terms & conditions and the formats of submission of tender (Technical & Financial bid) are mentioned in the tender document which may be downloaded from the website: **www.Kendrapara.nic.in.** Interested Travel Agencies / Tour Operators / Service providers or Private Individuals may submit their tenders in a sealed envelope super- scribing on the top of the sealed envelope as **"Tender for Hiring of Vehicles on Monthly Basis in reference to Advertisement No. ......./2024 dt. ...............**

The tenders should reach the office of the undersigned by **27/02/2024 (till 5:30 PM).** The Tenders will be opened on **dt.28/02/2024 at 11.30 AM.** The undersigned reserves the right to reject any or all the tenders without assigning any reason thereof

**Sd I- Chief Distiict Medical &**
**Public Health Officer, Kendrapara**

OIPR : 10018/11/0014/2324

**OFFICE OF THE MEDICAL OFFICER I/C CHC, SRIRAMCHANDRAPUR DHENKANAL**

E-843

**TENDER CALL NOTICE FOR HIRING OF VEHICLES**

Sealed proposals as per the prescribed RFP document are invited from interested eligible bidders (Private individuals / Tour operators / Travel Agency ) for hiring & empanelment of vehicles for Block Programme Management Unit (BPMU) at Block CHC level on a monthly basis for implementation of the BPMU activities. The eligibility criteria, terms of reference and the formats for submission of bid are set forth in the RFP document, which can be downloaded from the website www.dhenkanal.nic.in. Interested bidders fulfilling the eligibility criteria may submit their proposals with HMD & documents as per RFP to the MO I/C of this CHC. The bidders have to submit their proposals with all required documents to the MO I/C , CHC Sriramchandrapur, Po-Gondia , Dist- Dhenkanal, Pin-759016 on or before dt. 26.02.2024 by 3 PM through speed post/Regd post/Courier only. The opening date of tenders will be on 26.02.2024 at 3.30 pm in the CHC. The undersigned reserves the right to reject any or all the proposals without assigning any reason thereof and is not responsible for any postal delay.

OIPR : 10225/11/0003/2324 **Sd/- Medical Officer I/C**

**Government of Odisha**
**e- Procurement Notice**
**INVITATION FOR BIDS (IFB)**

B-

**Bid Identification No. C.C.E.Dkl.(R&B) 33/2023-24**

**Email Id-sedklpwd@gmail.com**
**Letter No. 394 / Dt. 08.02.2024**

The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building works as detailed below :

| | | | |
|---|---|---|---|
| 1. | Name of the work | : | Building works |
| 2. | No of works | : | 05 (Five) Nos |
| 3. | Estimated Cost | : | **Rs.1.49crore to Rs.5.65crore (as given in column No. 03 of table)** |
| 4. | Cost of tender paper | : | Rs 10,000.00 |
| 5. | Class of contractor | : | 'B' & 'A' Class **(as given in column No. 07 of table)** |
| 6. | Period of Completion of work | : | 07(Scven) to 09(Nine) Calendar months **(as given in column No. 08 of table)** |
| 7. | Date and time of availability of bid Document in the website | : | From Dt. 15.02.2024 to 5.OOP.M.of Dt.29.02.2024 |
| 8. | Date of opening of bid | : | Dt.29.02.2024 at 5.30 P.M. |

The bidders have to participate in ONLINE biding only further details can be seen from the e- Procurement Portal: **wvvw.tendersodisha.gov.in**. Any addendum / corrigendum / cancellation of tender can also be seen in the said website.

**Sd/- Chief Engineer**
**Dhenkanal (R&B) Circle,**
**Dhenkanal**

OIPR : 34132/11/0041/2324

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 30.12.2023, **I, Susamarani Sahoo,** W/o.: Bisweswar Senapati, Plot No.: K8/568, Kalinga Nagar, PO.: Ghatikia, P.S.: Bharatpur, Bhubaneswar, Dist.: Khordha, Odisha, have changed my surname from Sahoo to Senapati. Henceforth, I shall be known as **Susamarani Senapati** for all purposes and records.

**AFFIDAVIT**

I Abbas Shabbir Bharuchwala, S/o- Shabbir Bharuchwala resident of Plot No.121, Cuttack Road, P.S- Laxmisagar, Bhubaneswar, Dist-Khurdha, Odisha-751006, Declare by this Affidavit No-2528, Dt. 15.02.2024, that now onwards I shall be known as Abbas Bharuchwala for all future purposes.

### ଗରସଙ୍ଗରେ ଆଞ୍ଚଳିକ ବ୍ରାହ୍ମଣ ସମିତି ବୈଠକ

ଖଇରା (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଗରସଙ୍ଗ ଗ୍ରାମରେ ଆଞ୍ଚଳିକ ବ୍ରାହ୍ମଣ ସମିତିର ଏକ ବୈଠକ ଓ ପଞ୍ଚାୟତିସ୍ତରୀୟ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରମାକାନ୍ତ ଶତପଥି, ବୁଦ୍ଧିରାମ ପାଣିଗ୍ରାହୀ, ଅନନ୍ତ ପ୍ରସାଦ ଉପାଧ୍ୟାୟ,ତପନ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ ।

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
DIST: KALAHANDI-766026, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmall.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

OHPC ISO 9001-14001 18001 Certified

CAD-4163

**'e'- Procurement Notice : NOTICE INVITING TENDER NO.UIHEP/62/2023-24 DATED.15.02.2024**

The Unit Head, UIHEP, Mukhiguda, Dist- Kalahandi invites percentage rate bids in double cover system i.e. Cover-I (Technical Bid] & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of work | Approx. Estimated cost (in Rs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of contract |
|---|---|---|---|---|---|---|
| 1 | Roof treatment to the main roof (3rd floor) or Power House Main Building by providing and laying App (1.5m) modified polymeric membrane at HIHEP, Mukhiguda. | 33,75,228/- (Excluding GST) | 33,800/- | **'B' & 'C'** Class Civil Contractors registered with State Govt./Central Govt./ MES/Railways. | 6,000/- + GST @ 18% = 7080/- | Three (03) months from date of handing over of site by Engineer-in-Charge |

Availability offender document in the portal: From 21.02.2024 to 04.03.2024 (up to 13:00 Hrs.)
Last date & time of submission of tenders in the portal: 04.03.2024 up to 13:00 Hrs.
The date & time of opening of the bid: 04.03.2024 at 16:30 Hrs (Only Technical Bid]
The bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement Portal **"https://tendersodisha.gov.in".**

OIPR : 04008/11/0080/2324 **Sd/- Unit Head UIHEP, Mukhiguda**

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
DIST: KALAHANDI-766026, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmall.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

OHPC ISO 9001-14001 18001 Certified

CAD-4132

**'e'- Procurement Notice : NOTICE INVITING TENDER NO.UIHEP/60/2023-24 DATED.12.02.2024**

The Unit Head, UIHEP, Mukhiguda, Dist- Kalahandi invites percentage rate bids in double cover system i.e. Cover-I (Technical Bid] & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of work | Approx. Estimated cost (in Rs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of contract |
|---|---|---|---|---|---|---|
| 1 | Replacing glass brick of Power House main building providing with 6-12mm insulated toughen glass with fitting and fixing by extruded aluminium section at Power House of HIHEP, Mukhiguda. | 91,29,476/- (Execluding GST) | 91,300/- | 'B' Class Civil Contractors registered with State Govt./Central Govt./ MES/Railways. | 10,000/- + GST @ 18% = 11,800/- | Four (04) months from date of handing over of site by Engineer-in-Charge |

Availability offender document in the portal: From 17.02.2024 to 06.03.2024 (up to 13:00 Hrs.]
Last date & time of submission of tenders in the portal: 06.03.2024 up to 13:00 Hrs.
The date & time of opening of the bid: 06.03.2024 at 16:30 Hrs (Only Technical Bid]
The bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement Portal **"https://tendersodisha.gov.in".**

OIPR : 04008/11/0077/2324 **Sd/- Unit Head UIHEP, Mukhiguda**

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE SUPERINTEND!NGENGINEER, PURI (R&B) DIVISION, PURI**
**WORKS DEPARTMENT**

B- **Tender call Notice** E-mail: eerbpuri@yahoo.co.in

**Bid Identification No. SE (R&B) Puri-75/2023-24**

The Superintending Engineer, Puri (R&B) Division. Puri on behalf of Governor of Odisha inviting percentage rale bid in double Cover system in ONLINE MODE from the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

| | | | |
|---|---|---|---|
| 1. | Nature of Work | : | Ceiling Works |
| 2. | No of Work | : | 1 Nos |
| 3. | Tender Cost | : | Rs. 10000.00 (On-Line) |
| 4. | Class of bidders | : | B Class |
| 5. | Available of Bid document in the Website | : | From 10.00 AM of Dt. 15.02.2024 to 05.00 PM of Dt.21.02.2024 |
| 6. | Last Date of receipt of tender | : | Dt.21.02.2024 up to 5.00 PM |
| 7. | Date of opening of Bid | : | Dt.22.02.2024 at 11:30 AM |

8. The Bidders have to participate in ONLINE bidding only. Further details can be seen from the Website: **https://tenderodisha.gov.in** . Any Addendum / Corrigendum / Cancellation of tender can also be seen in the said website.

**Sd/- Superintending Engineer**
**Puri (R&B) Division, Puri**

OIPR : 34064/11/0046/2324

**World Skill Center**
WSC WORLD SKILL CENTER
**Block B, Sector A, Tower, 2010, Mancheswar Industrial Estate, Bhubaneswar-751007 Country: India**
**Telephone/Fax:+91-674-2580079**
KK-403 **Website: www.worldskillcenter.org, Email address: tenders@worldskillcenter.org**

**TENDER NOTICE FOR SUPPLY OF TOOLS, EQUIPMENT & CONSUMABLE FOR SKILL COMPETITION 2023-24 AT WSC, BHUBANESWAR**

**Tender Enquiry No: WSC/148/ADMIN/2023-24/Odisha Skills/311** **Date: 16.02.2024**

**World Skill Center, a Government of Odisha company, invites tender for Supply of Tools, Equipment's & Consumables for Skill Competition 2023-24 at WSC, Bhubaneswar**

**Eligible Companies/Firms/agencies are requested to submit their offer in prescribed application form. The detailed terms & conditions, eligibility etc are in the tender document which can be downloaded from the WSC website: www.worldskillcenter.org/tender. Proposals duly filled in and complete in all respects should reach the office of the Chief Executive Officer, World Skill Center at Mancheswar Industrial Estate, Bhubaneswar-751007.**

**For any queries related to tender, please contact Mr. Chandan Kumar, GM-Procurement & Contract Management, World Skill Center, Bhubaneswar Contact No: +91 9650607819, Email: tenders@worldskillcenter.org**

| | |
|---|---|
| **Last date & Time for Submission of RFP** | **26.02.2024 at 02:00 PM** |
| **Date & Time of Opening of Proposal** | **26.02.2024 at 04:30 PM IST** |

OIPR : 44009/11/0068/2324 **Sd/- Chief Executive Officer**

**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**SUBARNAREKHA IRRIGATION DIVISION NO-I.JHARPOKHARIA**
At/PO.-Sankucha, Via:- KM Katta, Dist:-Mayurbhanj, Mail Id.sidivision1@amail.com
**Government of Odisha "e" PROCUREMENT NOTICE**

A-

**Bid Identification No.05/ 23-24 of S.E,S.I.Division No-I, Jharpokharia**

| 1 | Name of work | | |
|---|---|---|---|
| 1) | Completion of incomplete Concrete Road from Karkachia to Karkachia AWC under R & R assistance of Haladia Reservoir in Subarnarekha Irrigation Project. | | |
| 2) | Construction of Concrete Road from Karkachia Mahakud Sahi to Bindhani Sahi under R & R assistance of Haladia Reservoir in Subarnarekha Irrigation Project | | |
| 3) | Construction of Concrete Road from Karkachia Transformer Chhak to SMC (Daradara Link Road) underPeriphery Development works of Haladia Reservoir in Subarnarekha Irrigation Project | | |
| 4) | Construction of Cement Concrete Road from Pandasole Suka Singh House to Nayak Sahi and Dhir Sahi under R & R assistance of Haladia Reservoir in Subarnarekha Irrigation Project. | | |
| 5) | Construction of Cement Concrete Road from SMC Foot Bridge to Pandasole Mahali Sahi with RCC Culvert under R & R assistance of Haladia Reservoir in Subarnarekha Irrigation Project. | | |
| 6) | Construction of Concrete Road from RD Road to Naik Sahi upto Sanjaya Naik House and Kirtibas Dhir House to Dukhu Naik House (Karkachia) under R & R assistance of Haladia Reservoir in Subarnarekha Irrigation Project | | |
| 2 | Estimated Cost | : | 1) Rs 14.19 Lakhs 2) Rs 2.84 Lakhs 3) 14.08 Lakhs 4) Rs 4.16 Lakhs 5) Rs 4.65 lakhs 6) Rs 3.07 lakhs |
| 3 | Bid Security/ E.M.D. | : | 1) RS 14,200/- 2) RS 2,900/- 3) 14,100/- 4) RS 4,200/- 5) RS 4,700/-, 6) RS 3,100/- |
| 4. | Period of Completion | : | 03 (Three) Calendar Months |
| 5. | Class of Contractor | : | 'C and 'D' Class Contractor |
| 6. | Date & Time of availability of bid document in the portal | : | 17.02.2024 at 10.00 AM |
| 7. | Last date/time for receipt of bid in the portal | : | 27.02.2024 up to 5.00 PM |
| 8. | Date of opening of bid | : | 28.02.2024 at 11:00 A.M. |
| 9. | Name & Address of the O.I.T | : | Superintending Engineer, Subarnarekha Irrigation Division No-I, Jharpokharia |

Further details can be seen from the e-Procurement Portal **"https://tendersodisha.gov.in".**

**Sd/- Superintending Engineer**
**Subarnarekha Irrigation Division No-I, Jharpokharia**

OIPR : 32085/11/0006/2324

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER DRAINAGE CIRCLE, UNIT-8 BHUBANESWAR-751012**

A-

**E-PROCUREMENT NOTICE NO. ACEDC-BBSR-09/2023-24**

**email Id :-sedrainaqebbsr12@gmail.com**

| | | | |
|---|---|---|---|
| 1. | Total number of Works | : | 1no. of work as mentioned below. |
| 2. | Name of Works | : | IMPROVEMENT TO STORM WATER DRAINAGE SYSTEM OF BALARAM DRAINAGE CHANNEL PASSING THROUGH WARD NO-II AND WARD NO-III OF NAYAGARH TOWN UNDER NAYAGARH CONSTITUENCY. |
| 3. | Estimated Cost | : | Rs. 4,90,87,571.00 |
| 4. | Bid Identification No. | : | ACEDC-BBSR/DD-KHR-21/2023-24 |
| 5. | Period of completion | : | 11 (Eleven) Calendar months. |
| 6. | Class of Contractor. | : | "A" CLASS |
| 7. | Date and time of availability of Bid Document in the portal. | : | 17.02.2024, 11.00 Hours to 02.03.2024, 17.00 Hours. |
| 8. | Date of Opening of Technical Bid. | : | 04.03.2024 at 11.00 hours in the O/o the Additional Chief Engineer, Drainage Circle, Unit-8, Bhubaneswar. |
| 9. | Date and time of receipt of Bids in the portal. | : | 17.02.2024, 11.00 Hours to 02.03.2024, 17.00 Hours. |
| 10. | Last date and time of receipt of Bids in the portal. | : | 02.03.2024, 17.00 Hours. |
| 11. | Date of opening of financial Bid. | : | To be uploaded in Porta! after evaluation of technical bids |
| 12. | Date of Lottery (If required) | : | To be intimated to the responsive bidders through their Registered E-Mail IDs. |
| 13. | Bid Security | : | IRs.4,90,876.00 |
| 14. | Cost of Tender paper | : | Rs. 10,0007- |
| 15. | Procurement Officer | : | Additional Chief Engineer, Drainage Circle, Unit-8, Bhubaneswar-751012. |

Further details can be seen from the Govt, web site **www.tendersorissa.gov.in**. Addendum / Corrigendum / Cancellation if any required will be published only in Govt, web site, **www.tendersorissa.gov.in.**

**Sd/- Additional Chief Engineer**
**Drainage Circle, Bhubaneswar**

OIPR : 32375/11/0010/2324

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୭୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।





ଭୁବନେଶ୍ୱରରେ ଆରମ୍ଭ ହେଲା ଖଣ୍ଡଗିରିମେଳା : ସାଧୁସନ୍ଥମାନଙ୍କ ସମାବେଶ



ଭୁବନେଶ୍ୱର ବାଣୀବିହାର ଶନିମନ୍ଦିରର ୪୧ତମ ବାର୍ଷିକୋତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ଗ୍ରହଯଜ୍ଞ

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରୀ ଜିଲ୍ଲା ପାଇଁ ଲକ୍ଷ୍ମୀ ବସର ଲୋକାର୍ପଣ ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ରେ ସହାୟକ ହେବ

ପୁରୀ (ସବ୍ୟୁ): ଶୁକ୍ରବାର ଅପରାହ୍ନରେ ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ପୁରୀ ଜିଲ୍ଲା ପାଇଁ ଲକ୍ଷ୍ମୀ ବସର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷ୍ମୀ ବସ ସାଧାରଣ ଲୋକ ମାନଙ୍କ ଜୀବନ ଜୀବିକା ପାଇଁ ଏକ ବଡ ଉପଲବ୍ଧି ଓ ସହଯୋଗ ଦେଇ ପାରିବ ବୋଲି କହିଥିଲେ । ସବୁ ବର୍ଗର ଲୋକ ମାନେ ଏହା ଦ୍ୱାରା ଉପକୃତ ହେବା ସହ ନିଜ ଆର୍ଥିକ ଅଭିବୃଦ୍ଧି କରି ପାରିବେ ବୋଲି କହିଥିଲେ । ଗାଁ ଲୋକ କମ ଖର୍ଚ୍ଚ ରେ ଲକ୍ଷ୍ମୀ ବସରେ ଦୈନନ୍ଦିନ ସୁବିଧା ରେ କାର୍ଯ୍ୟ ପାଇଁ ଯାତାୟତ କରିପାରିବେ । ୫-ଟି ଉପକ୍ରମରେ ଚାଲୁଥିବା ଲକ୍ଷ୍ମୀ ବସ ରାଜ୍ୟର ସମସ୍ତ ଜିଲ୍ଲାରେ ଫେବୃୟାରୀ ସୁଦ୍ଧା ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି କେ ପାଣ୍ଡିଆନ ଲକ୍ଷ୍ମୀ ବସ ସାରା ରାଜ୍ୟର ସମ୍ପତ୍ତି ଓ ଆପଣ ମାନଙ୍କର ସମ୍ପତ୍ତି । ଏହା ଜନସାଧାରଣ ଙ୍କ ସମୃଦ୍ଧି ର ବାହକ । ନିଜ ସମ୍ପତ୍ତି ପରି ଏହାର ରକ୍ଷଣାବେକ୍ଷଣ ପାଇଁ ସେ ଅନୁରୋଧ କରିଥିଲେ ।

ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଓ ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା ମୁଖ୍ୟମନ୍ତ୍ରୀ କମ କୁହନ୍ତି ଓ କାର୍ଯ୍ୟ ରେ ବେଶି କରି




ଦେଖାନ୍ତି ବୋଲି କହିଥିଲେ । ମଧୁବାବୁ ପେନସନ ଯୋଜନା ଓ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନା ର ହିତାଧିକାରୀଙ୍କୁ ସହାୟତା ରାଶି ବୃଦ୍ଧି କରି ସେ ସମସ୍ତ ଙ୍କ ର ପ୍ରିୟ ଭାଜନ ହୋଇ ପାରିଛନ୍ତି ବୋଲି କହିବା ସହ ଗମନାଗମନ କ୍ଷେତ୍ରରେ ଲକ୍ଷ୍ମୀ ବସ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ଓ ଯୁବ ସେବା, ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା,ନିମାପଡା ବିଧାୟକ ସମୀର ରଞ୍ଜନ ଦାଶ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲ୍ଲା ପରିଷଦର ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଓ ଲକ୍ଷ୍ମୀ ବସର ଉପଯୋଗୀତା ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ପାଇଁ ୪୪ ଗୋଟି ବସର ଲୋକାର୍ପଣ ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା କରାଯାଇଥିଲା । କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱକୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବାଶୀଷ ପଟ୍ଟନାୟକ, ଆରଟିଓ ରବିନ ପଟ୍ଟନାୟକ ଓ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ବିଜେଡ଼ିରେ ଯୋଗଦେଲେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି





ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ନିର୍ବାଚନମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ ତଥା ଜିଲ୍ଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି ଓ ତାଙ୍କର ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ଶୁକ୍ରବାର ଶଙ୍ଖଭବନ ଠାରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମନ୍ତ୍ରୀ ପ୍ରତାପ ଦେବ, ବିଧାୟକ ତଥା କେନ୍ଦ୍ରାପଡା ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା ଓ ବିଧାୟକ ଧ୍ରୁବଚରଣ ସାହୁଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ଅଂଶୁମାନ ମହାନ୍ତିଙ୍କୁ ସମସ୍ତ ନେତୃବୃନ୍ଦ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଶଙ୍ଖଭବନରେ ମିଶ୍ରଣ ପରେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ନେବାସହ ୫-ଟି ଓ ନବୀନ ଓଡିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟିଥିଲେ ଅଂଶୁମାନ ମହାନ୍ତି ।

ବିଜେଡ଼ି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡିଶା ନବୀନ ଓଡିଶା, ରୂପାନ୍ତରଣ ଓଡିଶା ଓ ସମୃଦ୍ଧ ଓଡିଶା ଗଠନରେ ଆକୃଷ୍ଟ ହୋଇ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଦଳରେ ଯୋଗ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜନଗରରେ ଯେଉଁ ଉନ୍ନତି ହୋଇ ଚାଲିଛି, ଆଜି ଅଂଶୁମାନ ମହାନ୍ତି ଯୋଗ ଦେବା ପରେ ରାଜନଗରରେ ଉନ୍ନତି ଦ୍ୱିଗୁଣିତ ହେବ । ସେହିପରି ରାଜ୍ୟସଭା ସାଂସଦ ମାନସ ରଂଜନ ମଙ୍ଗରାଜ, ଅଂଶୁମାନ ମହାନ୍ତିଙ୍କ ଯୋଗଦାନକୁ ସ୍ୱାଗତ କରିବା ସହ ଏହି ମିଶ୍ରଣ କେନ୍ଦ୍ରାପଡାରେ ବିଜେଡି ସଂଗଠନକୁ ଆହୁରି ସଶକ୍ତ କରିବ ବୋଲି କହିଥିଲେ।

ସେହିପରି ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ମଧ୍ୟ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଉପସ୍ଥିତ ଥିବା ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏବଂ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଦଳରେ ଯୋଗ ଦେଇଥିବା ଅଂଶୁମାନ ମହାନ୍ତି ଓ ତାଙ୍କ ସମର୍ଥକଙ୍କୁ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ପର୍ବରେ ରାଜନଗର ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର ଜେନା, ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ କମିଟି ସଭାପତି ନିମାଁଇ ଚରଣ କର, ପଟ୍ଟାମୁଣ୍ଡାଇ ମ୍ୟୁନିସପାଲଟି କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ, ପିସିସି ସଦସ୍ୟ ପ୍ରଦୀପ ପ୍ରଧାନ, ସନ୍ତୋଷ ମହାନ୍ତି, ସରପଞ୍ଚ ସମୀର ସେଠୀ, ସୁରେଖା ପ୍ରଧାନ, ହେମଲତାମହାନ୍ତି, ସମିତିସଭ୍ୟଅମର ସୁତାର ପ୍ରମୁଖ ଶତାଧିକ ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## କେୟାର କନେକ୍ଟ ପକ୍ଷରୁ କର୍ମଶାଳା ଜନ୍ମଗତ ହୃଦ୍‌ରୋଗ ସମ୍ପର୍କରେ କଲେ ସଚେତନ




ଭୁବନେଶ୍ୱର (ସବ୍ୟୁ): କେୟାର ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଜନ୍ମଗତ ହୃଦ୍‌ରୋଗ ସଚେତନତା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଜନ୍ମଗତ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇଥିବା ୫୦ରୁ ଅଧିକ ଶିଶୁ ଏବଂ ତାଙ୍କର ଅଭିଭାବକ ମାନଙ୍କୁ ନେଇ ଏକ ସ୍ୱତବ କର୍ମଶାଳା କେୟାର କନେକ୍ଟ ପକ୍ଷରୁ ଆୟୋଜନ କରାଯାଇଥିଲା। ଜନ୍ମଗତ ହୃଦ୍‌ରୋଗର ଲକ୍ଷଣ, ଡାକ୍ତରୀ ପରୀକ୍ଷା ଓ ଚିକିତ୍ସା ଏବଂ ଅପରେସନ୍ ପରବର୍ତ୍ତୀ ଜୀବନଶୈଳୀ ସମ୍ପର୍କରେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଦିନ ତମାମ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଏହି ଅବସରରେ ସକାଳେ ଏକ ୱାକଥନ୍‌ର ଆୟୋଜନ କରାଯାଇଥିଲା, ଏଥିରେ ହସ୍ପିଟାଲର ଡାକ୍ତର, ନର୍ସ , କର୍ମଚାରୀ ଏବଂ ଚିକିତ୍ସା ହୋଇ ସୁସ୍ଥ ଥିବା ଜନ୍ମଗତ ହୃଦ୍‌ରୋଗୀ ଏବଂ ତାଙ୍କର ଅଭିଭାବକ ମାନେ ଅଂଶଗ୍ରହଣ କରିଥିଲେ। କେୟାର ହସ୍ପିଟାଲ ସବୁବେଳେ ହୃଦ୍‌ରୋଗ ଉପରେ ଅଧିକ ଗୁରୁତ୍ୱ ହୋଇଥାଏ । ଛୋଟ ପିଲାଙ୍କ ଠାରେ ଦେଖାଯାଉଥିବା ବିଭିନ୍ନ ପ୍ରକାର ହୃଦ୍‌ରୋଗର ସଫଳ ଚିକିତ୍ସା ପାଇଁ କେୟାର ହସ୍ପିଟାଲ ଠାରେ ସ୍ୱତନ୍ତ୍ର ବିଭାଗ ରହିଛି। ଯେଉଁଠାରେ ଅଭିଜ୍ଞ ଡାକ୍ତରୀ ଟିମ୍ ଏବଂ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଉପଲବ୍ଧ ରହିଛି ବୋଲି କେୟାର ହସ୍ପିଟାଲ ଭୁବନେଶ୍ୱର ହୃଦ୍‌ରୋଗ ବିଭାଗର ମୁଖ୍ୟ ତଥା କ୍ଲିନିକାଲ ଡାଇରେକ୍ଟର ଡାକ୍ତର ମହେନ୍ଦ୍ର ପ୍ରସାଦ ତ୍ରିପାଠୀ କହିଥିଲେ । ସେହିଭଳି ବରିଷ୍ଠ ଶିଶୁ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ପ୍ରଶାନ୍ତ ପ୍ରକାଶ ରାଓ ପାଟିଲ କହିଥିଲେ, ଜନ୍ମଗତ ହୃଦ୍‌ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଫେବୃଆରୀ ୧୪ ତାରିଖ ଠାରୁ ଫେବୃଆରୀ ୨୧ ପର୍ଯ୍ୟନ୍ତ ଜନ୍ମଗତ ହୃଦ୍‌ରୋଗ ସଚେତନତା ସ ପ୍ତାହ ଭାବରେ ପାଳନ କରାଯାଏ ।

## ଆଇଚର୍ - ବାଇକ୍ ମୁହାଁମୁହିଁ: ଜଣେ ମୃତ

ରଣପୁର, (ସବ୍ୟୁ) : ଶୁକ୍ରବାର ଅପରାହ୍ନ୫ଟାରେ ରେ ରଣପୁର ବାଇପାସ ରାସ୍ତାରେ ଏକ ଆଇଚର ଏକ ବାଇକ ମଧ୍ୟରେମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି। ମୃତ ଯୁବକ ଜଣକ ହେଉଛନ୍ତି ରଣପୁର ନିକଟସ୍ଥ ବଳଭଦ୍ରପୁର ଗ୍ରାମପଚାୟତର ବାସୁଦିଆ ଗ୍ରାମର ଗୋପାଳ ପ୍ରଧାନ ଙ୍କ ପୁଅ ବାଙ୍କନିଧି ପ୍ରଧାନ । ସେ ବାଇକ୍ ରେ ଯାଉଥିବା ସମୟରେ ସାମ୍ନାପଟୁ ଆସୁଥିବା ଓ ଡି ୧୩ ଏଚ୍ ୪୨୦୯ଆଇଚର୍ ଟ୍ରକ୍ ଟି ବାଇକ୍‌କୁ ଧକ୍କା ଦେଇଥିଲା । ପରେ ସ୍ଥାନୀୟ ଲୋକମାନେ ମେଡିକାଲରେ ଭର୍ତ୍ତି କରାଇଥିଲେ। ଡାକ୍ତର ସେଠାରେ ମୃତ୍ୟୁ ଘୋଷଣା କରିଥିଲେ। ଆଇଚର୍ ଗାଡିଟି ବିଭାଘର ସଜ ନେଇ ନୟାଗଡ ଯାଉଥିଲା । ଆଇଚର୍ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଥିବା ଜଣାପଡିଛି। ପୁଲିସ ଘଟଣସ୍ଥଳରେ ପହଚିଂ ତଦନ୍ତ ଚଳାଇଥିବା ଜଣାପଡିଛି। ସେହିପରି ରଣପୁର ହାଟ ସାହିର ଏକଯୁବକ ଉପରେ ଜଟଣୀ ହରିଭାଇନା ଛକରେ ଟ୍ରକ ଚଢିଯିବାରୁ ମୃତ୍ୟୁବରଣ କରିଥିବାଜଣାଯାଇଛି।

## ନାବାଳିକା ଅପହରଣ ଜଣେ ଗିରଫ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅଞ୍ଚଳରୁ ଜଣେ ନାବାଳିକାକୁ ଜଣେ ଯୁବକ ମାସେ ତଳେ ନେଇ ପକାଇଥିବାବେଳେ ଶୁକ୍ରବାର ଦିନ ନିରାକାରପୁର ପୋଲିସ ନାବାଳିକାକୁ ଉଦ୍ଧାର କରିବା ସହିତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ କି ମାସେ ତଳେ ଉଭୟଙ୍କ ମଧ୍ୟରେ ମୋବାଇଲ ଯୋଗାଯୋଗରେ ପ୍ରେମ ସମ୍ପର୍କ ଗଢ଼ି ଉଠି ଥିଲା।ପରେ କେଉଁଝର ଟଙ୍ଗରପଡା ଗ୍ରାମର ଅଭିନାଶ ସେଠୀ ନିରାକାରପୁର ଅଞ୍ଚଳକୁ ଆସି ଉକ୍ତ ନବାବଳିକକୁ ନେଇ ପକାଇଥିଲା। ନିରାକାରପୁର ପୋଲିସ ଅଭିଯୋଗ ପାଇ ଅନୁସନ୍ଧାନ କରି ଗତ କାଲି କେଉଁଝରରୁ ଝିଅ କୁ ଉଦ୍ଧାର କରିବା ସହ ଆଜି ଅଭିନାଶ କୁ କୋର୍ଟ ଚାଲାଣ କରିଛି।

## କାମ କରୁନି କଟକଣା,ନିଷିଦ୍ଧାଞ୍ଚଳରୁ ମାଛଧରା ଟ୍ରଲର ଜବତ : ୮ ଅଟକ

ଅସ୍ତରଙ୍ଗ , (ସବ୍ୟୁ) :ବିରଳ ଅଲିଭ୍ ରିଡଲେ କଇଁଛ ଙ୍କ ସୁରକ୍ଷା ନିମନ୍ତେ ସମୁଦ୍ର ଉପକୂଳ ରୁ ୨୦ କିଲୋମିଟର ପର୍ଯ୍ୟନ୍ତ ଯନ୍ତ୍ର ଚାଳିତ ଡ଼ଙ୍ଗା ଚଳା ଚଳ ଉପରେ କଟକଣା ଲାଗୁ ହୋଇଥିବା ବେଳେ କଟକଣା ନମାନି ବାରମ୍ବାର ନିଷିଦ୍ଧାଞ୍ଚଳ ମଧ୍ୟ କୁ ଟ୍ରଲର ପ୍ରବେଶ କରି ବନବିଭାଗ ହାତରେ ଧରା ପଡୁଛନ୍ତି। ସେହିପରି ଶୁକ୍ରବାର ସକାଳେ ନିଷିଦ୍ଧାଞ୍ଚଳରୁ ମାଛ ଧରୁ ଥିବା ଏକ ଟ୍ରଲରକୁ ଅସ୍ତରଙ୍ଗର ବନବିଭାଗର ପେଟ୍ରୋଲିଙ୍ଗ ଟିମ୍ ଜବତ କରିଛ । ଜବତ ଟ୍ରଲରଟି ର ନଂ ଆଇ ଏନ ଡି ଓ ଆର ୦୪ ଏମ ଏମ ୨୩୪ ଥିବା ବେଳେ ଏହାର ନାମ ପବନସୁତ-୩ ଏବଂ ଏଥିରେ ଥିବା ଥିବା ୮ ଜଣ କର୍ମଚାରୀ ଅଟକ ଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି । ବୁଧବାର ଦିନ ସକାଳେ ଦେବୀ ମାଉଥ ରୁ ୫ କିଲୋମିଟର ଦୁରରେ ମାଛ ମାରୁଥିବା ବେଳେ ବନ ବିଭାଗ ପେଟ୍ରୋଲିଂ ଟିମ ହାବୁଡ଼ରେ ପଡିଥିଲା ।ସଙ୍ଗେସଙ୍ଗେ ବନ ବିଭାଗ ଟ୍ରଲର ଟିକୁ ଜବତ କରି ସାମୁଦ୍ରିକ ମତ୍ସ୍ୟବିଭାଗ ଅସ୍ତରଙ୍ଗ ଅଧିକାରୀ ସତ୍ୟବ୍ରତ ଦାସକୁ ହସ୍ତାନ୍ତର କରା ଯିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ଚଢ଼ାଉ ରେ ବନବିଭାଗ ପେଟ୍ରୋଲିଙ୍ଗ ଟିମ ର ଫରେଷ୍ଟର ବିରଜା ପ୍ରସାଦ ମହାପାତ୍ର, ଫରେଷ୍ଟ ଗାର୍ଡ଼ ମିଲନ କୁମାର ମୁଦୁଲି, କଇଁଛ ସ୍କ୍ୱାର୍ଡ, ଏପିଆର ଫୋର୍ସ ଥିଲେ ଆଦି ସାମିଲ ଥିଲେ ।ପ୍ରକାଶ ଥାଉକି, ଅଲିଭ୍ ରିଡଲେ କଇଁଛ ଏବଂ ମାଛ ମାନଙ୍କ ବଂଶ ବୃଦ୍ଧି ନିମନ୍ତେ ସମୁଦ୍ର ଉପକୂଳରେ ମାଛଧରିବା ଉପରେ ୧ ନମ୍ୱେଭେମ୍ବରରୁ ୩୧ ମଇ ପର୍ଯ୍ୟନ୍ତ କଟକଣା ଲାଗିଛି । ଏହି ସମୟ ମଧ୍ୟରେ ବନବିଭାଗ ଓ ସ୍ଥାନୀୟ ସାମୁଦ୍ରିକ ମତ୍ସ୍ୟବିଭାଗ ମିଳିତ ଆନୁକୂଲ୍ୟରେ ନିଷିଦ୍ଧାଞ୍ଚଳରେ ପେଟ୍ରୋଲିଙ୍ଗ କରି ମାଛଧରିଥିବା ବୋଟ୍ କିମ୍ବା ଟ୍ରଲରକୁ ଜବତ କରିବା ସମେତ ଫାଇନ୍ କରିବା ନିୟମ ରହିଛି।

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ସହାୟତାରେ ମହିଳା ଉଦ୍ୟୋଗୀମାନଙ୍କ ନିମନ୍ତେ ରପ୍ତାନୀ ସୁଯୋଗ ସମ୍ପର୍କୀତ କାର୍ଯ୍ୟକ୍ରମ

ଭୁବନେଶ୍ୱର(ସବ୍ୟୁ) : ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ସହାୟତାରେ ଏମ୍‌ଏସ୍‌ଏମ୍‌ଇ ମହିଳା ଉଦ୍ୟୋଗୀମାନଙ୍କ ନିମନ୍ତେ ରପ୍ତାନୀ ସୁଯୋଗ ସମ୍ପର୍କୀତ ଏକ କାର୍ଯ୍ୟକ୍ରମ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଏସ୍‌ଏମ୍‌ଇ



କ୍ଷେତ୍ରରେ ମହିଳା ସଶକ୍ତିକରଣ ପାଇଁ ମିଳିତ ପ୍ରୟାସର ଆହ୍ୱାନ ନେଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ହିତାଧିକାରୀ ଏଥିରେ ଯୋଗ ଦେଇଥିଲେ। ଆଇସିସି ନ୍ୟାଶନାଲ ମହିଳା ଉଦ୍ୟୋଗୀ ପରିଷଦ ଏବଂ ଫେଡେରେସନ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ୍ ଅର୍ଗାନାଇଜେସନ୍ , ଓଡିଶା ଚାପ୍ଟର, ବାଣିଜ୍ୟ ମନ୍ତ୍ରଣାଳୟ, ଭାରତ ସରକାର ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ମିଳିତ ସହଯୋଗରେ ଏହା ଏକ ମିଳିତ ପଦକ୍ଷେପ। ଏହି ଅବସରରେ ମାଧବ ଚନ୍ଦ୍ର ମିଶ୍ର, କମିଶନର କାର୍ଯ୍ୟାଳୟ, କଷ୍ଟମ୍ସ (ପିଇଭି), କମିଶନରେଟ୍ ଭୁବନେଶ୍ୱର, ବିମଳେନ୍ଦୁ ରାୟ, (ଏସ୍.ଏସ୍) ଡାଇରେକ୍ଟର, ଡିଇପି ଆଣ୍ଡ ଏମ୍, ଓଡିଶା, ଆଲୋକ କୁମାର ମିଶ୍ର, ଅଞ୍ଚଳ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଭୁବନେଶ୍ୱର, କମଳ ସାହୁ, ମୁଖ୍ୟ, ଫିଓ, ଓସି, ଏମ୍‌ଓସି, ଭାରତ ସରକାର, ପ୍ରୀତି ପଟ୍ଟନାୟକ, ଆବାହକ, ଆଇଏନ୍‌ଡବ୍ଲୁସି ଏବଂ ଜେ.ବି. ପାଣି, ଅଧ୍ୟକ୍ଷ, ଆଇସିସି ଓଡିଶା ରାଜ୍ୟ ପରିଷଦ ଆଦି ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ନିଆଯାଇଥିବା ମୁଖ୍ୟ ପଦକ୍ଷେପଗୁଡିକ ଉପରେ ଗୁରୁତ୍ୱାରୋପ କରାଯାଇଥିବା ସହ ବୃହତ୍ତ ବ୍ୟବସାୟ ଇକୋସିଷ୍ଟମରେ ଅଂଶଗ୍ରହଣ ମାଧ୍ୟମରେ ବିକାଶ ଓ ଅଭିବୃଦ୍ଧି ଉପରେ ଆଲୋକପାତ କରାଯାଇଥିଲା। ଦକ୍ଷତା ବିକାଶରେ ଜନସାଧାରଣ ଓ ବେସରକାରୀ ସହଭାଗିତା, ଉଦ୍ୟୋଗୀ ଶିକ୍ଷା ଓ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ପରାମର୍ଶ ସେବା ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ମଧ୍ୟ ଏମ୍‌ଏସ୍‌ଏମ୍‌ଇ ମହିଳା ଉଦ୍ୟୋଗୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ବୃଦ୍ଧି ପାଇଁ ରିଅଲ-ଟାଇମ୍ ଇନ୍‌ଫରମେଶନ ଆସେସ୍, ଡିଜିଟାଲାଇଜେସନ୍, ରପ୍ତାନୀ କାରବାର ବିକେନ୍ଦ୍ରିକରଣର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

## ପାଟକୁରାରେ ବିଜେଡିର ପରିବାର ସଂପର୍କ ଅଭିଯାନ



ଭୁବନେଶ୍ୱର (ସବ୍ୟୁ): ଆଜି ଅପରାହ୍ନରେ ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଳାବୁଦା ଅଂଢାଳୋ ଗଜଲକ୍ଷ୍ମୀ ମଣ୍ଡପ ଠାରୁ ପରିବାର ସମ୍ପର୍କ ଅଭିଯାନ ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶ୍ରୀମତୀ କନକଲତା କଣ୍ଡ, ରାଜ୍ୟ ସାଧାରଣ ସମ୍ପାଦିକା ବିଜୁ ମହିଳା ଜନତା ଦଳଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶତାଧିକ ମହିଳା ଅଂଶଗ୍ରହଣ କରି ବିଜେଡି ସରକାରଙ୍କ ଜନବିକାଶ ଯୋଜନା ଗୁଡିକ ବିଷୟରେ ଲୋକଙ୍କୁ ସଚେତନ କରିବା ସହ ଭୋଟରଙ୍କ ଠାରୁ ମତ ସଂଗ୍ରହ କରିଥିଲେ । ଶତାଧିକ ମହିଳା ଶ୍ରୀମତୀ କଣ୍ଡଙ୍କ ସହ ଗାଁ ଗାଁ ବୁଲି ଘରେ ଘରେ ଶଙ୍ଖଚିହ୍ନ ଷ୍ଟିକର ଲଗାଇଥିଲେ ଓ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ।

## ଓସାଫିର ୫ମ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମ୍ମିଳନୀ

ଭୁବନେଶ୍ୱର,(ସବ୍ୟୁ): ସାରା ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତିକରଣର ରୂପରେଖ ବହୁ ମାତ୍ରାରେ ବେଗଶୀଳ ହେବାରେ ଲାଗିଛି । ଓଡ଼ିଶାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଅନୁବନ୍ଧିତ ମାଇକ୍ରୋ ଫାଇନାନ୍ସ ସଂସ୍ଥା , ବ୍ୟାଙ୍କ୍, ସିଡବି, ନାବାର୍ଡ, ଜାତୀୟକରଣ, ରୋଜଗାର ବୃଦ୍ଧି ପାଇଛି ଓ ସେମାନେ ବର୍ତ୍ତମାନ ସଶକ୍ତ ହୋଇଛନ୍ତି । ଓଡ଼ିଶାରେ କାର୍ଯ୍ୟରତ ଆର୍ଥିକ ଅନୁଷ୍ଠାନମାନଙ୍କ ସମୂହ ଅନୁଷ୍ଠାନ ଓସାଫି ପକ୍ଷରୁ ପଞ୍ଚମ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମ୍ମିଳନୀରେ ଏହି ତଥ୍ୟକୁ ଅନୁଷ୍ଠାନ ମୁଖ୍ୟ ନରେନ୍ଦ୍ର କରିବା ପାଇଁ ଆଲୋଚନା କରିଥିଲେ । ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ତଥା ଜଳବାୟୁ ସହନଶୀଳ ସମାଜ ଗଠନ ପାଇଁ ସମସ୍ତ ସରକାରୀ ଓ ବେସରକାରୀ ତଥା ସାମାଜିକ ଓ ଆର୍ଥିକ ବିକାଶ ଅନୁଷ୍ଠାନ ମାନଙ୍କ ମଧ୍ୟରେ ଅନୁବନ୍ଧନ ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱ




ଘରୋଇ, ତଥା ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍‌ଗୁଡ଼ିକ ବିଭିନ୍ନ ଆର୍ଥିକ ସେବାକୁ ବ୍ୟାପକ କରିଛନ୍ତି । ବିଶେଷ କରି ଅପହଞ୍ଚ ଅଞ୍ଚଳରେ କ୍ଷୁଦ୍ର ଆର୍ଥିକ ଅନୁଷ୍ଠାନ ଗୁଡ଼ିକ ଆୟ ବୃଦ୍ଧି ଋଣ ସହ କୃଷି, ଗୃହ, ଶିକ୍ଷା, ପରିମଳ, ସୌରଶକ୍ତି ଇତ୍ୟାଦି ଋଣ ମଧ୍ୟ ପ୍ରଦାନ କରୁଛନ୍ତି । ରାଜ୍ୟରେ ୭୦ ଗୋଟି ରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଆର୍ଥିକ ସେବା ପ୍ରଦାନ କାରୀ ଅନୁଷ୍ଠାନ, ବ୍ୟାଙ୍କ୍, ସ୍ମଲ ଫାଇନାନ୍ସ ବ୍ୟାଙ୍କ୍ ୪୦ ଲକ୍ଷ ମହିଳାଙ୍କ ପାଇଁ ୨୧,୮୦୦ କୋଟି ଟଙ୍କାର ଋଣର ବ୍ୟବସ୍ଥା କରିଛନ୍ତି । ଋଣ ସହାୟତା, ବିଭିନ୍ନ ଦକ୍ଷତା ବିକାଶ ତଥା ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଦ୍ୱାରା ମହିଳା ମାନଙ୍କ ନାୟକ ପ୍ରକାଶ କରିଛନ୍ତି । ଅନୁଷ୍ଠାନର ସଭାପତି ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ନାବାର୍ଡ ସିଜିଏମ ଡ. ସୁଧାଂଶୁ କେ.କେ. ମିଶ୍ର ଉଦ୍‌ଘାଟନ କରିଥିବା ବେଳେ ସିଡବି ସିଜଏମ ୱାଇ କୁମାରୀ, ଏମ୍‌ଫିନ୍ ର ମୁଖ୍ୟ ଡ. ଆଲୋକ ମିଶ୍ର , ସାଧନର ମୁଖ୍ୟ ଜି. ଜି ମେନନ୍ , ସି ୱାଇ ଏସ ଡି ର ମୁଖ୍ୟ ଜଗଦାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଅତିଥି ମାନେ ମହିଳାମାନଙ୍କ ଉଦ୍ୟୋଗ ବିକାଶ ପାଇଁ ସରକାରୀ , ବିଭିନ୍ନ ବ୍ୟାଙ୍କ୍ ଓ ଆର୍ଥିକ ଅନୁଷ୍ଠାନ ମାନଙ୍କର ବିଭିନ୍ନ ଯୋଜନା ରେ ସମସ୍ତ ଗ୍ରାମୀଣ ମହିଳା ମାନଙ୍କୁ ଅନ୍ତର୍ଭୁକ୍ତ ଆରୋପ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଜିତ ସାବତ, ଆଲୋକ ପଟ୍ଟନାୟକ , ମୋହନ ଚନ୍ଦ୍ରନ୍, ଡ. ଦେବାଶିଷ ମହାପାତ୍ର, ଅଶୋକ ରଂଜନ ସାମଲ ପ୍ରମୁଖ ଯୋଗ ଦେଇ ସମାଜର ଶେଷ ସୀମା ରେ ରହୁଥିବା ଗ୍ରାମ ଗୁଡ଼ିକରେ ଆର୍ଥିକ ସେବା ଯୋଗାଇ ଦେବାରେ ଥିବା ବିଭିନ୍ନ ସେବା, ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରିଥିଲେ । ସମ୍ମିଳନୀରେ ଓଡ଼ିଶାର ୩୦ ଗୋଟି ଜିଲ୍ଲା ରୁ ୫୦୦ ଜଣ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶେଷ ରେ ଓସାଫି ତରଫରୁ ସୁଧାଂଶୁ ଦାସ, ଆଶିଷ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ରଙ୍ଗ କାରଖାନାରେ ଅଗ୍ନିକାଣ୍ଡ ଘଟି ୧୧ ମୃତ



**ନୂଆଦିଲ୍ଲୀ:** ଗୁରୁବାର ସନ୍ଧ୍ୟାରେ ଦିଲ୍ଲୀର ଅଲ୍ଲୀପୁରରେ ଅବସ୍ଥିତ ଏକ ରଙ୍ଗ କାରଖାନାରେ ବ୍ୟାପକ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡରେ ପ୍ରାୟ ୧୧ ଜଣ ଲୋକ ଜୀବନ୍ତ ଦଗ୍ଧ ହୋଇଥିବା ସୂଚନା ରହିଛି । ଏହାବ୍ୟତୀତ ଅଗ୍ନିକାଣ୍ଡରେ ତିନି ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ମୃତ୍ୟୁବରଣ କରିଥିବା ସମସ୍ତ ବ୍ୟକ୍ତି ଗୋଟାଏ ହିଁ ରଙ୍ଗ କାରଖାନାରେ କାମ କରୁଥିଲେ । ଅଲ୍ଲୀପୁର ଏକ ଜନବହୁଳ ଅଞ୍ଚଳ ହୋଇଥିବା ବେଳେ ଏହି ରଙ୍ଗ ତିଆରି କାରଖାନାରେ ବହୁ ସଂଖ୍ୟକ ଶ୍ରମିକ କାମ କରୁଥିଲେ । ଗତକାଲି ସନ୍ଧ୍ୟା ପ୍ରାୟ ୫.୨୫ ବେଳେ ଅଚାନକ କାରଖାନାରେ ନିଆଁ ଲାଗି ସଙ୍ଗେସଙ୍ଗେ ଚାରିଆଡ଼କୁ ମାଡ଼ି ଯାଇଥିଲା । ୨୨ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ୍ତକୁ ଆଣିଥିବା ବେଳେ କୋଟି କୋଟି ଟଙ୍କାର ସମ୍ପତ୍ତି ଜଳିପୋଡ଼ି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିବା ବେଳେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୁଲିସ ।

### ସନ୍ଦେଶ ଖାଲି ଘଟଣା

# ପ.ବଙ୍ଗରେ ରାଷ୍ଟ୍ରପତି ଶାସନ ସୁପାରିଶ

**ନୂଆଦିଲ୍ଲୀ:** ପଶ୍ଚିମବଙ୍ଗର ସନ୍ଦେଶଖାଲି ଘଟଣାକୁ ନେଇ ଜାତୀୟ ଅନୁସୂଚିତ ଜାତି ଆୟୋଗ (ଏନସିଏସସି) ରାଷ୍ଟ୍ରପତିଙ୍କ ପାଖକୁ ରିପୋର୍ଟ ପଠାଇଛନ୍ତି । ଏହି ରିପୋର୍ଟରେ ପଶ୍ଚିମବଙ୍ଗ ପୁଲିସ ପ୍ରଶାସନର ଅସହଯୋଗଠାରୁ ଆରମ୍ଭ କରି ଅନୁସନ୍ଧାନରେ ଅବହେଳା ପର୍ଯ୍ୟନ୍ତ ଅନେକ ଅଭିଯୋଗ କରି ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ସୁପାରିଶ କରାଯାଇଛି । ଏନେଇ ଆୟୋଗ ପକ୍ଷରୁ କୁହାଯାଇଛି ଯେ ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ତୃଣମୂଳ କଂଗ୍ରେସ ସମର୍ଥକଙ୍କ ଦ୍ୱାରା ମହିଳାଙ୍କୁ ନିର୍ଯାତନା ଅଭିଯୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ଦାଖଲ ହୋଇଥିବା ରିପୋର୍ଟରେ ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ଆୟୋଗ ସୁପାରିଶ କରିଛନ୍ତି । ଜାତୀୟ ଅନୁସୂଚିତ ଜାତି ଆୟୋଗ(ଏନସିସି)ର ଏକ ପ୍ରତିନିଧି ଦଳ ଗୁରୁବାର ଦିନ ସନ୍ଦେଶଖାଲି ଗସ୍ତରେ ଯାଇଥିଲେ ସୂଚନା ଥାଉ କି ଯେ ସନ୍ଦେଶଖାଲି ମାମଲାରେ ତୃଣମୂଳ କଂଗ୍ରେସ ନେତା ଉତ୍ତମ ସର୍ଦ୍ଦାର ଏବଂ ଶିବପ୍ରସାଦ ହାଜରା ଅନୁସୂଚିତ ଜାତି ମହିଳା ଏବଂ ଲୋକଙ୍କ ଉପରେ ଅତ୍ୟାଚାର କରିଥିବା ଅଭିଯୋଗ ହୋଇଛି ।

ଅନୁସୂଚିତ ଜାତି ଆୟୋଗ ଦଳ ଗୁରୁବାର ଦିନ ସନ୍ଦେଶଖାଲି ଯାଇଥିଲେ । ଏହି ଅଞ୍ଚଳ ପରିଦର୍ଶନ କରିବା ପରେ ଅନୁସୂଚିତ ଜାତି ଆୟୋଗ ରାଷ୍ଟ୍ରପତିଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲେ । ଯଦିଓ ଏହି ରିପୋର୍ଟ ସାର୍ବଜନୀନ କରାଯାଇ ନାହିଁ, ଆୟୋଗର ଅଧ୍ୟକ୍ଷ ଅରୁଣ ହାଲଦର କହିଛନ୍ତି ଯେ ସେମାନେ ରାଷ୍ଟ୍ରପତିଙ୍କ ଶାସନ ପାଇଁ ସୁପାରିଶ କରିଛନ୍ତି । ଅନ୍ୟପଟେ ସନ୍ଦେଶଖାଲି ଘଟଣାକୁ ନେଇ ସୁପ୍ରିମକୋର୍ଟରେ ମଧ୍ୟ ଏକ ଆବେଦନ କରାଯାଇଛି । ଏହି ଆବେଦନରେ ସର୍ବୋଚ୍ଚ ଅଦାଲତର ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସଆଇଟି) କିମ୍ବା ସିବିଆଇ ଦ୍ୱାରା ଘଟଣାର ତଦନ୍ତ ପାଇଁ ଦାବି କରାଯାଇଛି । ଉଲ୍ଲେଖ ଥାଉ କି ଜାତୀୟ ମହିଳା ଆୟୋଗ (ଏନସିଡବ୍ଲୁ) ପଶ୍ଚିମବଙ୍ଗର



ସନ୍ଦେଶଖାଲି ଉପରେ ଏହାର ତଥ୍ୟ ଅନୁସନ୍ଧାନ ରିପୋର୍ଟରେ କହିଥିଲା ଯେ ଏହା ମହିଳାମାନଙ୍କଠାରୁ ଚିନ୍ତାଜନକ ସାକ୍ଷ୍ୟ ସଂଗ୍ରହ କରିଛି ଯାହା ପୁଲିସ ଅଧିକାରୀ ଏବଂ ଟିଏମସି ସଦସ୍ୟଙ୍କ ଦ୍ୱାରା ସେମାନଙ୍କ ବ୍ୟାପକ ଭୟ ଏବଂ ଶୃଙ୍ଖଳିତ ନିର୍ଯାତନା ଆଡ଼କୁ ଇଙ୍ଗିତ କରୁଛି ।

## ଟେଡି ବିୟର ବେଶରେ ଡ୍ରଗ୍ସ ଚାଲାଣକାରୀଙ୍କୁ ଧରିଲା ପୋଲିସ

**ନୂଆଦିଲ୍ଲୀ:** ପେରୁର ରାଜଧାନୀ ଲିମାରେ ପୁଲିସ କରିଥିବା ଏକ ଚାଉ ଚର୍ଚ୍ଚାରେ ରହିଛି । ଏହି ଚାଉରେ ପୁଲିସକୁ ଏକ ବଡ଼ ସଫଳତା ମିଳି ପାରିଛି । ସୂଚନାଯୋଗ୍ୟ, 'ପ୍ରେମଦିବସ' ଅବସରରେ ପୁଲିସ ଜଣେ ମହିଳା ଡ୍ରଗ୍ସ ଚାଲାଣକାରୀଙ୍କୁ ଧରିବା ପାଇଁ ଟେଡି ବିୟରର ସାହାଯ୍ୟ ନେଇଥିଲା । ଅର୍ଥାତ ଫେବ୍ରୁଆରି ୧୪ ତାରିଖରେ ଜଣେ ପୁଲିସ ଟେଡି ବିୟର ବେଶ ଧାରଣ କରିବା ସହିତ ହୃଦୟ ଚିହ୍ନର ଏକ ବେଲୁନ ଓ ଚକୋଲେଟ ବାକ୍ସ ଧରି ସନ୍ଦିଗ୍ଧ ଡ୍ରଗ୍ସ ଚାଲାଣକାରୀଙ୍କ ଘରେ ପହଞ୍ଚିଥିଲା ।

ମହିଳା ଚାଲାଣକାରୀ ଘର ସାମ୍ନାରେ ଏସବୁ ଦୃଶ୍ୟ ଦେଖି ପ୍ରେମିକ ହୋଇଥିବେ ଭାବି ଖୁସିରେ ବାଲକୋନୀରୁ ତଳକୁ ଓହ୍ଲାଇ ଆସିଥିଲେ । ଏହି ସମୟରେ ସେ ପୁଲିସ ବିଛାଇଥିବା ଜାଲରେ ପଡ଼ିଯାଇଥିଲେ । ପୁଲିସ କର୍ମୀ ଡ୍ରଗ୍ସ ଚାଲାଣ କରୁଥିବା ମହିଳାଙ୍କୁ ସାମ୍ନାରେ ପାଇ ସଙ୍ଗେସଙ୍ଗେ ଗିରଫ କରି ନେଇଥିଲେ । ଗିରଫ ପରେ ମହିଳାଙ୍କୁ ଜବତ କରଯାଇଥିବା ଡ୍ରଗ୍ସ ସହିତ ରାସ୍ତାରେ ବୁଲାଯାଇଥିଲା । ଧରାପଡ଼ିଥିବା ପରେ ମହିଳା ଡ୍ରଗ୍ସ ଚାଲାଣକାରୀ ଭୋଭୋ ହୋଇ କାନ୍ଦିଥିଲେ । ଏହି ସମୟରେ ଟେଡି ବିୟର ବେଶ ଧାରଣ କରିଥିବା ପୁଲିସ କର୍ମଚାରୀ ମହିଳାଙ୍କୁ ଶାନ୍ତ୍ୱନା ଦେଉଥିବା ବି ଦେଖିବାକୁ ମିଳିଥିଲା । ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି ।

## ନିର୍ବାଚନୀ ବଣ୍ଡକୁ ନେଇ ଅଡୁଆରେ ସରକାର

**ନୂଆଦିଲ୍ଲୀ:** ସୁପ୍ରିମକୋର୍ଟ ଗତକାଲି ନିର୍ବାଚନ ବଣ୍ଡକୁ ଅସମ୍ବିଧାନିକ ଘୋଷଣା କରିବାସହ ଏହା ନାଗରିକଙ୍କ ସୂଚନା ଅଧିକାରକୁ ଉଲ୍ଲଂଘନ କରିଛି ବୋଲି କହିଥିଲେ । ମାତ୍ର ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଇଲେକ୍ଟ୍ରୋଲ ବଣ୍ଡକୁ ବନ୍ଦ ନେଇ କୌଣସି ଅଧ୍ୟାଦେଶ ଜାରି କରାଗଲା ନାହିଁ । ସରକାର ଗଳାବାଟ ଖୋଜିଥିବା ନେଇ ଆଲୋଚନା ହେଉଛି । ସରକାରଙ୍କ ପକ୍ଷରୁ କହାଯାଇଛି ଯେ ସେମାନେ ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ଅନୁଧ୍ୟାନ କରୁଛନ୍ତି । ବର୍ତ୍ତମାନ ଆମେ ଏହାଉପରେ ବିଚାର କରୁଛୁ । ଦେଶର ସର୍ବୋଚ୍ଚ ଅଦାଲତର ନିଷ୍ପତ୍ତିକୁ ଉଲ୍ଲଂଘନ କରିବା ପାଇଁ ଯୋଜନା ହେଉଥିବା ସୂଚାନ ମିଳୁଛି ।



ଅତୀତରେ ନିର୍ବାଚନ କମିଶନଙ୍କର ନିଯୁକ୍ତି ନେଇ ସୁପ୍ରିମକୋର୍ଟ ଏକ କମିଟି ଗଠନ ଲାଗି ନିର୍ଦ୍ଦେଶ ଦେଇଥଲେ । ମାତ୍ର ସରକାର ତାହାକୁ ଆଗ୍ରହ କରି ସଂସଦରେ ଏକ ବିଲ୍ ପାରିତ କରିଥିଲେ । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କଳାଟଙ୍କା ଫେରିବା ନେଇ ସରକାର ଚିନ୍ତିତ ଅଛନ୍ତି । ଏବେ କିଏ ଚାନ୍ଦା ଦେଇଛନ୍ତି ତାଙ୍କ ନାଁ ସାର୍ବଜନୀନ କରିବା ଲାଗି କୋର୍ଟ କହିଛନ୍ତି । ଯାହା ବ୍ୟାଙ୍କ ଆଇନର ବିରୁଦ୍ଧାଆଚରଣ କରୁଛି । ସେହିଭଳି ନିର୍ବାଚନୀ ବଣ୍ଡ ଯୋଜନା ଚାନ୍ଦା ଦେବା ଲୋକଙ୍କ ପାଇଁ ସୁବିଧା ଥିଲା । ବିଜେପି ନେତା ରବିଶଙ୍କର ଯାଦବ କହିଛନ୍ତି ଯେ ନିର୍ବାଚନକୁ ସ୍ୱଚ୍ଛ କରିବା ପାଇଁ ଏହି ବଣ୍ଡ ବ୍ୟବସ୍ଥା ଏକ ସ୍ୱଚ୍ଛ ପ୍ରକ୍ରିୟା ଥିଲା । ତେବେ ସେମାନେ କୋର୍ଟ ରାୟକୁ ସମ୍ମାନ ଦେବେ ।




## ରାହୁଲଙ୍କ ସାରଥୀ ସାଜିଲେ ତେଜସ୍ୱୀ

**ନୂଆଦିଲ୍ଲୀ:** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡୋ ନ୍ୟାୟ ଯାତ୍ରା' ବର୍ତ୍ତମାନ ବିହାରର ସାସାରାମରେ ପହଞ୍ଚିଛି । ସାସାରାମରେ ଚାଲିଥିବା 'ଭାରତ ଯୋଡ଼ୋ ନ୍ୟାସ ଯାତ୍ରା' ସମୟରେ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଆରଜେଡି ନେତା ତେଜସ୍ୱୀ ଯାଦବ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ସହ ଏହି ଯାତ୍ରାରେ ଯୋଗ ଦେଇଥିଲେ । ଏହି ସମୟ ମଧ୍ୟରେ ତେଜସ୍ୱୀ ଯାଦବଙ୍କୁ ରାହୁଲ ଗାନ୍ଧୀଙ୍କ 'ସାରଥୀ' ରୂପେ ଦେଖିବାକୁ ମିଳିଛି । ଭାଇରାଲ୍ ହୋଇଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି ଯେ ତେଜସ୍ୱୀ ଯାଦବ କାର ଚଳାଉଥିଲେ ଏବଂ ରାହୁଲ ଗାନ୍ଧୀ ତାଙ୍କ ପାଖ ସିଟରେ ବସିଛନ୍ତି । ରାହୁଲ ଗାନ୍ଧୀ ସାସାରାମରେ ଥିବା 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ସମୟରେ ଚାଷୀଙ୍କ ସହ କଥାବାର୍ତ୍ତା କରିଥିଲେ । କୃଷକମାନେ ଆଜି ଭରତ ବନ୍ଦ ପାଇଁ ଆହ୍ୱାନ ଦେଇଛନ୍ତି ।

## ସୋନିଆଙ୍କ ସମ୍ପତ୍ତିର ମୂଲ୍ୟ ୧୨.୮୩ କୋଟି

**ନୂଆଦିଲ୍ଲୀ:** କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ରାଜସ୍ଥାନରୁ ରାଜ୍ୟସଭା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏହି ସମୟରେ ସେ ତାଙ୍କର ମୋଟ ସମ୍ପତ୍ତି ୧୨.୮୩ କୋଟି ଟଙ୍କା ଘୋଷଣା କରିଛନ୍ତି । ନିର୍ବାଚନ ସତ୍ୟପାଠ ଅନୁଯାୟୀ, ସୋନିଆ ଗାନ୍ଧୀଙ୍କ ଇଟାଲୀରେ ତାଙ୍କ ପିତାଙ୍କ ସମ୍ପତ୍ତିରେ ୨୭ ଲକ୍ଷ ଟଙ୍କା ମୂଲ୍ୟର ସେୟାର ଅଛି । ଏହା ବ୍ୟତୀତ ତାଙ୍କ ପାଖରେ ୮୮ କିଲୋଗ୍ରାମ ରୂପା, ୧୨୬୭ ଗ୍ରାମ ସୁନା ଏବଂ ଅଳଙ୍କାର ଅଛି  ନୂଆଦିଲ୍ଲୀର ଡେରା ମାଣ୍ଡି ଗ୍ରାମରେ ସୋନିଆ ଗାନ୍ଧୀଙ୍କ ଚାଷ ଜମି ଅଛିଛ ଏହି ଆଫିଡେଭଟରେ ସେ ତାଙ୍କ ଆୟର ଉତ୍ସ ଭାବେ ସାଂସଦ ଦରମା, ରୟାଲଟି ଆୟ, ପୁଞ୍ଜି ଲାଭ ବୋଲି ଦର୍ଶାଇଛନ୍ତି ।

## ପ୍ରିୟଙ୍କା ଗାନ୍ଧୀ ଅସୁସ୍ଥ

**ନୂଆଦିଲ୍ଲୀ:** କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଉତ୍ତରପ୍ରଦେଶର ଚାନ୍ଦୁନିରେ ରାହୁଲ ଗାନ୍ଧୀଙ୍କ ଦ୍ୱାରା ହେଉଥିବା ଭାରତ ଯୋଡ ନ୍ୟାୟ ଯାତ୍ରାରେ ସେ ସାମିଲ ନହୋଇବା ନେଇ ସମ୍ଭାବନା ଦେଖାଦେଇଛି । ପରେ ସେ ଉତ୍ତରପ୍ରଦେଶରେ ଏହି ଯାତ୍ରାରେ ସାମିଲ ହେବେ । ସେ ରାହୁଲ ଗାନ୍ଧୀଙ୍କୁ ଯାତ୍ରାର ସଫଳତା କାମାନ କରି ଶୁଭେଚ୍ଛା ଜଣାଇଛନ୍ତି । ଅନ୍ୟ କଂଗ୍ରେସ ନେତାମାନେ ଏହି ଯାତ୍ରାରେ ସାମିଲ ହେବେ ସେ ସୁସ୍ଥ ହେଲାପରେ ଯାତ୍ରାରେ ସାମିଲ ହୋଇପାରନ୍ତି । ପୂର୍ବତନ କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ମଣିପୁରରୁ ମୁମ୍ବାଇ ଭାରତ ନ୍ୟାୟ ଯୋଡାଯାତ୍ରା ଆରମ୍ଭ ହୋଇଛି । ଏହି ଯାତ୍ରା ଏବେ ବିହାରରେ ଅତିକ୍ରମ କରୁଛି । ଶୁକ୍ରବାର ସନ୍ଧ୍ୟାରେ ଏହା ବିହାରରେ ପ୍ରବେଶ କରିବ । ଉତ୍ତରପ୍ରାଦଶରେ ସର୍ବାଧିକ ଲୋକସଭା ଆସନ ପେବୃଆରୀ ୧୬ରୁ ୨୧ ଓ ପୁଣି ଫେବୃଆରୀ ୨୪ ଓ ୨୫ ଚାଲିବ ।

## ସଂଖ୍ୟାଗରିଷ୍ଠତା ଥାଇବି ଆସ୍ଥା ପ୍ରସ୍ତାବ ଆଣିଲେ କେଜରିୱାଲ

**ନୂଆଦିଲ୍ଲୀ:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ନିଜ ଆଡୁ ଆସ୍ଥା ଭୋଟର ସମ୍ମୁଖୀନ ହେବେ ବୋଲି ଗୋଟିଏ ପ୍ରସ୍ତାବ ଆଣିଛନ୍ତି । ତାଙ୍କ ଦଳ ଆପ ପାଖରେ ୬୨ ଜଣ ବିଧାୟକ ଥିଲେ ମଧ୍ୟ ସେ ଆସ୍ଥା ପ୍ରସ୍ତାବ ଆଗତ କରିଛନ୍ତି । ଦିଲ୍ଲୀ ବିଧାନସଭାରେ ମୋଟ ଆସନ ସଂଖ୍ୟାର ହେଉଛି ୭୦ । ଏହା ମଧ୍ୟରୁ ଆପ୍ ୬୨ଟିରେ ଜିତିଥିଲା । ସାଧାରଣତଃ ବିରୋଧୀ କୌଣସି ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣନ୍ତି । ଏପରି ସ୍ଥିତିରେ ସରକାର ବିଧାନସଭା କିମ୍ବା ସଂସଦରେ ଅନାସ୍ଥା ଭୋଟର ସମ୍ମୁଖୀନ ହୁଅନ୍ତି । ସରକାରଙ୍କ ସପକ୍ଷରେ କେତେ ଜଣ ସଦସ୍ୟ ରହିଛନ୍ତି, ସେକଥା ଅନାସ୍ଥା ଭୋଟ ପରେ ସ୍ପଷ୍ଟ ହୋଇଥାଏ । ହେଲେ କେଜରିୱାଲ ନିଜ ଆଡୁ ହିଁ ଆସ୍ଥା ଭୋଟର ସମ୍ମୁଖୀନ ହେବ ବୋଲି ପ୍ରସ୍ତାବ ଆଗତ କରିଛନ୍ତି । ଆସ୍ଥା ପ୍ରସ୍ତାବ ଆଗତ କରି କେଜରିୱାଲ କହିଛନ୍ତି ଯେ ଆପର କୌଣସି ବିଧାୟକ ଦଳରୁ ଅଲଗା ହୋଇ ନଥିବା ସେ ଲୋକଙ୍କୁ ଦେଖାଇବାକୁ ଚାହୁଁଛନ୍ତି । ବିଧାନସଭାରେ କେଜରିୱାଲ ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି । ସେ କହିଛନ୍ତି, ଆପଣମାନେ ସମସ୍ତେ ଦେଖିପାରୁଥିବେ ଯେ ଦଳଗୁଡ଼ିକୁ ଭଙ୍ଗା ଯାଉଛି । ମିଥ୍ୟା କେସ୍ ସବୁ କିଛି ଅନ୍ୟ ରାଜ୍ୟରେ ସରକାରକୁ ଭାଙ୍ଗି ଦିଆଯାଉଛି ।



ଦିଲ୍ଲୀରେ ସେମାନେ ଆପ ନେତାମାନଙ୍କୁ ଗୋଟିଏ ଅବକାରୀ ନୀତି ମାମଲାରେ ଗିରଫ କରିବାକୁ ଉଦ୍ୟମ ଜାରି ରଖିଛନ୍ତି । ବିଜେପି ଦିଲ୍ଲୀ ସରକାରକୁ ଭାଙ୍ଗିବାକୁ ଚାହୁଁଛି । କାରଣ ସେମାନେ ଭଲ ଭାବେ ଜାଣିଛନ୍ତି ଯେ ଦିଲ୍ଲୀରେ ସେମାନେ କେବେ ବି ନିର୍ବାଚନ ଜିତି ପାରିବେ ନାହିଁ । ଆପର କୌଣସି ବିଧାୟକ ବିଦ୍ରୋହ ଘୋଷଣା କରି ନଥିବା ଆମେ ଲୋକଙ୍କୁ ଦେଖାଇବାକୁ ଚାହୁଁଛୁ । ସେମାନେ ସମସ୍ତେ ଏକାଠି ରହିଛନ୍ତି । ତେଣୁ ମୁଁ ଗୃହରେ ଆସ୍ଥା ପ୍ରସ୍ତାବ ଆଗତ କରୁଛି । କେଜରିୱାଲ ଆଣିଥିବା ଆସ୍ଥା ପ୍ରସ୍ତାବ ଉପରେ ଆସନ୍ତାକାଲି ଦିଲ୍ଲୀ ବିଧାନସଭାରେ ଆଲୋଚନା ହେବ ।

କିଛି ସପ୍ତାହ ତଳେ କେଜରିୱାଲ ଅଭିଯୋଗ କରିଥିଲେ ଯେ ବିଜେପି ପକ୍ଷରୁ ଆପର କିଛି ବିଧାୟକଙ୍କୁ ଟଙ୍କା ଦେଇ କିଣିବାକୁ ଚେଷ୍ଟା କରାଯାଉଛି । ଆପ୍ ବିଧାୟକଙ୍କୁ ଟଙ୍କା ଦେଇ ବିଜେପି ଦିଲ୍ଲୀ ସରକାରକୁ ଭାଙ୍ଗିବାକୁ ଚେଷ୍ଟା କରୁଥିବା କେଜରିୱାଲ ଅଭିଯୋଗ କରିଥିଲେ । କେଜରିୱାଲ ଅଭିଯୋଗ କରିବା ପରେ ଦିଲ୍ଲୀ ପୁଲିସ୍ ନିଜ ଆଡୁ ଘୋଡ଼ା ବେପାରର ତଦନ୍ତ ଆରମ୍ଭ କରି ଦେଇଛି । ପୁଲିସ୍ ପକ୍ଷରୁ କେଜରିୱାଲଙ୍କୁ ନୋଟିସ ମଧ୍ୟ କରାଯାଇଛି । ଏସବୁ ଭିତରେ କେଜରିୱାଲ ଆସ୍ଥା ପ୍ରସ୍ତାବ ଆଣିଛନ୍ତି ।

## ପ୍ରାକୃତିକ ବିପର୍ଯ୍ୟୟର ପୂର୍ବାନୁମାନ କରିବ 'ନଟି ବଏ'

**ଶ୍ରୀହରିକୋଟା:** ଚନ୍ଦ୍ରଯାନ-୩ ଏବଂ ଆଦିତ୍ୟ ଏଲ-୧ ପରେ ଆଉ ଏକ ମିଶନ ପାଇଁ ପ୍ରସ୍ତୁତ ହେଉଛି ଇସ୍ରୋ । ଶନିବାର ଇସ୍ରୋ ପାଣିପାଗ ଉପଗ୍ରହ ଇନ୍‌ଷ୍ଟାଟ୍-୩ ଡିଏସ୍ ଉତକ୍ଷେପଣ କରିବ । ଏହି ସାଟେଲାଇଟକୁ ସ୍ପେଶ୍ ଏଜେନ୍ସିର 'ନଟି ବଏ' (ନଟିବଏ) ବୋଲି କୁହାଯାଏ । ଇସ୍ରୋର ଜଣେ ପୂର୍ବତନ ଅଧ୍ୟକ୍ଷ ସାଟେଲାଇଟକୁ ନଟି ବଏ ବୋଲି କହିଥିଲେ । ବାସ୍ତବରେ, ଏହି ରକେଟ୍ ଏପର୍ଯ୍ୟନ୍ତ ୧୫ଟି ଲଞ୍ଚରେ ଭାଗ ନେଇଛି, କିନ୍ତୁ ୬ ଥର ସଠିକ୍ ଫଳାଫଳ ଦେଇନାହିଁ । ଅର୍ଥାତ୍ ଏହାର ବିଫଳତା ହାର ୪୦ ପ୍ରତିଶତ । ଶେଷ ଥର ପାଇଁ ଜିଏସ୍ଏଲ୍ଭି ୨୯ ମଇ ୨୦୨୩ରେ ଉତକ୍ଷେପଣ ହୋଇଥିଲା, ଯାହା ସଫଳ ହୋଇଥିଲା । କିନ୍ତୁ ପୂର୍ବ ଲଞ୍ଚ ଅଗଷ୍ଟ ୧୨, ୨୦୨୧ରେ ବିଫଳ ହୋଇଥିଲା । ଆସନ୍ତାକାଲି ଇସ୍ରୋ ଏହାର ଏକ ନୂଆ ଭର୍ସନ ଲଞ୍ଚ କରିବ । ଜିଓସିଙ୍କ୍ରୋନସ୍ ସାଟେଲାଇଟ୍ ଲଞ୍ଚ ଭେଇକିଲ୍ (ଜିଏସ୍ଏଲ୍ଭି) ମାଧ୍ୟମରେ ଏନ୍‌ଷ୍ଟାଅର୍ଟ-୩ଡିଏସ୍ ମହାକାଶକୁ ଉତକ୍ଷେପଣ



ହେବ । ଶନିବାର ସନ୍ଧ୍ୟାର ୫.୩୫ ସମୟରେ ଆନ୍ଧ୍ରପ୍ରଦେଶର ଶ୍ରୀହାରିକୋଟା ଶତୀଶ ଧାଓ୍ୱନ ସ୍ପେଶ୍ ସେଣ୍ଟରରୁ ଉତକ୍ଷେପଣ ହେବ 'ନଟି ବଏ' । ପାଣିପାଗ ଉପଗ୍ରହ ଇନଷ୍ଟାର୍ଟ-୩ ଡିଏସ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । କାରଣ ଇନ୍‌ଷ୍ଟାର୍ଟ-୩ଡିଏସ୍ ହେଉଛି ଇସ୍ରୋ ଜିଓଷ୍ଟେସନାରୀ କକ୍ଷପଥରେ ସ୍ଥାନିତ ହେବାକୁ ଥିବା ପାଣିପାଗ ଉପଗ୍ରହ ତୃତୀୟ ପିଢିର ନୂଆ ମିଶନ୍ । ଇସ୍ରୋର କହିବା ଅନୁଯାୟୀ, ଜିଓଷ୍ଟେସନାରୀ କକ୍ଷପଥରେ ପହଞ୍ଚିବା ପରେ ଏହି ଉପଗ୍ରହ ସହଜରେ ପାଣିପାଗ ସମ୍ବନ୍ଧୀୟ ସୂଚନା ଦେବା ସହ ପାଣିପାଗ ବାବଦରେ ପୂର୍ବାନୁମାନ କରିପାରିବ । ଏଥିସହ ଯଦି ଆଗକୁ ପ୍ରାକୃତିକ ବିପର୍ଯ୍ୟୟ ହେବାର ଆଶଙ୍କା ଥାଏ, ତେବେ ଏହି ସାଟେଲାଇଟ୍ ମାଧ୍ୟମରେ ପୂର୍ବ ସୂଚନା ମିଳିପାରିବ । ଏହା ମାଧ୍ୟମରେ ଭାରତୀୟ ପାଣିପାଗ ବିଭାଗ ସଠିକ୍ ସୂଚନା ପାଇବାରେ ଆହୁରି ସକ୍ଷମ ହେବ । ବିଶେଷ କରି ସ୍ଥଳ ଭାଗ ଏବଂ ଜଳ ଭାଗ ଉପରେ ନଜର ରଖିବା ପାଇଁ ଇସ୍ରୋ ଏହାକୁ ଡିଜାଇନ୍ କରିଛି । ଇସ୍ରୋ କହିଛି ଯେ, ଏହି ଉପଗ୍ରହଟି ଅତ୍ୟନ୍ତ ସ୍ୱତନ୍ତ୍ର, ଭାରତ ପାଇଁ ଏହା ନିହାତି ଆବଶ୍ୟକୀୟ । ଏହା ପାଣିପାଗ ଏବଂ ଜଳବାୟୁ ପରିବର୍ତ୍ତନ ବାବଦରେ ଜାଣିବାରେ ସାହାଯ୍ୟ କରିବ । ଏହି ଉପଗ୍ରହର ଓଜନ ୨,୨୭୪ କିଲୋଗ୍ରାମ ଏବଂ ଏହା ପ୍ରାୟ ୪୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । ଏହି ସାଟେଲାଇଟର ନିର୍ମାଣ ପାଇଁ ଭାରତ ସରକାରଙ୍କ ଆର୍ଥ ସାଇନ୍ସ ମନ୍ତ୍ରଣାଳୟ ଆର୍ଥିକ ଅନୁଦାନ ଦେଇଛି ।

## ଅଯୋଧ୍ୟାରେ ଖାଲି ପାଦରେ ବୁଲିଲେ ପାକିସ୍ତାନୀ ଭକ୍ତ

**ନୂଆଦିଲ୍ଲୀ:** ଅଯୋଧ୍ୟା ରାମମନ୍ଦିରରେ ରାମଲଲ୍ଲାଙ୍କ ପ୍ରାଣପ୍ରତିଷ୍ଠା ପରେ ସମଗ୍ର ଦୁନିଆରୁ ଲୋକେ ଏଠାକୁ ଦର୍ଶନ ପାଇଁ ଆସୁଛନ୍ତି । ଏହି କ୍ରମରେ ପାକିସ୍ତାନର ବିନୟ କପୁର ବି ଅଯୋଧ୍ୟା ରାମ ମନ୍ଦିରର ଦର୍ଶନ କରିଛନ୍ତି । ବିନୟ ପେସାରେ ଜଣେ ବ୍ଲଗର ବୋଲି ଜଣାପଡ଼ିଛି । ନିକଟରେ ସେ ନିଜ ୟୁଟ୍ୟୁବରେ ଏକ ଭିଡିଓ ପୋଷ୍ଟ କରିଛନ୍ତି । ଏହି ଭିଡିଓରେ ବିନୟ କହୁଛନ୍ତି, 'ଅଯୋଧ୍ୟା ପହଞ୍ଚିବା ପରେ ମନକୁ ଶାନ୍ତି ମିଳିଥିଲା । ଅଯୋଧ୍ୟା ଗଳିମାନଙ୍କରେ ମାଖନ ମିଶ୍ରି ଖାଇଖାଇ ଖାଲିପାଦରେ ବୁଲିବା ସମୟର ଅନୁଭୂତି ଖୁବ ନିଆରା ଥିଲା । ଏସମୟରେ ଖୁବ ଖୁସି ଲାଗୁଥିଲା ନିଜକୁ ଭାଗ୍ୟବାନ ମନେ କରୁଥିଲି । ଅଯୋଧ୍ୟାରେ ପହଞ୍ଚି ରାମନ୍ଦିର ଦର୍ଶନ ପରେ ସ୍ୱପ୍ନ ପୂରା ହେଲା ଭଳି ଲାଗୁଥିଲା । ରାମମନ୍ଦିର ଦର୍ଶନ ମୋ ପାଇଁ ସ୍ମୃତି ହୋଇ ରହିଯିବ । ଦର୍ଶନ ସମୟରେ ମୁଁ ଯାହାକିଛି ଅନୁଭବ କରିଛି ତାହାକୁ ଶବ୍ଦରେ ବଖାଣି ପାରିବି ନାହିଁ । ଏଥିସହିତ ବିନୟ ରାମମନ୍ଦିରରେ ରାମଲଲ୍ଲାଙ୍କ ଦର୍ଶନ ପୂର୍ବରୁ ଭକ୍ତଙ୍କ ପାଇଁ ତିଆରି ହୋଇଥିବା ଲକରର ଖୁବ ପ୍ରଶଂସା କରିବା ସହିତ କହିଛନ୍ତି, 'ଅଯୋଧ୍ୟାରେ ସୁରକ୍ଷା ବ୍ୟବସ୍ଥା ପ୍ରଶଂସନୀୟ ।



ଏଠାରେ ସିମେଣ୍ଟର ବ୍ୟବହାର କରା ନଯାଇ ରାଜସ୍ଥାନରୁ ଆସିଥିବା ପଥରରେ ମନ୍ଦିର ତିଆରି କରାଯାଇଛି । ସ୍ୱତନ୍ତ୍ର କଥାଟି ହେଉଛି ରାମମନ୍ଦିରର ସ୍ଥାନେସ୍ଥାନେ ମାଙ୍କଡ଼ ଦେଖିବାକୁ ମିଳୁଛନ୍ତି । ଯେଉଁମାନଙ୍କ ପାଇଁ ଶ୍ରଦ୍ଧାଳୁ ବିଭିନ୍ନ ପ୍ରକାର ଖାଦ୍ୟ ନେଇ ଆସୁଛନ୍ତି । ଅଯୋଧ୍ୟାରେ ଦ୍ରୁତଗତିରେ ଚାରିଆଡେ ନିର୍ମାଣକାର୍ଯ୍ୟ ଚାଲିଛି । ଅନେକ ସ୍ଥାନରେ ନବୀକରଣ ବି ହେଉଛି । ଆଗାମୀ ଦିନରେ ଅଯୋଧ୍ୟାର ରୂପ ସମ୍ପୂର୍ଣ୍ଣ ଭାବେ ବଦଳି ଯିବ । ଏଠାରେ ସବୁବେଳେ ଭକ୍ତଙ୍କ ଗହଳି ଲାଗି ରହିଥିବ । ଯାହାକି ଅଯୋଧ୍ୟାରେ ଶୋଭା ବୃଦ୍ଧି କରିବ ।

# ରାଜ୍ୟରେ ପ୍ରତିଷ୍ଠା ହେବ ୪୧ କ୍ରିକେଟ୍ ଏକାଡେମୀ

## ଚଳିତ ମାସ ଶେଷ ସପ୍ତାହରେ ଶିଳାନ୍ୟାସ



କଟକ,୧୬।୨(ସବ୍ୟୁ): ଓଡ଼ିଶା କ୍ରିକେଟ୍ ଅଧୋଗତିକୁ ସୁଧାରିବା ପାଇଁ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ପକ୍ଷରୁ ଏକ ବୃହତ୍ତର ଯୋଜନା ହାତକୁ ନିଆଯାଇଛି । ଓସିଏର ପୂର୍ବ ନିଷ୍ପତ୍ତି ମୁତାବକ, ରାଜ୍ୟରେ କ୍ରିକେଟ୍ ପ୍ରତିଭାମାନଙ୍କୁ ଅନ୍ୱେଷଣ କରି ସେମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଏକକାଳୀନ ୪୧ଟି କ୍ରିକେଟ୍ ଏକାଡେମି ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ପ୍ରତି ଜିଲ୍ଲାରେ ଗୋଟିଏ କ୍ରିକେଟ୍ ଏକାଡେମି ପ୍ରତିଷ୍ଠା କରାଯିବା ସହିତ ବଡ଼ ସହର ଯଥା, କଟକ, ଭୁବନେଶ୍ୱର, ରାଉରକେଲା, ସମ୍ବଲପୁରରେ ଏକାଧିକ କ୍ରିକେଟ୍ ଏକାଡେମି ଆରମ୍ଭ କରାଯିବାକୁ ଯୋଜନା ରହିଛି । ଫେବୃଆରୀ ଶେଷ ସପ୍ତାହରେ ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି କ୍ରିକେଟ୍ ଏକାଡେମି ଗୁଡ଼ିକର ଶିଳାନ୍ୟାସ କରିବାର ଯୋଜନା ହୋଇଛି । ଓସିଏ ସମ୍ପାଦକ ସଂଜୟ ବେହେରାଙ୍କ ସୂଚନା ଅନୁସାରେ, ପ୍ରତି କ୍ରିକେଟ୍ ଏକାଡେମିରେ ପ୍ରାୟ ୧୦ରୁ ୧୫ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏହି ଏକାଡେମିଗୁଡ଼ିକରେ ଓସିଏ ପକ୍ଷରୁ ପ୍ରଶିକ୍ଷକ ନିଯୁକ୍ତ କରାଯିବ । ଏଥି ସହିତ ସମସ୍ତ ଜିଲ୍ଲାରେ କ୍ରିକେଟ୍ ପିଚ୍ ଗୁଡ଼ିକର ବିକାଶ କରାଯିବ । କ୍ରିକେଟ୍ ପାଇଁ ବିସିସିଆଇ ଓ ରାଜ୍ୟ ସରକାରଙ୍କ ସହଯୋଗରେ ଏଭଳି ବୃହତ ଯୋଜନା ହାତକୁ ନିଆଯାଇଛି । ରାଜ୍ୟରେ ଏକକାଳୀନ ଏତେ ସଂଖ୍ୟକ କ୍ରିକେଟ୍ ଏକାଡେମି ପ୍ରତିଷ୍ଠା କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହେବ । ଆଗାମୀ ଦିନରେ ଏହି ଏକାଡେମି କ୍ରିକେଟ୍ ପ୍ରତିଭା ବିକାଶରେ ସହାୟକ ହେବ ବୋଲି ସଂଜୟ କହିଛନ୍ତି । ଓସିଏର ଭିଜନ୍-୨୦୨୪ରେ କ୍ରିକେଟ୍‌ର ବିକାଶ ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି । ଏଥିପାଇଁ ୨୦୨୧ ଜୁଲାଇ ୨୦ ତାରିଖରେ ୧୫ ଜିଲ୍ଲା ଏକାଡେମି ନିର୍ମାଣ ପାଇଁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି । ପ୍ରଥମ ପର୍ଯ୍ୟାୟରେ ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗୀର, ସୋନପୁର, ନୂଆପଡ଼ା, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ଓ ଗଜପତିରେ ଏହି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା ।

# ୩ୟ ଟେଷ୍ଟ:୨୩୮ ରନ୍ ପଛରେ ଇଂଲଣ୍ଡ

ରାଜକୋଟ, ୧୬।୨ (ଏଜେନ୍ସି): ଗୁଜରାଟର ରାଜକୋଟସ୍ଥିତ ସେରାଷ୍ଟ୍ର କ୍ରିକେଟ୍ ଆସୋସିଏସ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ୩ୟ ଟେଷ୍ଟର ଦ୍ୱିତୀୟ ଦିନ ଶୁକ୍ରବାର ଖେଳ ଶେଷସୁଦ୍ଧା ଇଂଲଣ୍ଡ ୨ ୱିକେଟ ହରାଇ ୨୦୭ ରନ୍ ସଂଗ୍ରହ କରିଛି । ଫଳରେ ଅତିଥି ଟିମ୍ ଘରୋଇ ଟିମ୍ ଠାରୁ ୨୩୮ ରନ୍ ପଛରେ ରହିଛି । ଇଂଲଣ୍ଡର ପାଳି ଆରମ୍ଭ କରିଥିଲେ ଜାକ୍ କ୍ରାଉଲି ଓ ବେନ୍ ଡକେଟ୍ । ବ୍ୟକ୍ତିଗତ ଭାବେ କ୍ରାଉଲି ୧୫ ରନ୍ କରି ଆଉଟ୍ ହୋଇଥିଲେ । ଓଲି ପୋପ୍ ୫ଟି ଚେକା ଓ ଗୋଟିଏ ଛକା ସହାୟତାରେ ୩୯ ରନ୍ କରିଥିଲେ । ଆଜିର ଖେଳ ଶେଷ ସୁଦ୍ଧା ବେନ୍ ଡକେଟ୍ ୧୩୩ ରନ୍ ଓ ଜୋଏ ରୁଟ୍ ୯ ରନ୍ ସହିତ ଅପରାଜିତ ଅଛନ୍ତି । ରବଚିନ୍ଦ୍ରନ ଅଶ୍ୱିନ ଆଜି ଐତିହାସିକ ରେକର୍ଡ ହାସଲ କରିଥିଲେ। ସେ ଭାରତର ଦ୍ରୁତତମ ବୋଲର ଭାବେ ଟେଷ୍ଟ କ୍ରିକେଟରେ ୫୦୦ ୱିକେଟ ହାସଲ କରିଥିଲେ । ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ଜ୍ୟାକ କ୍ରାଉଲିଙ୍କୁ ଆଉଟ କରି ଅଶ୍ୱିନ ନିଜ ନାଁକୁ ୫୦୦ ୱିକେଟ କ୍ଲବରେ ସାମିଲ କରିଥିଲେ । ପ୍ରଥମ ଦିନ ଗୁରୁବାର ଭାରତ ୫ ୱିକେଟରେ ୩୨୬ ରନ କରି ନିଜର ସ୍ଥିତି ସୁଦୃଢ଼ କରିଥିଲା । ଭାରତ ପକ୍ଷରୁ ଅଧିନାୟକ ରୋହିତ ଶର୍ମା ଓ ଅଲରାଉଣ୍ଡ ରବୀନ୍ଦ୍ର ଜାଡ଼େଜାଙ୍କ ବ୍ୟାଟରୁ ଦୁଇଟି ଆକର୍ଷଣୀୟ ଶତକ ଦେଖିବାକୁ ମିଳିଥିଲା । ଭାରତୀୟ ଟିମ୍ ପ୍ରଥମ ପାଳିରେ ସମସ୍ତ ୱିକେଟ୍ ହରାଇ ୪୪୫ ରନ୍ କରିଥିଲା ।



## ରବିଚନ୍ଦ୍ରନ ହାସଲ କଲେ ୫୦୦ତମ ଟେଷ୍ଟ ୱିକେଟ୍



ଭାରତୀୟ କ୍ରିକେଟ୍ ଟିମ୍‌ର ସ୍ପିନର ରବଚିନ୍ଦ୍ରନ ଅଶ୍ୱିନ ଆଜି ଗୁଜରାଟର ରାଜକୋଟସ୍ଥିତ ସେରାଷ୍ଟ୍ର କ୍ରିକେଟ୍ ଆସୋସିଏସ୍ ଷ୍ଟାଡିୟମ୍ରେ ଐତିହାସିକ ରେକର୍ଡ ହାସଲ କରିଛନ୍ତି । ସେ ଭାରତର ଦ୍ରୁତତମ ବୋଲର ଭାବେ ଟେଷ୍ଟ କ୍ରିକେଟରେ ୫୦୦ ୱିକେଟ ହାସଲ କରିଛନ୍ତି । ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ଜ୍ୟାକ କ୍ରାଉଲିଙ୍କୁ ଆଉଟ କରି ଅଶ୍ୱିନ ନିଜ ନାଁକୁ ୫୦୦ ୱିକେଟ କ୍ଲବରେ ସାମିଲ କରିଛନ୍ତି । ୫୦୦ ୱିକେଟ କୀର୍ତ୍ତିମାନ ହାସଲ କରିବାକୁ ଅଶ୍ୱିନ ମାତ୍ର ଗୋଟିଏ ୱିକେଟ ପଛରେ ଥିଲେ । ଏହା ପୂର୍ବରୁ ତାଙ୍କ ୱିକେଟ ସଂଖ୍ୟା ୪୯୯ ଥିଲା । ୫୦୦ ୱିକେଟ ଦଖଲ କରିବାର ସ୍ୱପ୍ନ ସେ ଆଜି ପୂରଣ କରିଛନ୍ତି । ପୂର୍ବରୁ ଏହି ରେକର୍ଡ କିମ୍ବଦନ୍ତୀ ସ୍ପିନର ଅନିଲ କୁମ୍ବଲେଙ୍କ ନାଁରେ ଥିଲା । ରବିଚନ୍ଦ୍ରନ ଅଶ୍ୱିନ ୨୦୧୧ରେ ଟେଷ୍ଟରେ ପଦାର୍ପଣ କରି ନିୟମିତ ଭାବେ ନିଜର ଶାଣିତ ବୋଲିଂ ମାଧ୍ୟମରେ ସମସ୍ତଙ୍କୁ ପ୍ରଭାବିତ କରି ଆସିଛନ୍ତି । ଚେନ୍ନାଇରୁ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିବା ଅଶ୍ୱିନ ମିଡିୟମ ପେସ ବୋଲିଂ କରୁଥିଲେ କିନ୍ତୁ ବ୍ୟାକ ଇଞ୍ଜୁରୀ ଯୋଗୁ ସେ ଅପ ସ୍ପିନ ବୋଲିଂ କରିବା ଆରମ୍ଭ କରିଥିଲେ । ଏବେ ସେ ଭାରତର ତଥା ବିଶ୍ୱର ପ୍ରମୁଖ ଅପସ୍ପିନର ବନି ଯାଇଛନ୍ତି । ଅଶ୍ୱିନ ତାଙ୍କର ପ୍ରଥମ ୧୬ ଟେଷ୍ଟରେ ୯ଥର ୫ କିମ୍ବା ତା' ଠାରୁ ଅଧିକ ୱିକେଟ ନେଇଥିଲେ । ସେହିପରି ସେ ଦ୍ରୁତତମ ବୋଲର ଭାବେ ୩୦୦ ୱିକେଟ ନେବାର ରେକର୍ଡ ନିଜ ନାଁରେ କରିଥିଲେ ।

# ଡ୍ରିମ୍‌ସ ନର୍ସିଂ ସ୍କୁଲ କ୍ରୀଡା ଉତ୍ସବ ଉଦ୍‌ଘାଟିତ



କଟକ,,୧୬।୨(ସ୍ୱପ୍ର): ଡ୍ରିମ୍‌ସ ନର୍ସିଂ ସ୍କୁଲର ୧୦ମ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଛି । ସ୍କୋର୍ଟସ କମ୍ପ୍ଲେକ୍ସ ଠାରେ ଆୟୋଜିତ ବିବିଧ ପ୍ରତିଯୋଗିତାରେ ବିଏସ୍‌ସି (ନର୍ସିଂ), ଜିଏନ୍‌ଏମ୍, ଏଏନ୍‌ଏମର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ପ୍ରତିଯୋଗିତାକୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଶାରିରୀକ ଓ ମାନସିକସ୍ତରରେ ଦକ୍ଷତା ବୃଦ୍ଧି ଲାଗି ଖେଳକୁଦର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଛାତ୍ରଛାତ୍ରୀଙ୍କ କ୍ରୀଡା ପ୍ରତିଭାର ପ୍ରଶଂସା କରିଥିଲେ । ମୁଖ୍ୟଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର କ୍ରୀଡା ପତାକା ଉତ୍ତୋଳନ, ମଶାଲ ସ୍ଥାପନ ସହ ଆକର୍ଷଣୀୟ ମାର୍ଚ୍ଚପାଷ୍ଟରେ ଅଭିବାଦନ ଗ୍ରହଣ କରିଥିଲେ । ସମ୍ମାନିତ ଅତିଥି ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ସଚିବ ଚନ୍ଦ୍ରକାନ୍ତ ପଣ୍ଡା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ଡିନ୍ ଡ. ଗୋପି ଡି. ସ୍ୱାଗତ ଅଭିଭାଷଣ ଓ ସହକାରୀ ଡିନ୍ ଏନ୍ ପ୍ରେମଲତା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ସ୍ମୃତି ଶ୍ରୀ ପି. ଦଳାଇ ପ୍ରତିଯୋଗିତା ପରିଚାଳନା ଏବଂ ଅଧ୍ୟାପିକା ରିମି ସରକାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଧ୍ୟାପକ ସତୀଶ ରାଜମଣି, ଅଧ୍ୟାପିକା ରେଣୁବାଳା ପ୍ରଧାନ, ଉର୍ମିଳା ସ୍ୱାଇଁ, ମଧୁସ୍ମିତା ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ ଉତ୍ସବରେ ଯୋଗଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଖାଦ୍ୟମେଳାକୁ ପ୍ରଶାସନିକ ନିର୍ଦ୍ଦେଶକ ଶ୍ରୀ କରି ଉଦଘାଟନ କରିଥିଲେ । ଆସନ୍ତା ୨୨ ତାରିଖରେ କ୍ରୀଡା ଉତ୍ସବ ଉଦ୍‌ଯାପିତ ହେବ ।

## ଏକ ଦିବସୀୟ ଦିବାରାତ୍ର ଭଲିବଲ କଣ୍ଟାପାଟଣା ଚାମ୍ପିଅନ

ଧର୍ମଶାଳା,୧୬।୨(ସବ୍ୟୁ): ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳିଙ୍ଗ କ୍ଲବ ଆନୁକୁଲ୍ୟରେ ପ୍ରଥମ ଗୁରୁଦତ ସ୍ମାରକୀ ଏକଦିବସୀୟ ଭଲିବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜାରକା, କଂଟାପାଟଣା, ନେଉଳପୁର, ହାଟସିଂହାପୁର, ତଳଗଡ, ଯାଜପୁର ଟାଉନ ଓ ଜୟପୁର ଆଦି ୮ ଗୋଟି ଟିମ ଅଂଶ ଗ୍ରହଣ କରିଥିଲେ । ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଜୟପୁର ଟିମକୁ ୨/୦ ସେଟରେ ହରାଇ କଂଟାପାଟଣା ଟିମ ଚମ୍ପିଅନ ହୋଇଥିଲା । ଏହି ଖେଳକୁ ପ୍ରଶାନ୍ତ ରାଉତ ଓ ଅଶିର୍ବାଦ ସର ପରିଚାଳନା କରିଥିଲେ । ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ଅଶୋକ କୁମାର ନନ୍ଦ, ଚିତରଞ୍ଜନ ଶତପଥୀ ଓ ଦୀବଙ୍ଗତ ଗୁରୁଦତଙ୍କ ପିତା ବ୍ରଜ କିଶୋର ମହାନ୍ତି ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଟିମକୁ ଟ୍ରଫି ପ୍ରଦାନ କରିଥିଲେ ।

## ରଣଜୀ ଟିମରେ ସ୍ଥାନ ପାଇଲେ ଜାମାଲା ଭଞ୍ଜନ

ପାରାଦୀପ,୧୬।୨,(ଜିପ୍ର): ଓଡିଶା ରଞ୍ଜି ଟିମରେ ଯୋଗ୍ୟ ବିବେଚିତ ହୋଇଛନ୍ତି ଜାମଳାଭଞ୍ଜନ ମହାପାତ୍ର । ସେ ରାଜ୍ୟ ର ୧୯ବର୍ଷରୁ କମ ଓ ୨୩ବର୍ଷରୁ କମ ଟିମରେ ଯୋଗ ଦାନ କରି ଦକ୍ଷତା ପଦର୍ଶନ କରି ରାଜ୍ୟରେ ବହୁବାର ଗୌରବାନିତ୍ୟ ହୋଇଛନ୍ତି । ସେ ଜାତୀୟ ସ୍ତର ରଞ୍ଜି ଟିମରେ ଖେଳିବା ସ୍ୱଭାଗ୍ୟ ହାସଲ କରିଥିବାରୁ ତାଙ୍କୁ ରାଜ୍ୟ ଭିତରୁ ଓ ରାଜ୍ୟ ବାହାରୁ ଶୁଭେଚ୍ଛାର ସୁଅ ଆସିବାରେ ଲାଗିଛି । ସେ ତାଙ୍କ ଛାତ୍ର ଜୀବନରୁ ଖେଳ ପ୍ରତି ଆଗ୍ରହ ଥିବାରୁ ପାରାଦୀପ ମୁନିସିପାଲିଟି ହାଇସ୍କୁଲରୁ ଜିଲ୍ଲା ସ୍ତରିୟ କ୍ରିକେଟ ଟିମରେ ଖେଳି ନିଜର ଦକ୍ଷତା ପଦର୍ଶନ କରିଛନ୍ତି । ଜିଲ୍ଲାସ୍ତରରୁ ପ୍ରତିନିଧିତ୍ୱ କରି ରାଜ୍ୟ ସ୍ତରରେ ଓସିଏ ପକ୍ଷରୁ ଆୟୋଜିତ ବିଭିନ୍ନ ମ୍ୟାଚରେ ନିଖୁଣତା ପ୍ରଦର୍ଶନ କରି ଗୌରବାନିତ୍ୟ ହୋଇଛନ୍ତି । ସେ ଜଣେ ଲେଫ୍ଟ ହାଣ୍ଡ ବୋଲର (ବାମ ହାତି )ବୋଲର ଭାବେ ପ୍ରସିଦ୍ଧ ଲାଭ କରିଛନ୍ତି । ଓଡିଶା ପ୍ରିମିୟର ଲିଗରେ ଖେଳି ମ୍ୟାନ ଅଫ ଦି ମ୍ୟାଚ ହେବାର ସୌଭାଗ୍ୟ ହାସଲ କରିଛନ୍ତି । କଳାହାଣ୍ଡି କପରେ ଟିମ ଚାମ୍ପିଅନରେ ଶ୍ରୀ ମହାପାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । କ୍ରିକେଟ ଖେଳରେ ରୁଚି ଥିବା ଉଚ୍ଚ ବିଦ୍ୟାଳୟସ୍ତରରୁ ନିଷ୍ଠା ଆନ୍ତରିକ ଆଜି ତାଙ୍କୁ ଜାତୀୟସ୍ତରରେ ପରିଚୟ ଆଣି ଦେଇଛି । ଓଡିଶା କ୍ରିକେଟ ଦଳ ପକ୍ଷରୁ ଦିଲ୍ଲୀରେ ଦିଲ୍ଲୀ ସହିତ ମୁକାବିଲାରେ ଖେଳିବାର ସୌ ଭାଗ୍ୟ ହାସଲ କରି ପ୍ରଶଂସା ପାତ୍ର ହୋଇଛନ୍ତି । ଜାମଳା ଭଞ୍ଜନ ପିତା ପ୍ରମୋଦ କୁମାର ମହାପାତ୍ର ମାତା ନମିତା ମହାପାତ୍ର, ଜଗତସିଂହପୁର ଜିଲ୍ଲା, ତିର୍ତ୍ତୋଲ ବ୍ଲକ, ସାମନ୍ତରାପୁର ପଞ୍ଚାୟତ ଅନୁପଲା (କଣ୍ଟପଦା )ଗ୍ରାମର ଅଟନ୍ତି । ତାଙ୍କର ସଫଳତାରେ ଜଗତସିଂହପୁର ସାଂସଦ ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତ ରାୟ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ବିଜେପିର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ତଥା ସମ୍ପଦ ସ୍ୱାଇଁ, ୟେରନେସ ନାଇଟ ଏଙ୍ଗଲ ବିଜେତା ପ୍ରେମଲତା ବାରିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।






## ବନ୍ଧୁକ ଚାଳନା ବିଶ୍ୱକପ୍ : ଇତିହାସ ରଚିଲା ଭାରତ

ଗ୍ରେନଡା,୧୬।୨(ସବ୍ୟୁ): ଏଠାରେ ଆୟୋଜିତ ୧୦ ମିଟର ଆଇଏସ୍‌ଏସ୍‌ଏଫ୍ ବନ୍ଧୁକଚାଳନା ବିଶ୍ୱକପ୍ରେ ଭାରତ ଚତୁର୍ଥ ୱାନ୍-ଟୁ ବା ସ୍ୱର୍ଣ୍ଣ-ରୌପ୍ୟ ସଫଳତା ପାଇଛି । ଭାରତର ଦେବାଂଶୀ (୨୪୦) ୮ଜଣ ପ୍ରତିଯୋଗୀ ଥିବା ଫାଇନାଲ୍ରେ ୨୪୦ ପଏଣ୍ଟ ଅର୍ଜନ କରି ସ୍ୱର୍ଣ୍ଣ ପଦକ ଜିତିଥିଲା ବେଳେ ଲକ୍ଷିତା ୨୩୮ ପଏଣ୍ଟ ସହ ରେପ୍ୟ ପଦକ ପାଇଛନ୍ତି । ଏଥିସହିତ ଭାରତ ପଦକ ତାଲିକାର ପ୍ରଥମ ସ୍ଥାନ ବଜାୟ ରଖିଛି । ଭାରତ ଗୁରୁବାର ସୁଦ୍ଧା ଏହି ପ୍ରତିଯୋଗିତାରେ ୪ ସ୍ୱର୍ଣ୍ଣ, ୩ ରେପ୍ୟ ଓ ୨ଟି କାଂସ୍ୟ ପଦକ ଜିତିଛି । ମହିଳାମାନେ ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ୧୦ ମିଟର ଏହାର ରାଇଫଲ୍ କନିଷ୍ଠରେ ଭାରତୀୟ ଦଳ ପରାଜିତ ହୋଇ ପଦକ ଦେଡ଼ରୁ ବାଦ୍ ପଡ଼ିଛି ।

## ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ



ଖଣ୍ଡପଡା,୧୬।୨(ସବ୍ୟୁ) ଖଣ୍ଡପଡ଼ା ବ୍ଲକ୍ ଅଧିନ ସିଧାମୂଳା ଗ୍ରାମକ୍ରୀଡ଼ାଙ୍ଗନରେ ଶୁକ୍ରବାର ଠାରୁ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଚଳିତ ବର୍ଷ ଟୁର୍ଣ୍ଣାମେଣ୍ଟରେ କଟକ ଓ ନୟାଗଡ଼ ଜିଲ୍ଲାରୁ ସର୍ବମୋଟ୧୬ ଗୋଟି ଟିମ୍ ଅଂଶଗ୍ରହଣ କରିଥିବା ଆୟୋଜକଙ୍କ ସୁତ୍ରରୁ ଜଣାପଡ଼ିଛି । ଲିଭ୍ ଲାଇଭ୍ ଓଡ଼ିଆ ଓ ଡ଼ିବିଏସ୍ କ୍ଲବ୍ ସିଧାମୂଳାରମିଳିତ ସହଯୋଗରେ ଆୟୋଜିତ ଭଲିବଲ୍ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୁପେ ପୂର୍ବତନ ସାଂସଦ ପ୍ରସନ୍ନ କୁମାର ପାଟଶାଣୀ, ସମ୍ମାନୀତ ଅତିଥି ରୁପେ ଯୁବନେତା ଦୁଷ୍ମନ୍ତ କୁମାର ସ୍ୱାଇଁ, ଯୁବ ସମାଜସେବୀ ଟିଟନ୍ ସାହୁ, ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଆୟୋଜକ ଓ ବିଭିନ୍ନଦଳର ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଅଶୋକ କୁମାର ପ୍ରଧାନ ଓ ବବୁଲା କୁମାର ଦଳେଇ ଖେଳକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ସହାୟତାକରିଥିଲେ ରାଜେଶ କୁମାର ମନ୍ତ୍ରୀ ଓ ଯୋଗେଶ୍ୱର ନାୟକ ।


ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Patitapaban Mohapatra for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718,

# ଚନ୍ଦ୍ରଭାଗା ମାଘସପ୍ତମୀ : ବୁଡ଼ ପକାଇଲେ ୫ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ

## ପ୍ରବେଶ ଶୁଳ୍କ ଛାଡ ହେତୁ ସୂର୍ଯ୍ୟ ମନ୍ଦିରରେ ନାହିଁ ନ ଥିବା ଭିଡ

କୋଣାର୍କ, (ସବ୍ୟୁ) : ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ସ୍ଥିତ ପବିତ୍ର ତୀର୍ଥ ପୁଷ୍କରିଣୀରେ ମାଘମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଭୋର ୪ଘ ୩୪ମିନିଟ ସମୟରେ ୫ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇବା ସହ ଘନ କୁହୁଡି ଯୋଗୁଁ ଚନ୍ଦ୍ରଭାଗା ସମୁଦ୍ର କୂଳରେ ସମାବେଶ ହୋଇଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ସୂର୍ଯ୍ୟ ଦର୍ଶନ କରିବାରୁ ବଂଚିତ ହୋଇଥିବା ଦେଖିବାକୁ ମିଳିଛି। ବିଗତ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମାଧିପୁର ଗ୍ରାମର ମହାଦେବ ତ୍ରିବେଣୀଶ୍ୱର, ସଛପୁର ଗ୍ରାମର ମହାଦେବ ଐଶାଣେଶ୍ୱର ଓ କୁରୁଜଙ୍ଗ ଗ୍ରାମର ମହାଦେବ ଦକ୍ଷିଣେଶ୍ୱର ପ୍ରମୁଖ ତ୍ରିଶମ୍ଭୁ ବିରାଟ ପଟୁଆରରେ ତିନି ଠାକୁରଙ୍କୁ ବେହେରା ସେବକ ମାନେ କାନ୍ଧରେ ବୋହି ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ସ୍ନାନ ମଣ୍ଡପ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ତିନି ଠାକୁରଙ୍କ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଅଭିମୁଖେ ଯାତ୍ରା ସମୟରେ ଦୂର ଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରି ଆତ୍ମ ବିଭୋର ହୋଇ ପଡିଥିଲେ। ଚନ୍ଦ୍ରଭାଗା ନଦୀ ତଥା ବର୍ତ୍ତମାନର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ତ୍ରିଶମ୍ଭୁଙ୍କ



ପୂଜକ ମାନେ ପବିତ୍ର ଜଳ ଆଣିବା ପରେ ବାବା ତ୍ରିବେଣୀଶ୍ୱର, ବାବା ଐଶାନେଶ୍ୱର ଓ ବାବା ଦକ୍ଷିଣେଶ୍ୱର ମହାଦେବଙ୍କୁ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ ଆଦି କାର୍ଯ୍ୟ ସଂପାଦନ କରାଯିବା ପରେ ତିନି ଠାକୁରଙ୍କ ପୁଣ୍ୟ ପବିତ୍ର ଜଳକୁ ତୀର୍ଥ ପୁଷ୍କରିଣୀରେ ପକାଯାଇଥିଲା। ଏହା ପରେ ତିନି ଠାକୁରଙ୍କ ସେବାୟତ ଓ ସାଧୁ ସନ୍ଥ ମାନେ ସ୍ନାନ କରିଥିଲେ। ପରେ ପରେ ଓଡିଶା ତଥା ଓଡିଶା ବାହାରୁ ଆସିଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ପବିତ୍ର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ସୂର୍ଯ୍ୟ ନାରାୟଣଙ୍କ ଉପାସନା କରି ଜଳ ଅର୍ପଣ କରିଥିଲେ। ପରେ ପରେ ଶ୍ରଦ୍ଧାଳୁ ଭକ୍ତମାନେ ଚନ୍ଦ୍ରଭାଗା ସମୁଦ୍ର କୂଳରେ ସମବେତ ହୋଇ ସୂର୍ଯ୍ୟ ଦର୍ଶନ ପାଇଁ ଏକତ୍ରୀତ ହୋଇଥିଲେ। ମାତ୍ର ଘନ କୁହୁଡି ଯୋଗୁଁ ଭଗବାନ ସୂର୍ଯ୍ୟ ନାରାୟଣଙ୍କ ଦର୍ଶନ କରିବାରୁ ଶ୍ରଦ୍ଧାଳୁ ଭକ୍ତମାନେ ବଂଚିତ ହୋଇଥିବା ଦେଖିବାକୁ ମିଳିଥିଲା। ପବିତ୍ର ମାଘସପ୍ତମୀ ଅବସରରେ ବିଶ୍ୱ ପ୍ରସିଦ୍ଧ ସୂର୍ଯ୍ୟ ମନ୍ଦିର ପ୍ରବେଶ ଶୁଳ୍କ ଛାଡ ଥିବାରୁ ସୂର୍ଯ୍ୟ ମନ୍ଦିର ଲୋକାରଣ୍ୟ ହୋଇଥିବା ବେଳେ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଥିଲା। । ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପବିତ୍ର ମାଘସପ୍ତମୀ ବୁଡ ଅବସରରେ ହଜିଲା ଖୋଜିଲା ମଂଚ କରାଯିବା ଓଡିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ ବହି ଶ୍ରଦ୍ଧାଳୁ ଓ ଜନସାଧାରଣ ମାନଙ୍କୁ ଯୋଗାଇ ଦିଆଯାଇଥିଲା।ମେଳା ପଡିଆରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର କରି ଔଷଧ ବିତରଣ କରାଯାଇଥିଲା ବେଳେ କୋଣାର୍କ ଅଞ୍ଚଳର ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ନିମନ୍ତେ ସେବା କାର୍ଯ୍ୟ କରାଯାଇଥିଲା।ଏହି ପରିପ୍ରେକ୍ଷୀରେ ଚନ୍ଦ୍ରଭାଗା ସ୍ୱେଚ୍ଛାସେବୀ ସମନ୍ୱୟ କମିଟି ସଂଯୋଜକ ତଥା ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତିଙ୍କ ଅଧକ୍ଷତାରେ ୩୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସେବା କାର୍ଯ୍ୟ ସଂପାଦନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପୁରୀ ଏସପି ପିନାକ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚନ୍ଦ୍ରଭାଗା ମେଳା ପଡିଆ, ତୀର୍ଥ ପୁଷ୍କରିଣୀ, କୋଣାର୍କ ତଥା ଆଖପାଖ ଅଞ୍ଚଳରେ ୩୪ପ୍ଲାଟୁନ ପୋଲିସ ଫୋର୍ସ ସହ ବରିଷ୍ଠ ପୋଲିସ ଅଧିକାରୀ ମାନଙ୍କୁ ନିୟୋଜିତ କରାଯାଇ ଶାନ୍ତି ଶୃଙ୍ଖଳାର ସହ ଶ୍ରଦ୍ଧାଳୁଙ୍କ ସ୍ନାନ ଓ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲାଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ପୁରୀ ଉପଜିଲ୍ଲାପାଳ ଗୋପିନାଥ କୁଅଁର, ଗୋପ ତହସିଲଦାର ରଞ୍ଜନ କୁମାର ପରିଡା, ଗୋପ ବିଡିଓ ଛବିରାଣୀ ସାହୁ, କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପତି, କାକଟପୁର ବ୍ଲକ ବିଡିଓ ବିଷ୍ଣୁ ଗୋବିନ୍ଦ, କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ନିମାପଡ଼ା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ଓ କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ ପାଳିତ



କଣ୍ଟାପଡା, (ସବ୍ୟୁ) : କଟକ ଜିଲ୍ଲା କଣ୍ଟାପଡା ବ୍ଲକ ଅନ୍ତର୍ଗତ ବାଇରୋଇସ୍ଥିତ ସୌଦାମିନୀ ପାଠାଗାର ସଭାଗୃହରେ ଗୁରୁବାର ଅପରାହ୍ନରେ ଆହେ ଦୟାମୟ ବିଶ୍ୱ ବିହାରୀପ୍ରାର୍ଥନାର ରଚୟିତା ପୁଣ୍ୟାତ୍ମା ରାମକୃଷ୍ଣ ନନ୍ଦଙ୍କ ୧୧୮ତମ ଜନ୍ମଜୟନ୍ତୀ ଉତ୍ସବ ତପାଳିତ ହୋଇଯାଇଛି। ରାମକୃଷ୍ଣ ନନ୍ଦ ସ୍ମୃତିପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ପୂର୍ବତନ ମୁଖ୍ୟ ଶାସନ ସଚିବସହଦେବ ସାହୁ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ବରିଷ୍ଠ ସାମ୍ବାଦିକ ସମରେନ୍ଦ୍ର ବଳିଆରସିଂହ ଯୋଗଦେଇ ପୁଣ୍ୟାତ୍ମା ନନ୍ଦଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେପ୍ରକାଶ ନନ୍ଦଙ୍କ ସଂପାଦିତ ପରିଷଦର ମୁଖପତ୍ର 'ସୌଦାମିନୀ'ର ଚତୁର୍ଥ ସଂଖ୍ୟାକୁଅତିଥି ମାନେ ଉନ୍ମୋଚନ କରିଥିଲେ। ବାରିଦ ପ୍ରଭା ମହାନ୍ତିଙ୍କ ଦ୍ୱାରା ଲିଖିତ 'ଶିଉଳି' ଓ ସଦାନନ୍ଦ ରାଉତରାୟ ଦ୍ୱାରା ଲିଖିତ 'ବିରହ ଗାଥା' ଏବଂ ପ୍ରକାଶ ନନ୍ଦଙ୍କଦ୍ୱାରା ପ୍ରକାଶିତ ଦୁଇଟି ପୁସ୍ତକକୁ ଅତିଥି ମାନେ ଉନ୍ମୋଚନ କରିଥିଲେ ।କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀ ମାନେ 'ଆହେ ଦୟାମୟ ବିଶ୍ୱବିହାରୀ' ପ୍ରାର୍ଥନା ଆବୃତ୍ତି କରିଥିଲେ। ଏହି ଅବସରରେ କୃତି ଛାତ୍ରୀ ସ୍ମୃତିରେଖାସାହୁଙ୍କୁ ରାମକୃଷ୍ଣ ନନ୍ଦ ମେଧାବୃତ୍ତି, ଜରିନ୍ ବେଗମଙ୍କୁ ଅନିକେତ କରମେଧାବୃତ୍ତି, ସାଇସ୍ମିତା ପ୍ରଧାନଙ୍କୁ ଲକିତେନ୍ଦୁ ଜେନା ମେଧାବୃତ୍ତି, ଅନୁଶ୍ରୀପଟ୍ଟନାୟକଙ୍କୁ ସୌଦାମିନୀ ମେଧାବୃତ୍ତି ଓ ସୋନମ୍ ପରୱିନ୍ଙ୍କୁ ପ୍ରଫୁଲ୍ଲ ନନ୍ଦମେଧାବୃତ୍ତି ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷୟତ୍ରୀ ଅନ୍ନପୂର୍ଣ୍ଣା ବେହେରାଙ୍କୁ ଚଳିତ ବର୍ଷ ରାମକୃଷ୍ଣ ନନ୍ଦ ସ୍ମୃତି ସମ୍ମାନ ୨୦୨୪ରେ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତକରାଯାଇଥିଲା। ଶିକ୍ଷକ ସଂଗ୍ରାମ କେଶରୀ ରାଉତରାୟ ମଞ୍ଚ ପରିଚାଳନା କରିଥିବାବେଳେ ସଂପାଦକ ପ୍ରକାଶ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାସ୍ତା ଅବରୋଧ ପରେ ଆରମ୍ଭ ହେଲା ଡେଲାଙ୍ଗ-କଲ୍ୟାଣପୁର ରାସ୍ତା ନବୀକରଣ କାର୍ଯ୍ୟ

ଡେଲାଙ୍ଗ,(ସବ୍ୟୁ) : ଡେଲାଙ୍ଗ-କଣାସ ରାସ୍ତା ନବୀକରଣ କାର୍ଯ୍ୟରେ ବ୍ୟତିକ୍ରମ ଦେଖାଦେବାରୁ ଶୁକ୍ରବାର ଦିନ ଦୀର୍ଘ ୬ଘଣ୍ଟା ରାସ୍ତା ଅବରୋଧ ପରେ ଯୁଦ୍ଧ କାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ କରାଯାଇଛି। ୧୬ ତାରିଖ ସୁଧା କାର୍ଯ୍ୟ ଆରମ୍ଭ କରାନଗଲେ ରାସ୍ତା ଅବରୋଧ କରାଯିବ ବୋଲି ପୂର୍ବରୁ ପୁରୀ ଜିଲ୍ଲାପାଳଙ୍କ ସମେତ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ମୁତାବକ ଡେଲାଙ୍ଗ-କଣାସ ପୂର୍ତ୍ତ ବିଭାଗ ରାସ୍ତାର ଡେଲାଙ୍ଗ ହାଟବଜାର ଠାରୁ କଲ୍ୟାଣପୁର ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିଲେ ମଧ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ପାଇଁ ଏହି କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ଯାହାପାଇଁ ଆଙ୍କୁଲା ଠାରୁ ରାଡୁଅ ଛକ ପର୍ଯ୍ୟନ୍ତ ସଡକ ଅତ୍ୟନ୍ତ ଶୋଚନୀୟ ଓ ପଥଚାରୀ ମାନଙ୍କ ଯାତାୟତ ପାଇଁ ଅତ୍ୟନ୍ତ ଦୁଃଖ ଦାୟକ ହୋଇପଡିଛି। ଏହି ସଡକର ନବୀକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବିଭାଗୀୟ ଯନ୍ତ୍ରୀ କହୁଥିଲେ ମଧ ତତ୍ପରତା ଅଭାବରୁ ରାସ୍ତା କାମ ଆରମ୍ଭ ହେଉନି। ଏନେଇ ଶୁକ୍ରବାର ରାସ୍ତାର ମୁନିନ୍ଦା ଛକଠାରେ କୋଠବାଡ ପଞ୍ଚାୟତ ପୂର୍ବତନ ସରପଞ୍ଚ ଦୁର୍ଗାଚରଣ ରାଉତରାୟଙ୍କ ନେତୃତ୍ୱରେ ଶତାଧିକ ଅଞ୍ଚଳବାସୀ ରାସ୍ତା ରୋକ କରିଥିଲେ। ଡେଲାଙ୍ଗ-ପିପିଲି ଜନକଲ୍ୟାଣମଞ୍ଚ ଆବାହକ ରାଧାମୋହନ, ମୁନିନ୍ଦା ସରପଞ୍ଚ ଶେଷଦେବ ବାରିକ, ସମିତିସଭ୍ୟା ସ୍ୱର୍ଣ୍ଣଲତା ନାୟକ, କଲ୍ୟାଣପୁର ସରପଞ୍ଚ ଗୋବର୍ଦ୍ଧନ ସେଠୀ, କୃଷକ ନେତା ଅଶୋକ ପ୍ରଧାନ, ରବୀନ୍ଦ୍ର ପ୍ରଧାନ,ଗୁଣନିଧି ପାତ୍ର, ଉଲ୍ଲାସ ନାୟକ ପ୍ରମୁଖଙ୍କ ସମେତ ଶତାଧିକ ସ୍ଥାନୀୟ ମହିଳା ଓ ପୁରୁଷ ରାସ୍ତାରୋକ କରିଥିଲେ। ରାସ୍ତା ଅବରୋଧର ୩ଘଣ୍ଟା ପରେ ପିପିଲି ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସିଦ୍ଧେଶ୍ୱର ବେହେରା ଘଟଣା ସ୍ଥଳରେ ପହଞ୍ଚି ଖୁବ ଶୀଘ୍ର ରାସ୍ତା କାମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ଲୋକେ ବର୍ତ୍ତମାନ କାମ ଆରମ୍ଭ କରିବାକୁ ଜିଦ ଧରିଥିଲେ। ୨ଘଣ୍ଟା ମଧ୍ୟରେ ଯନ୍ତ୍ରୀ ମେସିନ ଡକାଇ କାମ ଆରମ୍ଭ କଲାପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଆଇନ୍ ଶୃଙ୍ଖଳା ରକ୍ଷା କରିବା ପାଇଁ ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ନାରାୟଣ ମହାରଣା, ପିପିଲି ଏସଡିପିଓ ବୀରଞ୍ଚି ନାରାୟଣ ପତି, ଡେଲାଙ୍ଗ ଥାନା ଅଧିକାରୀ ଦେବାଶିଷ ମହାନ୍ତି, କନେଷ୍ଟବଳ ଜିତେନ୍ଦ୍ର ସ୍ୱାଇଁ ପ୍ରମୁଖ ସଦଳବଳେ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ। ସୂଚନା ଥାଉକି ଗତ ଡିସେମ୍ବର ମାସରେ ବ୍ଲକ ଅଧକ୍ଷା ବାସନ୍ତୀ ସାହୁଙ୍କ ନେତୃତ୍ୱରେ ଉପାଧକ୍ଷ ଦୁର୍ବାସା ନିଶଙ୍କ, ଜିଲ୍ଲା ପରିଷଦ ପ୍ରସନ୍ନ ସାହୁ , ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା ପ୍ରମୁଖଙ୍କ ସମେତ ଶତାଧିକ ସ୍ଥାନୀୟ ନେତା ଓ କର୍ମୀ ରାସ୍ତାର ଗୋଲାସାହି ଠାରେ ରାସ୍ତା ଅବରୋଧ କରିଥିଲେ। ପରେ ବିଭାଗୀୟ ଏସ୍‌ଡିଓ ରାଜେନ୍ଦ୍ର ପ୍ରସାଦ ସାହୁ ଘଟଣା ସ୍ଥଳରେ ପହଞ୍ଚି ୭ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରାଯିବ ଓ ପ୍ରତିଦିନ ୨ଥର ରାସ୍ତାରେ ଧୂଳି ନଉଡିବାକୁ ପାଣି ଛିଞ୍ଚିବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ ମଧ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ସ୍ଥାନୀୟ ବାସିନ୍ଦା ରାସ୍ତାକୁ ଓହ୍ଲାଇଥିବା ଜଣାପଡିଛି।

# ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ସହାୟତା ରାଶି ପ୍ରଦାନ



ବଡ଼ମ୍ବା , (ସବ୍ୟୁ) : ବଡ଼ମ୍ବା ସ୍ଥିତ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ପ୍ରାଥମିକ ସେବା ସମବାୟ ସମିତି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ପ୍ରୋତ୍ସାହନ ରାଶି ବଣ୍ଟନ କରାଯିବା ସହ ବ୍ୟାଙ୍କ ପରିସରରେ ଏକ ନୂତନ ଏଟିମର ଉଦଘାଟନ କରାଯାଇଛି ।ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବାସ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ମିଶ୍ରଙ୍କ ଦ୍ୱାରା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ବଡ଼ମ୍ବା ସମେତ ବାଙ୍କୀ, ତିଗିରିଆ ଓ ନରସିଂହପୁର ଅଞ୍ଚଳର ମୋଟ ୨୭ ଗୋଟି ପ୍ରାଥମିକ ସେବା ସମବାୟ ସମିତିକୁ କାର୍ଯ୍ୟାଳୟ ଉପକରଣ ଉନ୍ନତିକରଣ ପାଇଁ ୫୦ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଦିଆ ଯାଇଥିବା ବେଳେ ମହିଳା ମାନେ ଆତ୍ମ ନିର୍ଭରଶୀଳ ହେବାଉଦ୍ଦେଶ୍ୟରେ ୧୯୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ୧ କୋଟି ୭୩ ଲକ୍ଷ ତେତିସ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ଏତତବ୍ୟତୀତ ମୁଖ୍ୟଅତିଥି ଶ୍ରୀ ମିଶ୍ରଙ୍କ ଦ୍ୱାରା କାର୍ଯ୍ୟାଳୟ ପରିସରରେ ଏକ ଏଟିମ ମେସିନର ମଧ ଶୁଭ ଉଦଘାଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ମିଶ୍ରଙ୍କ ସମେତ ବାଙ୍କୀ କେନ୍ଦ୍ର ସମବାୟ ସମିତିର ମୁଖ୍ୟ ପରିଚାଳକ ଡ଼ଃ ଅଚ୍ୟୁତାନନ୍ଦ ପାତ୍ର, ବଡ଼ମ୍ବା ପଞ୍ଚାୟତ ସମିତି ଅଧକ୍ଷ ରଘୁପତି ମହାନ୍ତି, ବାଙ୍କୀ କେନ୍ଦ୍ର ସମବାୟ ସମିତି ଉପସଭାନେତ୍ରୀ ସୁଷମା ମହାରଣା, ବଡ଼ମ୍ବା ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ ସମ୍ପାଦକ ଅକ୍ଷୟ କୁମାର ସାମଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ପଦ୍ମଚରଣ ସାମନ୍ତସିଂହାର ଫୁଟବଲ

# ଫାଇନାଲରେ କେନ୍ଦୁଝର

ନିମାପଡା,(ସବ୍ୟୁ): ନିମାପଡା ଆଥ୍‌ଲେଟିକ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ବାରବାଟୀ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ୯ମ ପଦ୍ମଚରଣ ସାମନ୍ତ ସିଂହାରସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ କେନ୍ଦୁଝରମା ତାରେଣୀ ଫୁଟବଲ କ୍ଲବ ଭଞ୍ଜନଗର ଫୁଟବଲ ଆସୋସିଏସନକୁ ହରାଇ ଫାଇନାଲରେପ୍ରବେଶ କରିଛି । ଖେଳର ପ୍ରଥମାର୍ଦ୍ଧ ଏବଂ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ କେହି କାହାକୁଗୋଲ ଦେଇ ନ ପାରିବାରୁ ଖେଳ ଅମିମାଂସିତ ରହିଥିଲା । ଶେଷରେ ଟ୍ରାଇବ୍ରେକରୀସହାୟତା ନିଆଯାଇଥିଲା । ମା ତାରେଣୀ ଫୁଟବଲ କ୍ଲବ ୪-୩ ଗୋଲରେ ଭଞ୍ଜନଗର ଫୁଟବଲଆସୋସିଏସନକୁ ହାରାଇ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି । ବିଜୟୀଦଳର ଗୋଲ କିପର ଯୋଶେଫ ମାରାଣ୍ଡି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ।ଆଜିର ମ୍ୟାଚକୁ ସୁଦୀପ ଦାସ ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ସୁଦୀପ୍ତ ଟୁଟୁବାହିନୀପତି,ରାଜେନ୍ଦ୍ର ବାରିକ ଓ ସମର ବରାଳ ସହଯୋଗ କରିଥିଲେ । ଅତିଥିଭାବେଆସୋସିଏସନର ଉପସଭାପତି ଦୋଳଗୋବିନ୍ଦ ସେଠୀ, ନିମାପଡା ଜଳସେଂଚନ ଖଣ୍ଡ ଅଶ୍ୱିକ୍ଷଣଯନ୍ତ୍ରୀ ବୈକୁଣ୍ଠ ନାଥ ଦଳାଇ, ଗ୍ରାମ୍ୟ ଉନ୍ନୟନ ଖଣ୍ଡ ଅଧିକାରୀ ସତ୍ୟଜିତଦଳାଇ,ନିମାପଡା ଥାନାର ପୂର୍ବତନ ଆଇଆଇସି ଶଙ୍କର୍ଷଣ ଦଳାଇ,ନିମାପଡା ଡିଏଭିସ୍କୁଲର ଅଧକ୍ଷ ଏମ୍ଏମ୍ ହକ ପ୍ରମୁଖ ଯୋଗ ଦେଇଥିଲେ ।

# ଅଙ୍ଗନବାଡି କର୍ମୀ, ସହାୟିକାଙ୍କ ଶାନ୍ତିପୂର୍ଣ୍ଣ ଧାରଣା

ସାକ୍ଷୀଗୋପାଳ , (ସବ୍ୟୁ) : କେନ୍ଦ୍ରୀୟ ଟ୍ରେଡ ୟୁନିଅନ ସଂଯୁକ୍ତ କିଶାନ ମୋର୍ଚ୍ଚା ଓ ସ୍ୱାଧୀନ କର୍ମଚାରୀ ଫେଡରେସନ ଆହ୍ୱାନରେ ଆଜି ଦେଶ ବ୍ୟାପି ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ବିଭିନ୍ନ ଦାବି ପାଇଁ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନିଖିଳ ଓଡିଶା ଅଙ୍ଗନବାଡି କର୍ମୀ ସଂଘ ସତ୍ୟବାଦୀ ବ୍ଲକ କମିଟି ତରଫରୁ ସତ୍ୟବାଦୀ ବ୍ଲକ ପରିସରରେ ଏକ ଶାନ୍ତି ପୂର୍ଣ୍ଣ ଧାରଣା ଦିଆଯାଇଥିଲା । ଧାରଣାରେ ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କର୍ମଚାରୀର ମାନ୍ୟତା ଦେବା ସହ ସେମାନଙ୍କ ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କାକୁ ବୃଦ୍ଧି କରିବା । ପ୍ରାକ ବିଦ୍ୟାଳୟ ଶିଶୁ ଓ ଶିକ୍ଷା ସଙ୍କୋଚନକାରୀ ଜାତୀୟ ଶିକ୍ଷାନୀତି ୨୦୨୦ କୁ ପ୍ରତ୍ୟାହାର କରିବା ଛ ସମସ୍ତ ସ୍କିମ ୱାର୍କରଙ୍କୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ,ଗ୍ରାଚୁଇଟି ଓ ପେନସନ ଆଦିର ବ୍ୟବସ୍ଥା କରିବା ନିମନ୍ତେ ଦାବୀ କରା ଯାଇଥିଲା । ଦେଶର ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ସେମାନଙ୍କର ଏହି ଦାବି ସମୂହକୁ ତୁରନ୍ତ ପୂରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଥିଲା । ଏଥିରେ ସତ୍ୟବାଦୀ ସଙ୍ଘ ସଭାପତି ନିରଞ୍ଜନା ଦୀକ୍ଷିତ ,ଉପସଭାପତି ବାଣୀ ପ୍ରସନ୍ନା ଦାସ , ସମ୍ପାଦିକା ଲକ୍ଷ୍ମୀପ୍ରିୟା ମହାପାତ୍ର ,କୋଷାଧକ୍ଷ ରଶ୍ମିତା ବରାଳଙ୍କ ସମେତ ଶତାଧିକ କର୍ମୀ ଓ ସହାୟିକା ଯୋଗ ଦେଇଥିଲେ ।

# ବିଭିନ୍ନ ଦାବି ନେଇ ଅନଶନ ଦ୍ୱିତୀୟ ଦିନରେ

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ପଂଚାୟତର ବିଭିନ୍ନ ସମସ୍ୟା ନେଇ ବିଡ଼ିଓ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କୁ ପ୍ରଦାନ କରାଯାଇଥିଲା। ଦାବି ପୂରଣ ନହେଲେ ଫେବୃଆରୀ ୧୫ ତାରିଖ ଠାରୁ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ନେଇ ଆମରଣ ଅନଶନ କରିବାକୁ ସମିତି ସଭ୍ୟା ଲୋପାମୁଦ୍ରା ଦାଶ ଚେତାବନୀ ଦେଇଥିଲେ। ନିର୍ଧାରିତ ସମୟ ମଧ୍ୟରେ ଦାବି ପୂରଣ ନହେବା ଯୋଗୁ ପଞ୍ଚାୟତର ୱାର୍ଡ ମେମ୍ବର ଓ ବିଭିନ୍ନ ବ୍ୟକ୍ତି ବିଶେଷ ଧାରଣା ଜାରୀ ରଖିଛନ୍ତି। ଗୁରୁବାର ଦିନ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଅନଶନ ରେ ବସିଛନ୍ତି।୨୦୦ ବର୍ଷ ଧରି ବସବାସ କରୁଥିବା ନରେନ୍ଦ୍ରପୁର ସାହି କୁ ରାଜସ୍ୱ ଗ୍ରାମ ର ମାନ୍ୟତା, ନିରାକାରପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ମାନ୍ୟତା, ରାମେଶ୍ୱର ଠାରେ ଦମକଳ କେନ୍ଦ୍ର ଖୋଲିବା, ଝର ପୋଖରୀ ର ପୁନଃ ଉଦ୍ଧାର, ହାଟରେ ପିଣ୍ଡି ଘର ନିର୍ମାଣ, ମିନି ଷ୍ଟାଡିୟମ ସହ ଅତ୍ୟାଧୁନିକ ବ୍ୟାୟାମ ଶାଳା, କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ର ପୁନଃ ବିନ୍ୟାସ, ଜନସଂଖ୍ୟା ଭିତ୍ତିରେ ନିରାକାର ପୁର କୁ ବ୍ଲକ ମାନ୍ୟତା, ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ ପ୍ରମୁଖ ଦାବି ରହିଛିଛ ୨୪ ଦଫା ସମସ୍ୟା ର ସମାଧାନ ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଜଣାପଡିଛି।

# ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ

ଗଣିଆ,(ସବ୍ୟୁ): ଗୁରୁବାର ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତରେ ଗୁରବାର ଆମ ଓଡିଶା, ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛାମୁଣ୍ଡିଆ ସରପଞ୍ଚ ଦିପ୍ତୀରେଖାସେନାପତିଙ୍କ ସଭାପତିତ୍ୱରେ ଛାମୁଣ୍ଡିଆ ଗୁପ୍ତେଶ୍ୱର ସରକାରୀ ବିଦ୍ୟାପୀଠ ଖେଳପଡିଆରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଗଣିଆ ବ୍ଲକଅଧକ୍ଷା ଝୁନା ଜେନା, ସମ୍ମାନୀତ ଅତିଥି ଭାବେ ବିଡିଓ ଡମ୍ବରୁଧର ମଲ୍ଲିକ ,ବ୍ଲକ ଉପାଧକ୍ଷ ରାଜକିଶୋର ସାହୁ ,ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରା, ଜିପିଇଓ ପ୍ରମୋଦ କୁମାର ସାହାଣୀ, ଛାମୁଣ୍ଡିଆ ସମିତିସଭ୍ୟାସସ୍ମିତା ଦଳେଇ, କିସୋରପ୍ରସାଦ ସରପଚଂ ରିତାରାଣୀ ବେହେରା, ଛାମୁଣ୍ଡିଆ ପିଇଓ ମଳୟ ରଞ୍ଜନ ପଟ୍ଟନାୟକପ୍ରମୁଖ ମଚାଂସୀନ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ । ଏହି ଅବସରରେ ଅତିଥିମାନେ ଛାମୁଣ୍ଡିଆ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଏକ ପୁସ୍ତିକା ଉନ୍ମୋଚନ କରିଥିଲେ । ଯୁବ ସାମ୍ବାଦିକ ସମୀର କୁମାର ବେହେରା ମଞ୍ଚ ସଂଯୋଜନା କରିଥିଲେ । ସହିପରି ରାସଙ୍ଗ ପଞ୍ଚାୟତର କାଦୁଆ ତୋଟା ପରିସରରେ ସରପଚଂ ମାନସ କୁମାର ମହାଖୁଡଙ୍କ ସଭାପତିତ୍ୱରେ ଆମଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

# ପରକୀୟା ପ୍ରୀତି ଧରାପଡ଼ିଯିବାରୁ ହେମଦସ୍ତାରେ ପିଟି ନେଲା ସ୍ୱାମୀର ଜୀବନ

ଓଡ଼ଗାଁ, (ସବ୍ୟୁ) :ସାତ ଜନମର ସାଥୀ ହେବା ପାଇଁ ହାତ ଧରିଥିଲେ ପ୍ରକାଶ ନାୟକ ଓ ଜ୍ୟୋସ୍ନାରାଣୀ। ହେଲେ ଗୋଟିଏ ଜନମରେ ଶେଷ ହୋଇଗଲା। ସେମାନଙ୍କ ସମ୍ପର୍କ।ପରକୀୟା ପ୍ରୀତି ଧରାପଡ଼ିଯିବାରୁ୧୪ ବର୍ଷର ସଂପର୍କକୁ ପଛରେ ପକାଇ ହେମଦସ୍ତାରେ ପିଟି ନେଲା ସ୍ୱାମୀ ଜୀବନ।ଆଉ ପ୍ରେମିକ ଓ ନିଜ ମାଆ ସହ ମିଶି ଘର ଭିତରେ ପୋତି ଦେଇଥିଲା ଶବ । ଘଟଣାକୁ ୧୦ ଦିନ ବିତି ଯାଇଥିବା ବେଳେ ଗୁରୁବାର ଦିନ ପୁଲିସ ଗାଁରେ ପହଞ୍ଚି ସ୍ତ୍ରୀ ଓ ଶାଶୂକୁ ଉଠାଇ ଆଣିଛି। ନୟାଗଡ଼ ଜିଲ୍ଲା ଓଡଗାଁ ଥାନା ଅନ୍ତର୍ଗତ କୋମଣ୍ଡ ଗାଁରେ ଘଟିଥିବା ହତ୍ୟାକାଣ୍ଡର ପୁଲିସ ଗୁମର ଖୋଲିଛି ।ଶରଣକୂଳ ଏସଡିପିଓ ସୁଧାକର ସାହୁଙ୍କ କହିବା ଅନୁଯାୟୀ, ମୃତ ପ୍ରକାଶ ନାୟକ ଘରେ ଶୋଇଥିଲେ। ଏହି ସମୟରେ ଜୋସ୍ନାରାଣୀ ଏକ ହେମଦସ୍ତା ଆଣି ସ୍ୱାମୀର ମୁଣ୍ଡକୁ ପିଟି ଦେଇଥିଲେ। ପରେ ହେମଦସ୍ତାରେ ପ୍ରକାଶଙ୍କ ମୁଣ୍ଡ ଓ ମୁହଁକୁ ଛେଚି ହତ୍ୟା କରିଥିଲେ। ପରେ କେହି ନ ଜାଣିବା ପାଇଁ ଘର ଭିତରେ ଗାତ ଖୋଳି ସେଥିରେ ସ୍ୱାମୀର ମୃତଦେହକୁ ପୋତି ଦେଇଥିଲେ ଜ୍ୟୋସ୍ନା। ଏହାସହ ଘରେ ପଡ଼ିଥିବା ରକ୍ତକୁ କନାରେ ପୋଛି ସଫା କରିଥିଲେ। ପ୍ରମାଣ ନଷ୍ଟ ପାଇଁ ରକ୍ତ ଭିଜା କପଡ଼ାକୁ ଘର ପଛ ପଟେ ପୋଡ଼ି ଦେଇଥଲେ। ଏହି ହତ୍ୟାକାଣ୍ଡରେ ଜ୍ୟୋସ୍ନାଙ୍କୁ ତାଙ୍କ ମାଆ ଅର୍ଥାତ ପ୍ରକାଶଙ୍କ ଶାଶୁ ଡମଣୀ ପ୍ରଧାନ ସହାୟତା କରିଥିଲେ।ପୁଲିସ ଜୋସ୍ନାରାଣୀ ଓ ତାଙ୍କ ମା'ଙ୍କୁ ଅଟକ ରଖିଛି।ତେବେ ଏହି ହତ୍ୟାକାଣ୍ଡରେ ଆଉ କେଉଁ ମାନେ ସଂପୃକ୍ତ ଅଛନ୍ତି ତାର ଛାନଭିନ୍ ଚାଲିଛିଛ ଏହାସହ ହତ୍ୟାରେ ବ୍ୟବହୃତ ହେମଦସ୍ତାକୁ ପୁଲିସ ଜବତ କରିଛି ବୋଲି ଏସଡିପିଓ ସୂଚନା ଦେଇଛନ୍ତି।ଅଭିଯୋଗ ଅନୁସାରେ, ପ୍ରକାଶ ନାୟକ କୋମଣ୍ଡ ଗାଁରେ ନିଜ ଶ୍ୱଶୁର ଘରେ ରହୁଥିଲେ। ୨୦ ଦିନ



ହେବ ସେ ନିଖୋଜ ଥିଲେ। ପ୍ରକାଶ ନିଖୋଜ ଥିବା ନେଇ ତାଙ୍କ ସ୍ତ୍ରୀ ଥାନାରେ କୌଣସି ଅଭିଯୋଗ କରି ନଥିଲେ କି ଖୋଜାଖୋଜି କରି ନଥିଲେ। ଏନେଇ ପ୍ରକାଶଙ୍କ ବାପାଙ୍କର ସନ୍ଦେହ ହୋଇଥିଲା। ଗୁରୁବାର ଦିନ ପୁଅ ନିଖୋଜ ଥିବା ନେଇ ଓଡଗାଁ ଥାନାରେ ଅଭିଯୋଗ କରିବାକୁ ଆସିଥିଲେ। ହେଲେ ସାଙ୍ଗରେ ପୁଅର ଆଧାରକାର୍ଡ ଆଣିନଥିଲେ। ଆଧାରକାର୍ଡ ପାଇଁ ପ୍ରକାଶଙ୍କ ଶ୍ୱଶୁର ଘରକୁ ଯାଇଥିଲେ ତାଙ୍କ ବାପାଛ ଶ୍ୱଶୁର ଘରୁ ଆଧାରକାର୍ଡ ଆଣିଲା ବେଳେ ଘର ଭିତରେ ମାଟି ଖୋଳାହୋଇଥିବା ଦେଖିକାହାକୁକିଛି ନକହି ଆଧାରକାର୍ଡ ନେଇ ଥାନାକୁ ପଳାଇଆସିଥାନାରେ ପୁଅ ନିଖୋଜ ଥିବା ନେଇ ଅଭିଯୋଗ କରିବା ସହ ପୁଅକୁ ହତ୍ୟା କରି ମାଟି ତଳେ ପୋତି ଦିଆଯାଇଛି ବୋଲି ପୁଲିସ ଅଧିକାରୀଙ୍କ ନିକଟରେ କହିଥିଲେ। ପୁଲିସ ପ୍ରକାଶଙ୍କ ଶ୍ୱଶୁରଙ୍କ ଘରକୁ ଯାଇ ଛାନଭିନ୍ ଆରମ୍ଭ କରିଥିଲା ଓ ପରେ ଓଡଗାଁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ ଘରେ ଭିତରେ ମାଟି ଖୋଳି ଦେଖିଲା ବେଳକୁ ପ୍ରକାଶଙ୍କ ମୃତଦେହ ମିଳିଥିଲା। ପ୍ରକାଶଙ୍କୁ ସ୍ତ୍ରୀ ଓ ତାଙ୍କ ପ୍ରେମିକ ମାରି ଦେଇଥିବା ପୁଲିସ ଜାଣିବାକୁ ପାଇଥିଲା। ପରକୀୟା ପ୍ରୀତି ଧରାପଡ଼ିଯିବାରୁ ପ୍ରେମିକ ସହ ସ୍ତ୍ରୀ ମିଶି ଏହି ହତ୍ୟାକାଣ୍ଡ ଘଟାଇଥିବା କୁହାଯାଉଛି। ଗାଁରେ କୌଣସି ବିଶୃଙ୍ଖଳା ପରିସ୍ଥିତି ନ ଉପୁଜିବା ଆଶଙ୍କାରେ ପୁଲିସ ଫୋର୍ସ ମୁତୟନ କରାଯାଇଛ ।୧୦ ଦିନ ତଳେ ଯୋଜନାବଦ୍ଧ ଭାବେ ପ୍ରେମିକ ପ୍ରକାଶ ସହ ମିଶି ସ୍ତ୍ରୀ ଜ୍ୟୋସ୍ନାରାଣୀ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ। ଏହି ହତ୍ୟାକାଣ୍ଡ ଘଟଣାରେ ଜ୍ୟୋସ୍ନାରାଣୀର ମାଆ ଡମୁଣିକୁ ମଧ ସାମିଲ୍ କରିଥିଲେ। ସ୍ୱାମୀକୁ ହତ୍ୟା କରିବା ପରେ ଘର ଭିତରେ ୫ ଫୁଟ ଗଭୀର ଓ ୮ ଫୁଟ ଲମ୍ବର ଗାତ ଖୋଳି ତା' ଭିତରେ ପୋତି ଦେଇଥିଲେ।ଗୁରୁବାରି ରାତିରେ ମା' ଓ ଝିଅଙ୍କୁ ପୁଲିସ ଘଟଣାସ୍ଥଳକୁ ନେଇ କିପରି ହତ୍ୟାକାଣ୍ଡ ଭିଆଇଥିଲେ ତାହାର ଡେମୋ ଦେଖାଇଥିଲେ।

# ଭାରତ ବିକାଶ ପରିଷଦର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଭୁବନେଶ୍ୱର , (ସବ୍ୟୁ) : ଭାରତ ବିକାଶ ପରିଷଦ , ଭୁବନେଶ୍ୱର ଉତ୍ର ଶା ଓ ଆଚାର୍ଯ୍ୟ ବିହାରସ୍ଥ ଲକ୍ଷ ଇନଷ୍ଟିଚ୍ୟୁଟ ଅଫ୍ ଟେକନୋଲିଜର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ରେଡ଼କ୍ରସ ସୋସାଇଟି ଓଡ଼ିଶା ଶାଖାର ଯୁବ ରେଡ଼କ୍ରସ ଅଧିକାରୀ ଡ଼.ରମେଶ ଚନ୍ଦ୍ର ବେହେରା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନ୍ୟ ଅତିଥିମାନଙ୍କ ଗ୍ରହଣରେ ଷନିବାର ପୂର୍ବାହ୍ନ ସାଢ଼େ ୯ଟାରେ ରକ୍ତଦାନ ଶିବିରକୁ ଉଦ୍‌ଗାଟ କରିଥିଲେ। ଭାରି ବିକାଶ ପରିଷଦ , ଉତ୍ତର ଶାଖାର ସଭାପତି ନୀଳମଣୀ କର ଉପସ୍ଥିତ ସମସ୍ତ ଅତିଥି, ଲକ୍ଷ ଇନଷ୍ଟିଚ୍ୟୁଟ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ନାଲକୋର ପୂର୍ବତନ ସିଏମଡ଼ି ଏସକେ ଟୋମାଟିଆ,



ରକ୍ତଦାନ କରୁଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବଦ ସେବା ସହ ନିଜର କୃତଜ୍ଞତା ଜଣାଇଥିଲେ। ଏହି ଶିବିରରୁ ମୋଟ ୭୦ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ବେଳେ ଭାରି ବିକାଶ ପରିଷଦ ଉତ୍ତର ଶାଖାର ସମ୍ପାଦକ ତ୍ରିନାଥ ହୋତା ଧନ୍ୟବାଦ ଦେଇଥିଲେ। ଲକ୍ଷ ଅନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ରାଉତ , କର୍ମଚାରୀ ,ରେଡ଼କ୍ରସ ସଂସ୍ଥାର ସହଯୋଗି ବନ୍ଧୁ ଓ ଭାରତ ବିକାଶ ପରିଷଦର ସମସ୍ତ ସଭ୍ୟସଭ୍ୟାଙ୍କ ମିଳିତ ସହଯୋଗରେ ଏହି ରକ୍ତଦାନ ଶିବିର ସୁଚାରୁ ରୂପେ ଶେଷ ହୋଇଥିଲା।